ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୮ବର୍ଷ ❑ ସଂଖ୍ୟା-୨୨୫ ● କଟକ ● ସୋମବାର ● ୨୪ ମାର୍ଚ୍ଚ-୨୦୨୫ ● ମୀନ-୧୩ ● ସାଲ୍ ୧୪୩୧
CUTTACK ● MONDAY ● 24 MARCH-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ

# ସମର୍ଥନ ଦେବ କେନ୍ଦ୍ର

ଭୁବନେଶ୍ୱର,(ପିପିଏସ୍):

କେନ୍ଦ୍ର ଗୃହ ନିର୍ମାଣ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନୋହରଲାଲ ଖଟ୍ଟର ରବିବାର ଓଡ଼ିଶାରେ ପ୍ରମୁଖ ସହରାଞ୍ଚଳ ବିକାଶ ପଦକ୍ଷେପ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ, କେନ୍ଦ୍ରମନ୍ତ୍ରୀ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ଆଗେଇ ନେବା ପାଇଁ ଭୁବନେଶ୍ୱର, କଟକ, ପୁରୀ ଏବଂ ଖୋର୍ଦ୍ଧାକୁ ଅଭିବୃଦ୍ଧି କେନ୍ଦ୍ର ଭାବରେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମିର ଉନ୍ନତି, ଶିଳ୍ପ ଏବଂ ବାଣିଜ୍ୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ରଣନୈତିକ ଯୋଜନା ଏବଂ ସରକାରୀ-ବେସରକାରୀ ସହଭାଗୀତା ମାଧ୍ୟମରେ ସ୍ଥାୟୀ ସହରୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ। ବୃହତ୍ ଭୁବନେଶ୍ୱର କ୍ଷେତ୍ରର ଅଂଶ ଭାବରେ ଏକ ନୂତନ ସହର ବିକାଶ ପାଇଁ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ପାଇଁ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ଏବଂ ୧୫ତମ ଅର୍ଥ କମିଶନ ଏବଂ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ ପାଣ୍ଠି ସୁଯୋଗ ଅନୁସନ୍ଧାନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାୟୀ ସହରାଞ୍ଚଳ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ଓଡ଼ିଶା ପାଇଁ ୪୦୦ ଇଲେକ୍ଟ୍ରିକ୍ ବସ୍ ନିୟୋଜିତ କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବିତ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ସମୀକ୍ଷା ମଧ୍ୟ କରିଛନ୍ତି ଏବଂ ସହରର ବର୍ଦ୍ଧିତ ସାର୍ବଜନୀନ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ପୂର୍ଣ୍ଣ ସମର୍ଥନକୁ ପୁନଃନିର୍ଦ୍ଦେଶ କରିଛନ୍ତି। ପିଏମ୍ଏୱାଇ-ସହରାଞ୍ଚଳ (ପିଏମ୍ଏୱାଇ-୨) ଅଧୀନରେ ୫୦,୦୦୦ ନୂତନ ଘର ନିର୍ମାଣ ପ୍ରସ୍ତାବ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଖଟ୍ଟର ଅଟଳ ମିଶନ ଫର୍ ରିଜୁଭେନେସନ୍ ଆଣ୍ଡ୍ ଅର୍ବାନ୍ ଟ୍ରାନ୍ସଫର୍ମେସନ୍ ଅଧୀନରେ ଓଡ଼ିଶାର ଅଗ୍ରଗତିକୁ ପ୍ରଶଂସା କରିଥିଲେ, ବିଶେଷକରି ରାଜ୍ୟର ୧୮ଟି ସହରରେ ବର୍ତ୍ତମାନ ଚାଲିଥିବା ୨୪ଘଣ୍ଟିଆ ଜଳ ଯୋଗାଣ ପ୍ରକଳ୍ପ ଭଳି ମାଇଲଖୁଣ୍ଟ ହାସଲ କରିବାରେ। ସ୍ୱଚ୍ଛ ଭାରତ ମିଶନ ୨.୦ ଅଧୀନରେ, ରାଜ୍ୟ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ରଶଂସନୀୟ ଉନ୍ନତି ଦେଖାଇଛି। ଜମି ପୁନରୁଦ୍ଧାର ଏବଂ ସବୁଜ ସହରାଞ୍ଚଳ ସ୍ଥାନ ସୃଷ୍ଟିପାଇଁ ପୁରୁଣା ବର୍ଜ୍ୟବସ୍ତୁ ସ୍ଥାନଗୁଡ଼ିକୁ ସଫା କରିବା ଉପରେ ପ୍ରାଥମିକତା ଦେବାକୁ ଖଟ୍ଟର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ଚା' ଦୋକାନରେ ମାଡ଼ିଗଲା ହାଇୱା ଚାଲିଗଲା ୩ ଜୀବନ

ସୁନ୍ଦରଗଡ଼,(ପିପିଏସ୍):
ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅଧୀନ ଜାମୁଡିହି ଟୋଲଗେଟ୍ ନିକଟକରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଭାରସାମ୍ୟ ହରାଇ ଏକ ଚା'ଦୋକାନ ଭିତରକୁ ମାଡ଼ିଯିବା ଫଳରେ ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁଘଟିଛି। ଅନ୍ୟପକ୍ଷେ ଚା'ଦୋକାନଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁର୍‌ମାର ହୋଇଯାଇଛି। ଖବର ପାଇ ସ୍ଥାନୀୟ ଲୋକେ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଦୋକାନ ଭିତରେ ଆଉ କିଛି ଲୋକ ଚାପି ହୋଇ ରହିଯାଇଥିବା ସୂଚନା ମିଳିଛି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

ନୟାଗଡ଼,(ପିପିଏସ୍):
ସୋମବାରଠୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଥମ ଦିନ ସେ ନୟାଗଡ଼ ଗସ୍ତକରିବେ ସେଠାରେ ପ୍ରଭୁ ନୀଳମାଧବଙ୍କ ଆଶୀର୍ବାଦ ନେବେ। ଏହା ସହ କାଳିଆପଲ୍ଲୀରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେବେ। ଏଥିପାଇଁ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଏହାପୂର୍ବରୁ ନୟାଗଡ଼ ଜିଲ୍ଲାପାଳ, ଏସ୍‌ପି, ଏଡିଜି, କେନ୍ଦ୍ରାଞ୍ଚଳ ଆଇଜି ଓ ଖଣ୍ଡପଡ଼ା ବିଧାୟକ ମହାମହିମଙ୍କ ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସୋମବାର ନୟାଗଡ଼ ଜିଲ୍ଲାକୁ ଦିନକିଆ ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସ୍ୱତନ୍ତ୍ର ବିମାନ ଯୋଗେ ଦିନ ୨ଟା ସମୟରେ କଣ୍ଟିଲୋରେ ପଲଟନ ଅବତରଣ କରିବେ। ସେଠାରୁ ସେ ଡାକବଙ୍ଗଳାକୁ ଯିବେ। ଦିନ ୩ଟା ୧୫ରେ ନୀଳମାଧବ ମନ୍ଦିରକୁ ଗସ୍ତ କରିବେ। ସେଠାରେ ଠାକୁରଙ୍କୁ ଦର୍ଶନ କରି ଆଶିଷ ନେବେ ଏବଂ ଏହା ପରେ ଶବର ରାଜା ବିଶ୍ୱାବସୁଙ୍କ ଗାଁ କାଳିଆପଲ୍ଲୀ ଯିବେ ରାଷ୍ଟ୍ରପତି। ଶବର ସମାଜର ଯଜ୍ଞରେ ସେ ମଧ୍ୟ ଆହୁତି ଦେବେ। ବିଶ୍ୱାବସୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ବିଶ୍ୱାବସୁଙ୍କ ତପସ୍ୟାସ୍ଥଳକୁ ଯିବେ ମହାମହିମ। ଏହାପରେ ସେ ଫେରିଯିବେ ଭୁବନେଶ୍ୱର। ସୁରକ୍ଷା ଦୃଷ୍ଟିରୁ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନୟାଗଡ଼ ଜିଲ୍ଲାପାଳ, ଏସ୍‌ପି, ଏଡିଜି, କେନ୍ଦ୍ରାଞ୍ଚଳ ଆଇଜି ଏବଂ ଖଣ୍ଡପଡା ବିଧାୟକ ପ୍ରମୁଖ ଉପସ୍ଥିତ ରହି ମହାମହିମଙ୍କ ଗସ୍ତର ପ୍ରସ୍ତୁତି ତଦାରଖ କରିଛନ୍ତି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି, ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ରହିଛି। ଲିଫ୍ଟର ଟେଷ୍ଟିଂ ଦୁଇ ଦିନ ତଳେ ହୋଇଥିଲା। ରାଷ୍ଟ୍ରପତି କେଉଁ ମାର୍ଗକୁ ଯିବେ; ତାହାକୁ ସେ ପୁଲିସ୍ ପ୍ରଶାସନ ସହ ତଦାରଖ କରିଛନ୍ତି। ପ୍ରତିଷ୍ଠା କାର୍ଯ୍ୟକ୍ରମରେ ୩ରୁ ୪ହଜାର ଲୋକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ମହାମହିମଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ତିନି ଜଣ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ରହିବାର ସମ୍ଭାବନା ରହିଛି। ଆମେ ମହାମହିମଙ୍କୁ ନୀଳମାଧବ ଆସିବାକୁ ନିମନ୍ତ୍ରଣ କରିଥିଲୁ। ସେ ନିମନ୍ତ୍ରଣ ରକ୍ଷାକରି ଆସୁଛନ୍ତି। ଏଥିପାଇଁ ଆମେ ସମସ୍ତେ ଉତ୍ସାହିତ। ନୀଳମାଧବ ମନ୍ଦିର ପୂଜକ କହିଛନ୍ତି, ରାଷ୍ଟ୍ରପତି ଆଦିବାସୀ ଘରର ଝିଅ। ସେ ସ୍ୱତନ୍ତ୍ର ନୀତିକାନ୍ତିରେ ଆଦିବାସୀ ଦିଅଁ(ଠାକୁର)ଙ୍କ ଦର୍ଶନ କରିବେ। ମହାମହିମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାପରେ ନୀଳମାଧବଙ୍କ ତରଫରୁ ଏକ ଜ୍ଞାତ ସୂଚକ ପ୍ରଦାନ କରାଯିବ। ଏଥିପାଇଁ ଏକ ସ୍ୱତନ୍ତ୍ର ଲିପିବଦ୍ଧ କରାଯାଇଛି। ଏକ ତିନି କିଲୋର ପିତ୍ତଳରେ ପ୍ରସ୍ତୁତ ପଟ୍ଟଚିତ୍ର ପ୍ରଦାନ କରିବୁ। ସୁରକ୍ଷା ପାଇଁ ମନ୍ଦିର ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଯାହାକୁ ଯେଉଁ ଦାୟିତ୍ୱ ଦିଆଯାଇଛି ସମସ୍ତେ ସେପରି ଦାୟିତ୍ୱ ତୁଲାଉଛନ୍ତି।



### କଣ୍ଟିଲୋ ଗସ୍ତକରି ଦର୍ଶନକରିବେ ନୀଳମାଧବଙ୍କୁ

# ଦୁଇଭାଗ ହେବ ଭୁବନେଶ୍ୱର ପୁଲିସ ଜିଲ୍ଲା !

ଭୁବନେଶ୍ୱର,(ପିପିଏସ୍):
ଭୁବନେଶ୍ୱର କମିଶନରେଟ୍ ପୁଲିସର ହେବ ନବକଳେବର। ଭାଗ ଭାଗ ହେବ ଭୁବନେଶ୍ୱର ସହରାଞ୍ଚଳ ପୁଲିସ୍ ଜିଲ୍ଲା। ଗଠନହେବ ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ ୟୁପିଡି। ଅପରାଧଠୁ ଅଲଗା ହେବ ଆଇନଶୃଙ୍ଖଳା ବିଭାଗ। କ୍ରାଇମ୍ ଡ୍ୟୁଟିରେ ଥିବା ପୁଲିସ ବୁଝିବେନି ଆଇନଶୃଙ୍ଖଳା ସ୍ଥିତି ଏବଂ ଭିଭିଆଇପି ଡ୍ୟୁଟି। ବଢୁଥିବା ଅପରାଧ ହାର ନିୟନ୍ତ୍ରଣ ପାଇଁ କମିଶନରେଟ୍ ପୁଲିସ କରିଛି ବଡ଼ ଯୋଜନା। 'ବାଇ-ଲ' ଅନୁସାରେ ଅପରାଧ ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପରସ୍ପରଠୁ ସମ୍ପୂର୍ଣ୍ଣ ଅଲଗା କରିବାକୁ ପୁଲିସ୍ ଡିଜିଙ୍କୁ କଟକ-ଭୁବନେଶ୍ୱର ପୁଲିସ କମିଶନରେଟ ପ୍ରସ୍ତାବ ଦେଇଛି। ଏହି ଅନୁସାରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାକୁ ଦୁଇଭାଗ କରାଯିବ। ଭୁବନେଶ୍ୱର ଇଷ୍ଟ ଓ ଭୁବନେଶ୍ୱର ୱେଷ୍ଟ। ପ୍ରତି ପୁଲିସ୍ ଜିଲ୍ଲା ଦାୟିତ୍ୱରେ ରହିବେ ଜଣେ ଲେଖାଏଁ ଡିସିପି ଏବଂ ରହିବ ୩ଟି ଲେଖାଏଁ ଜୋନ୍। ଭୁବନେଶ୍ୱର ଇଷ୍ଟ୍ ପୁଲିସ୍ ଜିଲ୍ଲା ଅଧୀନରେ କ୍ୟାପିଟାଲ୍, ଶ୍ରୀ ଲିଙ୍ଗରାଜ ଓ ଇଷ୍ଟର୍ଣ୍ଣ ଜୋନ୍ ପାଇଁ ପ୍ରସ୍ତାବ ରହିଥିବା ବେଳେ ଭୁବନେଶ୍ୱର ୱେଷ୍ଟ ପୁଲିସ୍ ଜିଲ୍ଲା ଅଧୀନରେ ଆଉ ତିନିଟି ଜୋନ୍ ଖଣ୍ଡଗିରି, ମୈତ୍ରୀବିହାର ଓ ନନ୍ଦନକାନନ ଜୋନ୍ ରହିବ। ୨୦୦୮ ମସିହାରେ ଯେତେବେଳେ କଟକ-ଭୁବନେଶ୍ୱର ପୁଲିସ୍ କମିଶନରେଟ୍ ଗଠନ ହେଲା ସେତେବେଳେ ରାଜଧାନୀ ସହରର ଜନସଂଖ୍ୟା ଥିଲା ୧୨ ଲକ୍ଷ ୬୬ ହଜାର। ଆଉ ସେଇ ଆଧାରରେ ୧୬ଟି ଥାନା ଥିଲା। ୨୦୨୪ ସୁଦ୍ଧା ଭୁବନେଶ୍ୱରର ଲୋକସଂଖ୍ୟା ଦୁଇ ଗୁଣାରୁ ଅଧିକ ବୃଦ୍ଧିହୋଇ ୨୭ଲକ୍ଷ ୬୪ ହଜାରକୁ ପହଞ୍ଚିଲାଣି। ପୂର୍ବ ସରକାର ସମୟରେ ବାରମ୍ବାର ଗୃହ ବିଭାଗ ପାଖକୁ ଏଭଳି ପ୍ରସ୍ତାବ ଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ମାନବସମ୍ବଳର ଅଭାବ ଦର୍ଶାଇ କାଟ୍ ଖାଇ ଚାଲିଥିଲା ପ୍ରସ୍ତାବ । ହେଲେ ଏଥର ସରକାର ଏ ପ୍ରସ୍ତାବକୁ ଗୁରୁତ୍ୱ ଦେବା ସହ ମାନବସମ୍ବଳ ବୃଦ୍ଧି ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ଯାଉଛନ୍ତି।




## 'ସେକ୍ସଟର୍ସନ' ଅଭିଯୋଗରେ ନାଇଜେରିଆ ନାଗରିକ ଗିରଫ

# ଦିଲ୍ଲୀରୁ ଗିରଫ କଲା କମିଶନରେଟ୍ ପୁଲିସ

କଟକ,(ପିପିଏସ୍): କଟକରେ ସେକ୍ସଟର୍ସନ ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ବିଦେଶୀ ନାଗରିକ ଗିରଫ ହୋଇଛନ୍ତି। ନାଇଜେରିଆର ଜଣେ ନାଗରିକଙ୍କୁ କମିଶନରେଟ ପୁଲିସ ଗିରଫ କରିଛି। କଟକର ଜଣେ ବ୍ୟକ୍ତିଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିବା ସହ ବ୍ଲାକମେଲ୍ କରି ଟଙ୍କା ମାଗୁଥିଲା। ଲକ୍ଷାଧିକ ଟଙ୍କା ନେବାପରେ ମଧ୍ୟ ବିଦେଶୀ ନାଗରିକ ଜଣକ ଆହୁରି ଟଙ୍କା ମାଗିଥିଲା। ହେଲେ ପୀଡ଼ିତ ବ୍ୟକ୍ତି ଟଙ୍କା ନଦେବାରୁ ତାଙ୍କ ଫଟୋ ଭିଡିଓକୁ ନାଇଜେରିଆର ନାଗରିକ ଜଣକ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା। ଫଳରେ ସଂପୃକ୍ତ ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଦିଲ୍ଲୀରୁ ଜଣେ ନାଇଜେରିଆ ନାଗରିକଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ। ଏସମ୍ପର୍କରେ କଟକ ଡିସିପି କହିଛନ୍ତି, ଗିରଫ ନାଇଜେରିଆ ନାଗରିକଙ୍କୁ ରିମାଣ୍ଡରେ ଆଣିବୁ । ସେ ଏକାଧିକ ବ୍ୟକ୍ତିର ପରିଚୟ ଦେଇ ଠକେଇ କରିଛନ୍ତି। ନ୍ୟୁଜିଲାଣ୍ଡରୁ ମଧ୍ୟ ପେମେଣ୍ଟ ତାଙ୍କ ଆକାଉଣ୍ଟକୁ ଆସିଛି। ସେ ଆହୁରି କହିଛନ୍ତି ଯେ ଅଭିଯୁକ୍ତଠୁ ୫ ମୋବାଇଲ୍ ଓ ୮ଟି ସିମ୍ ଜବତ କରିଛୁ। ଯଦି ଆଉ କେହି ଠକାମୀର ଶିକାର ହୋଇଛନ୍ତି ଜଣାଇପାରିବେ। ଅନେକ ଫେକ୍ ପ୍ରୋଫାଇଲ୍ ତା ମୋବାଇଲ୍‌ରୁ ମିଳିଛି। ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରିବୁ ବୋଲି କଟକ ଡିସିପି କହିଛନ୍ତି।

## ବାଙ୍ଗିରିପୋଷି ଓ ବିଶୋଇ ବ୍ଲକ୍‌ରେ କାଳବୈଶାଖୀ

# କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନକଲେ ରାଜସ୍ୱ ମନ୍ତ୍ରୀ

ବାରିପଦା,(ପିପିଏସ୍): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଦୁଇ ଦିନ ପୂର୍ବେ ପ୍ରବଳ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗରିପୋଷୀ ବ୍ଲକ୍‌ର ସୋରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକ୍‌ର ଖଡ଼ମବେଡ଼ା, ପୁଣ୍ଡିଦା, କେଶରଗଡ଼ିଆ, ସାରସପଡ଼ା, ମୂଷାମାରି, ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେଦିନ ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତ୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ରାଜସ୍ୱମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଧାୟକ ଭାଦବ ହାଁସଦା, ପଦ୍ମ ଚରଣ ହାଇବ୍ରୁରୁ ଓ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମଚନ୍ଦ୍ର ସୋରେନ, କାହ୍ନୁ ସୋରେନ ଏବଂ ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ତାଙ୍କ କାର୍‌କେଡ୍ ଉପରେ ପଥର ମାଡ଼ ହୋଇଥିବା ଖବର ମିଳିଛି। ଉତ୍ୟକ୍ତ ଗ୍ରାମବାସୀ ବାଙ୍ଗିରିପୋଷି ରେଳ ଫାଟକ ଠାରେ କାର୍‌କେଡକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ କାର୍ ନ ଅଟକିବାରୁ ସରକାରୀ ସହାୟତା ପ୍ରଦାନରେ ବିଳମ୍ବ ଆଳରେ ଦୁର୍ବୃତ୍ତମାନେ କାର୍ ଉପରକୁ ଢେଲାପଥର ଫିଙ୍ଗିଥିଲେ ବୋଲି ଜଣାପଡ଼ିଛି। ତେବେ ଏହା ଏକ ନିର୍ଦ୍ଦିଷ୍ଟଗୋଷ୍ଠୀର ପ୍ରଯୋଜିତ କାର୍ଯ୍ୟ ବୋଲି ବାଙ୍ଗିରିପୋଷି ବିଧାୟିକା କହିଛନ୍ତି। ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦ୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ଶିଶୁଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚାରି ବୁଝିଥିଲେ। ଏଭଳି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ଶ୍ରୀ ପୂଜାରୀ ସାନ୍ତ୍ୱନା ଦେଇଥିଲେ। ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭିତ୍ତିରେ ଏ ବାବଦରେ କ୍ଷତିପୂରଣ ରାଶି ତୁରନ୍ତ ଡିବିଟି ଜରିଆରେ ବ୍ୟାଙ୍କଖାତାରେ ପ୍ରଦାନ କରାଯିବ। ଅନ୍ୟାନ୍ୟ ବାବଦରେ କ୍ଷତିପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତିଗ୍ରସ୍ତ ଲୋକ ଯେମିତି କ୍ଷତି ପୂରଣ ପାଇବାରୁ ବାଦ୍‌ପଡନ୍ତି ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏତଦ ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ଚାହିଁଲେ ଶେଲ୍‌ଟର ସେଣ୍ଟରରେ ରହିପାରିବେ ଏବଂ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି।





## ସମ୍ପାଦକୀୟ

### ନ୍ୟାୟପାଳିକାର ପ୍ରତିଷ୍ଠା

## ବାଟେଘାଟେ



ଗଣମାଧ୍ୟମରେ ପ୍ରଚାର ଚାଲିଛି
ସୁନାଦର ଲକ୍ଷେ ଟଙ୍କା
ଆକାଶଛୁଆଁ ଏ ଦରକୁ ଶୁଣିଣ
ଗୃହିଣୀଙ୍କ ମନେ ଶଙ୍କା
ଗହଣା ଦୋକାନ ଫାଙ୍କା
କାରିଗର ହାତ ବାନ୍ଧିଣ ବସିଛି
ପିଠିରେ ବାଜୁଛି ଡଙ୍କା
କପାଳ ହେଲାଣି ବଙ୍କା
ଓ୍ୱାନ ଗ୍ରାମ ଗୋଲଡ ଗହଣା ଦୋକାନ
ଆଧୁନିକ ସ୍ୱର୍ଣ୍ଣ ଲଙ୍କା -ରାହୀ

# ବୋଥ୍ରାଙ୍କ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା

## ନବ ଦାସ ହତ୍ୟାକାଣ୍ଡ ପ୍ରସଙ୍ଗରେ ଇସାରା କି ?

ଭୁବନେଶ୍ୱର,(ପିପିଏସ୍):
ପୂର୍ବତନ କ୍ରାଇମବ୍ରାଞ୍ଚ ଆଇଜି ତଥା ଆଇପିଏସ୍ ଅରୁଣ ବୋଥ୍ରାଙ୍କ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ବଢ଼ିବାରେ ଲାଗିଛି ଚର୍ଚ୍ଚା। ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାରେ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କୁ କ୍ଲିନ୍‌ଚିଟ୍ ମିଳିବା ପରେ ଅରୁଣ 'ଏକ୍ସ' ରେ ଏକ ପୋଷ୍ଟ କରିଛନ୍ତି। ଜାତୀୟ ଗଣମାଧ୍ୟମର ଖବରକୁ ରିପୋଷ୍ଟ କରି ବୋଥ୍ରା ଲେଖିଛନ୍ତି, ଚାରି ବର୍ଷ ପୂର୍ବେ, ମୁମ୍ବାଇ ପୁଲିସକୁ ଅନେକ ଟିଭି ଆଙ୍କର ଓ ଅଗଣିତ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଭିତ୍ତିହୀନ ଅଭିଯୋଗ ସହ ନିନ୍ଦିତ କରାଯାଇଥିଲା। ହେଲେ ଏବେ, ଏହା ସ୍ପଷ୍ଟ ଯେ ପୁଲିସ୍ ବୃତ୍ତିଗତ ଭାବେ ନିଜର ତଦନ୍ତ କରିଥିଲା । ଅପରାଧ ତଦନ୍ତ ବିଷୟରେ କୌଣସି ଧାରଣା ନଥିବା ଲୋକମାନେ ମିଛ ଏବଂ ଅପବାଦପୂର୍ଣ୍ଣ ମନ୍ତବ୍ୟ ଦେଇ ପ୍ରଚାର ସୃଷ୍ଟି କରିପାରିବେ। କିନ୍ତୁ ଶେଷରେ, କେବଳ ପ୍ରମାଣ ଏବଂ କୋର୍ଟ ରାୟ ଗୁରୁତ୍ୱ ରଖେ ବୋଲି ବୋଥ୍ରା ଲେଖିଛନ୍ତି। ହେଲେ ପ୍ରଶ୍ନଉଠୁଛି ବୋଥ୍ରାଙ୍କ ଏ ପୋଷ୍ଟ କାହିଁକି ? ସୂଚନାଯୋଗ୍ୟ, ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ପ୍ରଥମେ ତଦନ୍ତ ଦାୟିତ୍ୱ ଥିଲା ଅରୁଣ ବୋଥ୍ରାଙ୍କ ପାଖରେ। ହେଲେ ତଦନ୍ତ ପ୍ରକ୍ରିୟାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହେବାପରେ ଏବେ ପୁଣି ଥରେ କ୍ରାଇମବ୍ରାଞ୍ଚ ସାନି ତଦନ୍ତ ଆରମ୍ଭ କରିଛି। ତେଣୁ ସୁଶାନ୍ତ ସିଂ ପ୍ରସଙ୍ଗରେ ଅରୁଣଙ୍କ ଏ ପୋଷ୍ଟ କେଉଁ ଦିଗକୁ ଇଙ୍ଗିତ କରୁଛି। ତା'କୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ 'ଏକ୍ସ'ପୋଷ୍ଟକୁ ନେଇ ଅରୁଣ ବୋଥ୍ରା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । ତେଣେ ନବ ଦାସଙ୍କ ହତ୍ୟାକାଣ୍ଡର ତଦନ୍ତ ଜାରିରହିଛି। ଏହି କିଛି ଦିନ ଜେରା ଭିତରେ ନବଙ୍କ ପରିବାରଙ୍କ ସମେତ ୧୫ଜଣଙ୍କୁ ଜେରା ପରେ ଏଥର ପଡ଼ିବ କି ଅଭିଯୁକ୍ତ ଗୋପାଳ ଦାସଙ୍କ ପାଳି ? ଏଭଳି ଆଲୋଚନା ଆରମ୍ଭହୋଇଛି। ନବଙ୍କୁ ବ୍ରଜରାଜନଗର ବିଚ୍ ରାସ୍ତା ଉପରେ ଗୁଳିମାରି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ପୋଲିସ୍ ଏଏସ୍‌ଆଇ ଗୋପାଳ ଦାସଙ୍କୁ ହୋଇପାରେ ପଚରାଉଚରା। ଚୌଦ୍ୱାର ଜେଲ୍‌ରେ ଥିବା ଗୋପାଳଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିବ। ପୂର୍ବ ସରକାରରେ ପୂର୍ବ ତଦନ୍ତକାରୀ ଟିମ୍‌ରେ ଗୋପାଳଙ୍କୁ ବି ଜେରା କରାଯାଇଥିଲା। ଗୁଜରାଟକୁ ନେଇ ପଲିଗ୍ରାଫ୍ ଟେଷ୍ଟ ବି କରିଥିଲା କ୍ରାଇମବ୍ରାଞ୍ଚ। ହେଲେ ସେଥିରୁ କ'ଣ ମିଳିଥିଲା, କ'ଣ କହିଥିଲା ଗୋପାଳ ସେ କଥା ଜଣାପଡ଼ିନଥିଲା କି ସାମ୍ନାକୁ ଆସିନଥିଲା। କିନ୍ତୁ ଏବେ କ୍ରାଇମବ୍ରାଞ୍ଚର ନୂଆ ଟିମ୍ ତଦନ୍ତ ପରିସରକୁ ବଢ଼ାଇଛି। ସବୁ ଦିଗକୁ ନେଇ ତଦନ୍ତ କରିବା ସହ ଗୋପାଳଙ୍କୁ ପୁଣି ଜେରା କରିପାରେ। ୫ଦିନ ଧରି ତଦନ୍ତ ପରେ ଝାରସୁଗୁଡ଼ା ଛାଡ଼ିଛି କ୍ରାଇମବ୍ରାଞ୍ଚ ଟିମ୍। ଏହି ୫ଦିନରେ କ୍ରାଇମବ୍ରାଞ୍ଚ ନବଙ୍କ ପରିବାରକୁ ଦୁଇ ଥରରୁ ଅଧିକ ପଚରାଉଚରା କରିବା ସହ ନବଙ୍କୁ ଗୁଳି ମାଡ଼ ପରେ ଚିକିତ୍ସା କରିଥିବା ଡାକ୍ତର, ଝାରସୁଗୁଡ଼ା ବିମାନ ବନ୍ଦର କର୍ତ୍ତୃପକ୍ଷ, ବିମାନର ପାଇଲଟ୍, ଗୁଳିମାଡ଼ ସହ ସଂପୃକ୍ତ ଥିବା ପ୍ରାୟ ସମସ୍ତଙ୍କୁ ଜେରା ଓ ପଚରାଉଚରା କରିଛି ତଦନ୍ତକାରୀ ସଂସ୍ଥା। ସୂଚନାଯୋଗ୍ୟ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ଇତିମଧ୍ୟରେ ୨ବର୍ଷ ପୂରିଛି । ୨୦୨୩ ମସିହା ଜାନୁଆରୀ ୨୯ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ଗାନ୍ଧି ଛକରେ ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ନବ ଦାସଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା। ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏୟାରଲିଫ୍ଟ କରି ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଝାରସୁଗୁଡାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ବିଜେପି ନେତା ଜୟନାରାୟଣ ମିଶ୍ର ଅଭିଯୋଗ କରିଥିଲେ।





### ଗୋପାଳଙ୍କୁ ଜେରାକରିବ କ୍ରାଇମ୍‌ବ୍ରାଞ୍ଚ !

# ସୁନ୍ଦରଗଡ଼ରେ ଡବଲମର୍ଡର

ରାଉରକେଲା,(ପିପିଏସ୍):
ସୁନ୍ଦରଗଡ଼ ଜିଲ୍ଲାର ଗଡ଼ ତୁମୁଲିଆ ଅଞ୍ଚଳରେ ଶନିବାର ସଂଧ୍ୟାରେ ଘଟିଛି ଏକ ନାରକୀୟ କାଣ୍ଡ। ରିଙ୍କୁ ସ୍ୱିର ନାମକ ୨୫ ବର୍ଷର ଯୁବକ ଟାଙ୍ଗିଆରେ ତାର ଖୁଡି ଓ ଖୁଡ଼ିର ମାଆଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଛି । ମୃତକଦ୍ୱୟ ହେଲେ ଖୁଡିମା' ବିଳାସିନୀ ସୁଏର (୪୯ ବର୍ଷ) ଓ ଆଈ ରୁକ୍ମଣୀ ଭୈଶାଳ (୭୦ବର୍ଷ)। ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି ହେମଗିର ଥାନାକୁ ଆଣିଥିବା ଜଣାପଡ଼ିଛି। ତେବେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ପାରିବାରିକ ଗଣ୍ଡଗୋଳ କାରଣରୁ ଏହା ଘଟିଥିବା ଅନୁମାନ କରାଯାଉଛି। ହତ୍ୟାକରି ପୁତୁରା ଫେରାର ହୋଇଯାଇଥିବା ବେଳେ ପରେ ପୁଲିସ୍ ତାକୁ କାବୁ କରିବାରେ ସକ୍ଷମ ହୋଇଛି। ସଂଧ୍ୟା ସମୟରେ ଉଭୟ ମା' ଓ ଝିଅ ପାଣି ନେଇ ଘରକୁ ଆସୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ପରେ ହେମଗିର ପୁଲିସ୍ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାର ଜଣାପଡ଼ିଛି। ଅନ୍ୟପଟେ ଅଭିଯୁକ୍ତ ପୁତୁରା ଅନେକ ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ଗାଁରେ ବୁଲାବୁଲି କରୁଥିବା ବେଳେ କାହିଁକି ଏହିଭଳି କାଣ୍ଡ ଭିଆଇଲା ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଜାରିରହିଛି।





# ଅତ୍ୟନ୍ତ ଶୁଭ ଜେଡ୍ ପ୍ଲାଣ୍ଟ



**ଜେ**ଡ୍ ପ୍ଲାଣ୍ଟ ହେଉଛି ଏକପ୍ରକାର ଇଣ୍ଡୋର ପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ପ୍ଲାଣ୍ଟକୁ ଲକି ପ୍ଲାଣ୍ଟ ତଥା ଫ୍ରେଣ୍ଡସିପ୍ ପ୍ଲାଣ୍ଟ ବି କୁହାଯାଇଥାଏ। କାରଣ ଏହି ଗଛକୁ ଘରେ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ବନ୍ଧୁତାରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାସ କରାଯାଏ। ଭାଗ୍ୟ ଓ ଧନକୁ ସ୍ୱାଗତ କରୁଥିବା ଏହି ଗଛକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ମୁଖ୍ୟଦ୍ୱାର ପାଖରେ ଏହାକୁ ରଖିଲେ, ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଊର୍ଜାକୁ ଏହା ରୋକିଥାଏ। ମୁଖ୍ୟଦ୍ୱାର ବ୍ୟତିତ ଏହାକୁ ଘରର ହଲ୍ କିମ୍ବା ଡ୍ରଇଂ ରୁମ୍ର ଦକ୍ଷିଣ-ପୂର୍ବ ଦିଗ ଏପରିକି ଲିଭିଂ ରୁମ୍ର ଝରକା ପାଖରେ ବି ରଖିପାରିବେ। ଧ୍ୟାନ ଦେବେ ଏହି ଗଛକୁ ମଝିରେ ମଝିରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବେ। କାରଣ ଏହି ଗଛ ଉପରେ ଆଲୋକ ପଡିଲେ, ଏହା ସକାରାତ୍ମକ ଊର୍ଜା ଉତ୍ପନ୍ନ କରି ଘରେ ସୁଖସମୃଦ୍ଧି ବୃଦ୍ଧି କରିଥାଏ। ତା'ସହିତ ପରିବାରର ସଦସ୍ୟଙ୍କ ଭିତରେ ଉତ୍ସାହ ଓ ଆତ୍ମବିଶ୍ୱାସ ମଧ୍ୟ ଭରି ଦେଇଥାଏ। ଯେହେତୁ ଏହି ଗଛର ସମ୍ପର୍କ ଧନ ସହିତ ରହିଛି ତେଣୁ ଏହାକୁ କେବେ ବି ଅନ୍ଧାରୁଆ ତଥା ଅପରିଷ୍କାର ସ୍ଥାନରେ ରଖିବେ ନାହିଁ। ବେଡ୍ରୁମ୍ରେ ମଧ୍ୟ ଏହାକୁ ରଖିବା ଶୁଭପ୍ରଦ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ତା'ସହିତ ଏହି ଗଛକୁ କେବେ ବି ୩ ଫୁଟରୁ ଅଧିକ ବଢିବାକୁ ଦେବା ବି ଠିକ୍ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# କୁଣ୍ଡରୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ



**କୁ**ଣ୍ଡରେ ବିଭିନ୍ନ ଫୁଲ, ଫଳ, ପରିବା ଆଦି ଗଛ ଲଗାଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଖରାଦିନେ କୁଣ୍ଡ ଭିତରେ ପିମ୍ପୁଡ଼ି ବସା ବାନ୍ଧିବା ଯୋଗୁ ଗଛ ଝାଉଁଳିପଡ଼ିବା କିମ୍ବା କେବେ କେବେ ମରିଯାଉଥିବା ଦେଖିବାକୁ ମିଳେ। ଯଦି ଆପଣ ବି ଏଥିପାଇଁ ଚିନ୍ତିତ ତେବେ ଜାଣିରଖନ୍ତୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ...

ଏକ ବଡ଼ ଟବ୍ରେ ୪-୫ ଲିଟର ପାଣି ନେଇ ସେଥିରେ ୧ କପ୍ ଡିସ୍ ୱାଶ ପାଉଡର ମିଶାନ୍ତୁ। ପିମ୍ପୁଡ଼ି ହେଉଥିବା କୁଣ୍ଡକୁ ଏହି ଟବ୍ ଭିତରେ କିଛି ସମୟ ରଖନ୍ତୁ , ଦେଖିବେ ପିମ୍ପୁଡ଼ି ମରିଯିବେ।

କଫିର ଷ୍ଟ୍ରଙ୍ଗ୍ ଫ୍ଲେଭର ପିମ୍ପୁଡ଼ିକୁ ଭଲ ଲାଗି ନ ଥାଏ। ତେଣୁ କୁଣ୍ଡ ଭିତରେ କିଛି କଫି ପାଉଡର ପକାନ୍ତୁ। ଏହାଦ୍ୱାରା ନା କେବଳ ପିମ୍ପୁଡ଼ି ଚାଲିଯିବେ ବରଂ ଗଛକୁ କିଛି ପୋଷକତତ୍ତ୍ୱ ମଧ୍ୟ ମିଳିଯିବ।

ପାଣିରେ ନିମ୍ବତେଲ ବା ନିମ୍ ଅଏଲ ମିଶାଇ ଗଛମୂଳରେ ଏବଂ ପତ୍ରରେ ସ୍ପ୍ରେ କରନ୍ତୁ। ଏହାଦ୍ୱାରା ପିମ୍ପୁଡ଼ି ଚାଲିଯିବେ।

ପିମ୍ପୁଡ଼ି ଦୂରକରିବା ଲାଗି ଲେମ୍ବୁରସ ମଧ୍ୟ ବ୍ୟବହାର କଲେ ଉପକୃତ ହୋଇପାରିବେ। ପାଣିରେ ସମାନ ପରିମାଣର ଲେମ୍ବୁରସ ମିଶାଇ ଏହାକୁ ସ୍ପ୍ରେ ବଟଲରେ ଭର୍ତ୍ତି କରନ୍ତୁ। ଏହାକୁ ପିମ୍ପୁଡ଼ି ଲାଗିଥିବା କୁଣ୍ଡରେ ଭଲ ଭାବେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲିଯିବେ।

କୁଣ୍ଡ ଚାରିପଟେ ଲଙ୍କାଗୁଣ୍ଡ, ପିପରମିଣ୍ଟ, ଡାଲଚିନି ଗୁଣ୍ଡ, ବେକିଂ ସୋଡ଼ା ଆଦି ପକାଇଲେ ବି ଉପକୃତ ହୋଇପାରିବେ।

ପାଣିରେ ତେଲ ଏବଂ ଡିଟରଜେଣ୍ଟ ମିଶାଇ କୁଣ୍ଡ ଚାରିକଡ଼େ ସ୍ପ୍ରେ କଲେ ବି ପିମ୍ପୁଡ଼ି ଦୂରହେବେ।

ଅତି ଆବଶ୍ୟକସ୍ଥଳେ ଡାୟାଟୋମାସିଅସ୍ ଆର୍ଥ ଭଳି ଜୈବିକ କୀଟନାଶକ ବ୍ୟବହାର କରନ୍ତୁ। ମନେରଖନ୍ତୁ ଶୁଖିଲା ମାଟିରେ ଏହାକୁ ବ୍ୟବହାର କରନ୍ତୁ। କାରଣ ମାଟି ଓଦା ଥିବା ବେଳେ ଏହା ଭଲ କାମ କରି ନ ଥାଏ।

କୁଣ୍ଡ ବାହାରେ ଗାମାକ୍ସିନ୍ ପାଉଡର ପକାଇଲେ ବି ପିମ୍ପୁଡ଼ି ଆସିବେ ନାହିଁ।

# ମାଛ କଣ୍ଟା ଲାଗିଥିଲେ



**ମା**ଛ ଖାଇବା ସମୟରେ ଅସାବଧାନତା ବଶତଃ ବେଳେବେଳେ ତଣ୍ଟିରେ କଣ୍ଟା ଲାଗିଯାଇଥାଏ। ଏଥିପାଇଁ ଅନେକ କଷ୍ଟ ହୋଇଥାଏ। ଫଳରେ ଆମକୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଥାଏ। କିନ୍ତୁ ଏମିତି କିଛି ଘରୋଇ ଉପଚାର ଅଛି ଯାହାକୁ ପ୍ରୟୋଗ କଲେ ଆଉ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବନି। ସହଜରେ ତଣ୍ଟିରୁ କଣ୍ଟା ବାହାରିଯିବ। ଜାଣନ୍ତୁ ଏ ସମ୍ପର୍କରେ-

ଶୁଖିଲା ରୁଟି : ତଣ୍ଟିରେ ମାଛକଣ୍ଟା ଲାଗିଥିଲେ ଶୁଖିଲା ରୁଟିକୁ ଗିଳିଦିଅନ୍ତୁ। ଏହା ଦ୍ୱାରା ସହଜରେ ତଣ୍ଟିରୁ କଣ୍ଟା ବାହାରି ଯାଇଥାଏ।

ଅଲିଭ ଅଏଲ : ତଣ୍ଟିରୁ ମାଛକଣ୍ଟା ବାହାରୁ ନ ଥିଲେ ସଙ୍ଗେ ସଙ୍ଗେ କିଛି ଅଲିଭ ଅଏଲକୁ ପିଇ ଦିଅନ୍ତୁ। ଦେଖିବେ କଣ୍ଟା ବାହାରିବାରେ ଏହା ଏକ ଭଲ ଉପାୟ।

ପାଚିଲା କଦଳୀ : ତଣ୍ଟିରୁ ମାଛକଣ୍ଟା ବାହାର କରିବା ପାଇଁ ଆଉ ଏକ ସହଜ ଉପାୟ ହେଲା ପାଚିଲା କଦଳୀକୁ ଗିଳିଦେବା। କଦଳୀ ଗିଳିବା ଦ୍ୱାରା କଣ୍ଟା ଭିତରକୁ ଚାଲିଯାଏ।

ଭାତ : ତଣ୍ଟିରେ ମାଛକଣ୍ଟା ଲାଗିଥିଲେ ଆଦୌ ବ୍ୟସ୍ତ ନ ହୋଇ ଶୁଖିଲା ଭାତକୁ ଗୁଣ୍ଡା କରି ଗିଳି ଦିଅନ୍ତୁ। ଦେଖିବେ ସଙ୍ଗେ ସଙ୍ଗେ କଣ୍ଟା ବାହାରି ଯିବ।

ଚୁଡ଼ା : କଞ୍ଚା ଚୁଡ଼ାକୁ ଭିଜାଇ ତାହାକୁ ବଲ ଆକାର କରି ଗିଳି ଦିଅନ୍ତୁ। କଣ୍ଟା ବାହାରିଯିବ।

# ପୂଜାରେ କାହିଁକି ବ୍ୟବହାର ହୁଏ ପଞ୍ଚାମୃତ




**ପ୍ର**ତ୍ୟେକ ପୂଜାରେ କାହିଁକି ବ୍ୟବହାର ହୁଏ ପଞ୍ଚାମୃତ

ହିନ୍ଦୁ ଧର୍ମରେ ପ୍ରତ୍ୟେକ ପୂଜାପାଠକୁ ବହୁତ ନିଷ୍ଠାର ସହ କରାଯାଏ। ପୂଜାପାଠରେ ପଞ୍ଚାମୃତ ବ୍ୟବହାର କରିବା ଏକ ସାଧାରଣ କଥା। ଏହା ବିନା କୌଣସି ଧାର୍ମିକ ରୀତିନୀତି ସମ୍ପୂର୍ଣ୍ଣ ନୁହେଁ। ସେଥିପାଇଁ ଛୋଟ-ବଡ ସବୁ ପୂଜାରେ ପଞ୍ଚାମୃତ ଭୋଗ କରାଯାଏ। ପାଞ୍ଚଟି ଜିନିଷର ମିଶ୍ରଣରେ ଏହା ତିଆରି ହେଉଥିବାରୁ ଏହାକୁ ପଞ୍ଚାମୃତ କୁହାଯାଏ। ଏହି ମିଶ୍ରଣ ଅମୃତ ସହିତ ସମାନ ବୋଲି କୁହାଯାଏ। ଆପଣ କେବେ ଚିନ୍ତା କରିଛନ୍ତି କି ହିନ୍ଦୁ ଧର୍ମରେ ପଞ୍ଚାମୃତକୁ କାହିଁକି ଏତେ ସ୍ୱତନ୍ତ୍ର ବୋଲି ବିବେଚନା କରାଯାଏ ? ଆସନ୍ତୁ ଜାଣିବା ଏହାର ମହତ୍ତ୍ୱ।

**ପଞ୍ଚାମୃତ କ'ଣ:** କ୍ଷୀର, ଦହୀ, ମହୁ, ଚିନି ଏବଂ ଘିଅକୁ ମିଶାଇ ପଞ୍ଚାମୃତ ପ୍ରସ୍ତୁତ ହୁଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ, ପୂଜାପାଠରେ ପଞ୍ଚାମୃତ ବ୍ୟବହାର କରିବା ଏବଂ ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ପଞ୍ଚାମୃତରେ ବ୍ୟବହୃତ ସମସ୍ତ ଜିନିଷରେ ଅନେକ ଗୁଣ ରହିଛି। ଏସବୁକୁ ପବିତ୍ର ବୋଲି ମଧ୍ୟ ଧରାଯାଏ। ପବିତ୍ର ଜିନିଷ ସବୁବେଳେ ଭଗବାନଙ୍କୁ ଅର୍ପଣ କରାଯାଏ। ତେଣୁ ଧର୍ମିକ ଦୃଷ୍ଟିରୁ ପୂଜାପାଠରେ ପଞ୍ଚାମୃତର ବିଶେଷ ଗୁରୁତ୍ୱ ରହିଛି ବୋଲି ବିବେଚନା କରାଯାଏ।

**ପଞ୍ଚାମୃତର ଲାଭ:** ପଞ୍ଚାମୃତରେ ଅମୃତ ପରି ଗୁଣ ରହିଥାଏ। ଏହା ସାତ୍ତ୍ୱିକ ଏବଂ ଶୁଦ୍ଧ ମଧ୍ୟ। ଏଥିରେ ଥିବା ସମସ୍ତ ଜିନିଷ ଜୀବନ ଉପରେ କୌଣସି ନା କୌଣସି ପ୍ରକାରେ ସକରାତ୍ମକ ପ୍ରଭାବ ପକାଇଥାଏ ଏବଂ ମନକୁ ଶୁଦ୍ଧ କରିଥାଏ। ପଞ୍ଚାମୃତରେ ଥିବା ପାଞ୍ଚଟି ଜିନିଷରେ ମିଳିଥିବା ଗୁଣଗୁଡ଼ିକ ଖୁବ୍ ଲାଭଦାୟକ ଏବଂ ଏହାର ବ୍ୟବହାର ମଧ୍ୟ ଜୀବନର ଅନେକ ସମସ୍ୟାକୁ ଦୂର କରିଥାଏ।

**ପଞ୍ଚାମୃତର ବୈଜ୍ଞାନିକ ମହତ୍ତ୍ୱ:** ପଞ୍ଚାମୃତରେ କ୍ଷୀର ଥିବାରୁ ଏହା ଶରୀରକୁ ମଜବୁତ କରିଥାଏ ଏବଂ ଶରୀର ଭିତରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହା ବ୍ୟତୀତ କ୍ଷୀର ମଧ୍ୟ ମନକୁ ଶାନ୍ତ କରିଥାଏ। ପଞ୍ଚାମୃତରେ ଥିବା ଦହି ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ ଏବଂ ଏକାଗ୍ରତା ବଢ଼ାଇଥାଏ।

ମହୁ ଶରୀରରେ ଥିବା ଅତ୍ୟାବଶ୍ୟକ ଚର୍ବି ବାହାର କରିବାରେ ସାହାଯ୍ୟ କରେ। ମହୁ ମଧ୍ୟ ପରିବାର ଏବଂ ସମ୍ପର୍କରେ ମଧୁରତାକୁ ବଢ଼ାଏ। ମହୁରେ ଚିନି ମିଶିବା ଦ୍ୱାରା ଶରୀରର ଊର୍ଜା ବଢିଥାଏ ଏବଂ ଅଳସୁଆମୀ ଦୂର ହୁଏ।

ଚିନି ମଧ୍ୟ କଥାକୁ ମଧୁର କରେ ଏବଂ ଶୋଇବା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିଥାଏ। ଘିଅରେ ଅନେକ ଗୁଣ ରହିଛି। ଏହା ଶରୀରକୁ ବଳ ଦେଇଥାଏ ଏବଂ ହାଡକୁ ଶକ୍ତିଶାଳୀ କରିଥାଏ। ତେଣୁ ପଞ୍ଚାମୃତ ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭ ଦେଇଥାଏ।

# ବିବାହ ପ୍ରସ୍ତାବ ମିଳିନି !



ବଲିଉଡ୍ର ବଛା ବଛା ସୁନ୍ଦରୀଙ୍କ ମଧ୍ୟରୁ ଜରିନ୍ ଖାନ୍ ଅନ୍ୟତମ। ସେ ତାଙ୍କର ସେ ?ନ୍ଦର୍ଯ୍ୟ ପାଇଁ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାନ୍ତି। କେବଳ ସେତିକି ନୁହେଁ, ଆହୁରି ଅନେକ ଘଟଣା ଜରିନ୍ଙ୍କୁ ବିଭିନ୍ନ ସମୟରେ ଚର୍ଚ୍ଚିତ କରିଛି। ଯଦିଓ ଅତୀତରେ ଜରିନ୍ଙ୍କ ନାମ ଅନେକ ଅଭିନେତା ଓ ବ୍ୟବସାୟୀଙ୍କ ସହ ଯୋଡ଼ା ଯାଇଛି, ମାତ୍ର କାହା ସହିତ ସଂପର୍କରେ ଥିବା କଥା ସେ କେବେ ବି ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହାନ୍ତି। ଜରିନ୍ ସର୍ବଦା ତାଙ୍କ ବ୍ୟକ୍ତିଗତ ଜୀବନକୁ ଗୋପନୀୟ ରଖିଆସିଛନ୍ତି।

୨୦୨୧ ମସିହାରେ ଜରିନ୍ 'ବିଗ୍ ବସ୍' ଫେମ୍ ଶିବାଶିଷ ମିଶ୍ରଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହୋଇଥିଲା। ମାତ୍ର ୨୦୨୩ ଆରମ୍ଭ ବେଳକୁ ଦୁଇ ଜଣଙ୍କର ବ୍ରେକ୍-ଅପ୍ ହୋଇ ଯାଇଥିବା ଖବର ଆସିଥିଲା। ନିକଟରେ ଯେତେବେଳେ ତାଙ୍କୁ ବିବାହ ସଂପର୍କରେ ପ୍ରଶ୍ନ ପଚରାଗଲା ତ ସେ ଆଶ୍ଚର୍ଯ୍ୟ କରିବା ପରି ଉତ୍ତର ଦେଲେ। ଜରିନ୍ କହିଛନ୍ତି କି ଏ ପର୍ଯ୍ୟନ୍ତ ସେ ତାଙ୍କ ଜୀବନର ପ୍ରକୃତ ପ୍ରେମକୁ ଖୋଜୁଛନ୍ତି। ଏଯାଏ ତାଙ୍କୁ କେହି ବି ମୁହଁ ଖୋଲି ବିବାହ ପାଇଁ ପ୍ରସ୍ତାବ ଦେଇନାହାନ୍ତି। ତାଙ୍କ ବାପାମାଆ ତାଙ୍କ ପାଇଁ ପିଲା ଖୋଜୁଛନ୍ତି ବୋଲି ଭାରତୀ ସିଂହ ଓ ହର୍ଷ ଲିମ୍ବାଚିଆଙ୍କ ପୋଡ୍କାଷ୍ଟରେ ଜରିନ୍ କହିଛନ୍ତି। ଏହାଛଡ଼ା ବିବାହ ପାଇଁ ସେ ବିଶେଷ ଆଗ୍ରହୀ ନୁହନ୍ତି ବୋଲି ମଧ୍ୟ କହିଛନ୍ତି ଜରିନ୍। ଆଜିକାଲି ଯେଉଁଭଳି ଭାବେ ବୈ?ବାହିକ ସଂପର୍କରେ ତିକ୍ତତା ଦେଖାଯାଉଛି, ତାହାକୁ ନେଇ ସେ ବେଶ୍ ଭୟଭୀତ।

# ଆଜିର ରାଶିଫଳ

ମେଷ: ସକଳ ଗୁଣଯୁକ୍ତ, ସୁଖୀ ଓ କାବ୍ୟ ଶାସ୍ତ୍ରାନୁରକ୍ତ ହୋଇପାରନ୍ତି। ସରକାରୀ ସ୍ତରରୁ ଲାଭବାନ୍ ହେବେ। ଅଶାନ୍ତି ଦୂର ହେବ। ଆର୍ଥିକ ସ୍ଥିତି ଦୃଢ଼ତର ହେବ। ଜିତେନ୍ଦ୍ରୀୟ ହେବେ। ପ୍ରଥିତ ପ୍ରଭାବସମ୍ପନ୍ନ ହେବେ।

ବୃଷ: ତ୍ୟାଗପୂତ ମନୋବୃତ୍ତିର ହେବେ। ମତିଜ୍ଞ ହୋଇପାରନ୍ତି। ବିବିଧ ଧନଯୁକ୍ତ ହେବାର ସୂଚନା ମିଳୁଛି। କର୍ମଚଞ୍ଚଳ ରହିବେ। କୀର୍ତ୍ତିମାନ୍ ଓ ଅତି ସୁଖୀ ହେବେ। ସହିଷ୍ଣୁ ଓ ହୃଷ୍ଟଚିତ୍ତ ହେବେ। ଧାର୍ମିକ ହେବେ।

ମିଥୁନ: ରୋଜଗାର ଆଶାନୁରୂପ ହେବ। ସରକାରୀ ବା ବନ୍ଧୁ ସୂତ୍ରରୁ ଲାଭବାନ୍ ହେବେ। ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ସୁସ୍ଥ ରହିବେ। ଚିନ୍ତାଧାରା ଉନ୍ନତମାନର ହେବ।

କର୍କଟ: ଅଯଥା ବିତର୍କରେ ଅଂଶ ଗ୍ରହଣ ନ କରି ନିରବ ଦର୍ଶକ ସାଜି ପାରନ୍ତି। ବନ୍ଧୁଙ୍କ ବିରୋଧର ସମ୍ମୁଖୀନ ହୋଇପାରନ୍ତି। ମଧୁର କଥାରେ ପରକୁ ଆପଣାର କରିବାର କଳା ଆପଣଙ୍କଠାରେ ଅଛି। ଖର୍ଚ୍ଚାନ୍ତ ହେବେ।

ସିଂହ: ଜ୍ଞାନ ପିପାସୁ ହେବେ। ସତ୍କର୍ମରେ ନିଜକୁ ନିୟୋଜିତ କରିପାରନ୍ତି। ବିଭିନ୍ନ ନିର୍ଭରଯୋଗ୍ୟ ସ୍ତରରୁ ଅର୍ଥ ପ୍ରାପ୍ତିର ସୂଚନା ମିଳୁଛି। ବ୍ୟବସାୟ ଲାଭପ୍ରଦ ହେବ। ବିବାଦୀୟ ପ୍ରତିଯୋଗିତାରେ ବିଜୟ ଲାଭ କରିବେ।

କନ୍ୟା: ଆପଣଙ୍କଠାରେ ନିହିତ ଜ୍ଞାନାଲୋକରେ ଆପଣ ସମଗ୍ର ପରିବାର, ପଡ଼ୋଶୀ, ଆତ୍ମୀୟସ୍ୱଜନଙ୍କୁ ଆକର୍ଷିତ କରିପାରନ୍ତି। ଦୁଃଖୀ, ରଙ୍କୀ ଓ ସାଧୁସନ୍ନ୍ୟାସୀଙ୍କ ଉପରେ ଦରଦ ଭାବ ରହିବ। ଗରିବଙ୍କୁ ଦାନ କରିବେ।

ତୁଳା: କାର୍ଯ୍ୟର ସଫଳ ରୂପାୟନ କରି ପ୍ରଶଂସାର ପାତ୍ର ହେବେ। ଅଧିକ କ୍ଷମତା ହାସଲ କଲେ ବି ତା'ର ବିକେନ୍ଦ୍ରୀକରଣ କରି ସହକର୍ମୀମାନଙ୍କର ସମ୍ମାନନୀୟ ହେବେ। ବିବାଦରେ ବିଜୟୀ ହେବେ। ସୁସ୍ଥ ରହିବେ।

ବିଛା: ଧୈର୍ଯ୍ୟ ଓ ସାହସ ସଞ୍ଚୟ କରି ଆଶୁ ବିପଦର ମୁକାବିଲା କରିବେ। ଅସଜଡ଼ା କାର୍ଯ୍ୟ ସଜାଡ଼ିବାକୁ ପଡ଼ିବ। ଅପରାହ୍ଣ ୨ ଘଣ୍ଟା ୨୪ ମିନିଟ୍ ପରେ ବିରୋଧୀ ଶରଣାଗତ ହେବେ। ଧର୍ମ କାର୍ଯ୍ୟ ସମ୍ପାଦନ କରିବେ।

ଧନୁ: ଆଜି ଦିନଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହେବ। ବହୁ ସୁଖକର ଘଟଣା ଘଟିବ। ସେବା ଭାବନାରେ ଉନ୍ମୁଖ ହୋଇପାରନ୍ତି। କର୍ମକ୍ଷେତ୍ରରୁ ସଫଳତା ମିଳିବ। ରୁଚିକର ଭୋଜନ ତୃପ୍ତିଦାୟକ ହେବ।

ମକର: ଜ୍ଞାତି, କୁଟୁମ୍ବ, ସହୋଦର ଓ ବନ୍ଧୁଙ୍କ ସହାୟତାରେ ଶତ୍ରୁ ବିନାଶ କରି ମାନସିକ ଶାନ୍ତି ଫେରିପାଇବେ। ଦିନଟି ବ୍ୟସ୍ତଭରା ହେବ। ଋଣ ପରିଶୋଧ କରି ଆଶ୍ୱସ୍ତ ହେବେ। ଶୁଭକାର୍ଯ୍ୟ କରିପାରିବେ।

କୁମ୍ଭ: ତର୍କ ସଭାରେ ଉପସ୍ଥାପନା ପାଇଁ ପୂର୍ବ ପ୍ରସ୍ତୁତି ସ୍ୱରୂପ ଆଧ୍ୟାତ୍ମ ପୁସ୍ତକ ଅଧ୍ୟୟନରେ ମନୋନିବେଶ କରିବେ। ଗତାନୁଗତିକ ଭାବେ ଧନାଗମ ହୋଇପାରେ। ସପତ୍ନୀକ ଧର୍ମୀୟ ଚିନ୍ତାଧାରାରେ ଉଦ୍ବୁଦ୍ଧ ହେବ।

ମୀନ: ପରିଶ୍ରମ ଅଧିକ ଓ କଷ୍ଟଦାୟକ ହେଲେ ବି ତା'ର ମୂଲ୍ୟାଙ୍କନ ହେବ। ଯାନବାହନ ସୁଖ ମିଳିବ। କେତେକ କ୍ଷେତ୍ରରେ ଭୁଲ ବୁଝାମଣା ଘଟିଲେ ବି ପର ମୁହୂର୍ତ୍ତରେ ଅବସ୍ଥାରେ ସୁଧାର ଆସିବ।

# ଡାଇବେଟିସ୍ କମାଇବ ଜୁସ୍



**ଡା**ଇବେଟିସ୍ ସମସ୍ୟା ଥରେ ଦେଖାଦେଲେ ପ୍ରତିଦିନ ମେଡିସିନ ଖାଇବାକୁ ପଡ଼ିଥାଏ। ହେଲେ କେତେକ ଜୁସ୍କୁ ଖାଦ୍ୟ ତାଲିକାରେ ସାମିଲକଲେ ଡାଇବେଟିସ୍କୁ ନିୟନ୍ତ୍ରଣରେ ରଖାଯାଇପାରିବ...

କଲରା ଜୁସ୍: କଲରା ଜୁସ୍ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିବାରେ ବେଶ୍ ସାହାଯ୍ୟକରେ। କଲରାରେ ଥିବା ପଲିପେପ୍ଟାଇଡ୍-ପି ବା ପି-ଇନ୍ସୁଲିନ୍ ନାମକ ଏକ ଇନ୍ସୁଲିନ୍ ଜାତୀୟ ଉପାଦାନ ଡାଇବେଟିସ୍ ସମସ୍ୟା କମାଇଥାଏ।

ଅଁଳା ଜୁସ୍: ଅନେକ ଔଷଧୀୟ ଗୁଣରେ ଭରପୂର ଅଁଳା ଡାଇବେଟିସ୍ କମ୍ କରିବାରେ ମଧ୍ୟ ବେଶ୍ ଉପଯୋଗୀ। ଏଥିରେ ଫାଇବର ମାତ୍ରା ଅଧିକ ଥିବାରୁ ହଜମକ୍ରିୟା ଧୀର କରି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ। ଏଥିରେ ଥିବା କ୍ରୋମିଅମ୍ ମିନେରାଲ୍ କାର୍ବୋହାଇଡ୍ରେଟ୍ ମେଟାବୋଲିଜମ୍ ସହ ଇନ୍ସୁଲିନ୍ କ୍ଷରଣ ଠିକ୍ ଭାବରେ କରିବାରେ ସାହାଯ୍ୟକରେ, ଯାହାଦ୍ୱାରା ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ।

ପାଳଙ୍ଗ ଜୁସ୍: ପାଳଙ୍ଗରେ ରହିଛି ଭରପୂର ମାତ୍ରାରେ ଫୋଲେଟ୍, ଡାଏଟାରି ଫାଇବର, ଭିଟାମିନ୍-ଏ, ବି, ସି, ଇ, କେ। ଡାଏଟାରି ଫାଇବର ହଜମକ୍ରିୟାକୁ ଧୀର କରେ; ଯାହା କି ରକ୍ତରେ ଶର୍କରା ମାତ୍ରା ଅଧିକ ହେବାକୁ ଦିଏ ନାହିଁ ଏବଂ ଡାଇବେଟିସ୍ ସମସ୍ୟା ଦୂର କରିବାରେ ସାହାଯ୍ୟକରେ।

# ପଣସ କଟଲେଟ୍

ଆବଶ୍ୟକ ସାମଗ୍ରୀ : ପଣସ କଠା, ପିଆଜ, ଟମାଟୋ, ବେସନ, ଲେମ୍ବୁ ରସ, ଧଣିଆ ଗୁଣ୍ଡ, ଅଦା-ରସୁଣ ବଟା, ଗୋଟା ଜିରା, କଞ୍ଚା ଲଙ୍କା, ଜିରା ଗୁଣ୍ଡ, ଗରମ ମସଲା, ତେଲ ଓ ଲୁଣ।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥମେ ପଣସ କଠାକୁ ସିଝାଇ ଚକଟି ଦିଅନ୍ତୁ। ବର୍ତ୍ତମାନ ଏକ କଡ଼େଇରେ ତେଲ ଗରମ କରନ୍ତୁ ତେଲ ଗରମ ହେଲେ ସେଥିରେ ଜିରା ଓ କଞ୍ଚା ଲଙ୍କା ପକାନ୍ତୁ।ଏହାପରେ ଏଥିରେ ପିଆଜ ପକାଇ ହାଲକା ଲାଲ୍ ହେବା ଯାଏଁ ଭାଜନ୍ତୁ। ଏହାପରେ ଏଥିରେ ଟମାଟୋ ଓ ଲୁଣ ପକାଇ ଭାଜନ୍ତୁ। ଟମାଟୋ ଗୁଡ଼ିକ ନରମ ହୋଇଗଲେ ସେଥିରେ ଅଦା-ରସୁଣ ବଟା ପକାନ୍ତୁ। ବର୍ତ୍ତମାନ ଏଥିରେ ଶୁଖିଲା ମସଲାଗୁଡ଼ିକୁ ପକାଇ ଦିଅନ୍ତୁ। ମସଲା କଷି ହୋଇଗଲେ ଏଥିରେ ବେସନ ମିଶାଇ କମ୍ ଆଞ୍ଚରେ ୧୦ ମିନିଟ୍ ଯାଏଁ ଭାଜନ୍ତୁ। ତା'ପରେ ଏଥିରେ ଚକଟା ହୋଇଥିବା ପଣସ କଠା ଓ ଲେମ୍ବୁ ରସ ମିଶାଇ ଦିଅନ୍ତୁ। ଏହାକୁ ଭଲ-ଭାବେ ଗୋଳାଇ ଚୁଲିକୁ ବନ୍ଦ କରିଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ ହାତରେ ଆଉ ଥରେ ଭଲ ଭାବେ ମିଶାଇ ଛୋଟ ଛୋଟ ଗୁଳା କରି ରଖନ୍ତୁ। ବର୍ତ୍ତମାନ ଏକ କଡ଼େଇରେ ତେଲ ଗରମ କରି ଏହି ଗୁଳାଗୁଡ଼ିକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର 'ପଣସ କଟଲେଟ୍' ।






# ରାଜ୍ୟ ପ୍ରଜାତନ୍ତ୍ର




କଟକ

୨୪-୩-୨୦୨୫ ପୃଷ୍ଠା:୩



ପୁନେସ୍ଥିତ ଏମ୍‌ଆଇଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବ୍‌ରେ 'ରାଜନୀତି ଏବଂ ସମାଜ ବିକାଶ' ସମ୍ପର୍କିତ ବିଷୟରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ



## ପ୍ରମୁଖ ସଚିବ ସଞ୍ଜୀବ ମିଶ୍ରଙ୍କ ଗଞ୍ଜାମ ଗସ୍ତ



**ବ୍ରହ୍ମପୁର (ପିପିଏସ୍):** ଗଞ୍ଜାମ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ପରିଚାଳନା କିପରି ଚାଲିଛି ଏବଂ ସରକାରଙ୍କ ସଂଯୋଜନାରୁ ଜନସାଧାରଣ କିଭଳି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ସଚିବଭାବେ ନିଯୁକ୍ତ ହୋଇଥିବା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାର ମିଶ୍ର ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଦେଖିଥିଲେ। ରବିବାର ଖଲ୍ଲିକୋଟ ବ୍ଲକ୍‌ସ୍ଥିତ ଲଙ୍ଗେଳେଶ୍ୱର ଗ୍ରାମ ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀଙ୍କ ମଣିନାଗେଶ୍ୱର ସିଲେଇ କେନ୍ଦ୍ର ପରିଦର୍ଶନ କରି ସେମାନଙ୍କର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କ ସହିତ ଆଲୋଚନା କରି ଚଳିତ ବର୍ଷ ୨୫ଲକ୍ଷ ଟଙ୍କାର ବ୍ୟବସାୟ କରିଥିବା ହେତୁ ଖୁସି ପ୍ରକାଶ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସେମାନେ କିଭଳି ଆହୁରି ଅଧିକ ବ୍ୟବସାୟ କରିପାରିବେ ସେଥି ନିମନ୍ତେ ଆଲୋଚନା କରି ସମସ୍ତ ଦିଗରେ ସହଯୋଗ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ପରେ ଖଲ୍ଲିକୋଟ ସ୍ଥିତ ଆର୍ଟ କଲେଜ ପରିଦର୍ଶନ କରି ପୁନରୁଦ୍ଧାର କାର୍ଯ୍ୟ କିପରି କରାଯିବ ଏବଂ ପ୍ରାଥମିକତା ଭିତ୍ତିରେ ଯାହା ସବୁ ଆବଶ୍ୟକତା ରହିଛି ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଇଥିଲେ। ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ରାମଗଡ ଅର୍କିଡ୍ ଫୁଲ ଚାଷ ସ୍ଥଳ ପରିଦର୍ଶନ କରି ମହିଳାମାନଙ୍କୁ ନେଇ ଉନ୍ନତମାନର କାର୍ଯ୍ୟ ହୋଇଥିବା ଯୋଗୁଁ ଖୁସି ପ୍ରକଟ କରିଥିଲେ। କିଆ ଫୁଲରୁ କିଭଳି ଅତର ପ୍ରସ୍ତୁତ ହେଉଛି ତାହାର ପଦ୍ଧତି ପଚାରି ବୁଝିଥିଲେ। ଛତ୍ରପୁର ବ୍ଲକ୍ ଅଧିନସ୍ଥ ଚମାଖଣ୍ଡି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ଗ୍ରାମ୍ୟ ଶିଳ୍ପ ପାର୍କ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ସ୍ଥିତ ଆହାର କେନ୍ଦ୍ର ଓ ମିଶନ ଶକ୍ତି କେଫ୍, ରଙ୍ଗେଇଲୁଣ୍ଡା ବ୍ଲକ୍ ସ୍ଥିତ ପୁକୁଡିବନ୍ଧ, ଭାବି ନାରାୟଣପୁର ଅନ୍ୱେଷା ଛାତ୍ର ଓ ଛାତ୍ରୀ ଆବାସ, କନିଷି ସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି ଆବାସିକ ଛାତ୍ରାବାସ ଏବଂ ମନ୍ତ୍ରିଡି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଯୋଜନା ଗୁଡିକର କାର୍ଯ୍ୟକାରିତା କିଭଳି ଚାଲିଛି ଏବଂ ଜନ ସାଧାରଣ ଉକ୍ତ ଯୋଜନା ଦ୍ୱାରା କିଭଳି ଉପକୃତ ହେଉଛନ୍ତି ତାହା ସଂପୃକ୍ତ ଅଧିକାରୀ, କର୍ମଚାରୀ ତଥା ସଭ୍ୟସଭ୍ୟା ମାନଙ୍କୁ ପଚାରି ବୁଝିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପଜିଲ୍ଲାପାଳ ଦିନା ଦସ୍ତଗୀର, ସମସ୍ତ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଥାଉକି ସରକାରଙ୍କ ଦ୍ୱାରା ଗଞ୍ଜାମ ଜିଲ୍ଲାର ଜିଲ୍ଲା ସଚିବ ଦାୟୀତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ଗସ୍ତ।

# ଏମ୍‌ଭି ୭୨ର ଦୁଇଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମାଲକାନଗିର:** ମାଲକାନଗିରି ଜିଲ୍ଲା ଏମଭି ୭୨ ଗ୍ରାମରେ ଦୁଇ ଛାତ୍ରୀ ଗତ ଫେବ୍ରୁଆରି ୬ ତାରିଖରୁ ନିଖୋଜ ଓ ୮ ତାରିଖ ଦିନ ଉଭୟଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରି ଆଦର୍ଶ ଥାନାରେ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୋଲିସ ଏସଡିପିଓ ସଚିନ ପଟେଲ ପ୍ରକାଶ କରିଛନ୍ତି ଯେ, ଏହି ଘଟଣାକୁ ନେଇ ପୋଲିସ ତତ୍ପର ସହ ଉଚିତ ତଦନ୍ତ କରୁଛି। ୬ ତାରିଖରେ ଉଭୟଙ୍କ ନିଖୋଜ ନେଇ ମାମଲା ଓ ଉଭୟଙ୍କ ମୃତ ଦେହ ଉଦ୍ଧାର ପରେ ହୋଇଥିବା ମାମଲାର ପୋଲିସ ଉଚିତ ତଦନ୍ତ କରିଛି। ବର୍ତ୍ତମାନ ସୁଦ୍ଧା ଘଟଣାରେ ଯାହା ତଥ୍ୟ ମିଳିଛି ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡିଛି ଓ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କ ପ୍ରତି ପୋଲିସ ସହାନୁଭୂତି ରଖିଛି। ସେହିପରି ସବ ବ୍ୟବଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମର ରିପୋର୍ଟକୁ ଅମାନ୍ୟ କରି ପରିବାର ଲୋକେ ଏହା ଏକ ହତ୍ୟା ବୋଲି ଅଭିଯୋଗ ଆଣିଥିବା ସେ ଦିଗରେ ମଧ ତଦନ୍ତ ଜାରି ରହିଛି। କୌଣସି କ୍ଷେତ୍ରରେ ପୋଲସି ଘଟଣାକୁ ଅଣଦେଖା କରିନାହିଁ। ଏହା ବ୍ୟତୀତ ଏହି ଘଟଣାରେ ଏମଭି ୭୨ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଦେଶ ବାହାରୁ ଏକ ଫୋନ ନମ୍ବରରେ ଧମକ ଆସୁଥିବା ନେଇ ଅଭିଯୋଗକୁ ମଧ ପୋଲିସ ତଦନ୍ତ ପରିସର ଭୁକ୍ତ କରି ତଦନ୍ତ ଚଳାଇଛି। ଆଗକୁ ଘଟଣାର ପର୍ଦାଫାଶ ହେବ ଏବଂ ସତ୍ୟତା ସାମ୍ନାକୁ ଆସିବ ବୋଲି ଶ୍ରୀ ପଟେଲ ପ୍ରକାଶ କରିଛନ୍ତି।



ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ସହରାଞ୍ଚଳ ଓ ଶକ୍ତି ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ମୁଖ୍ୟମନ୍ତ୍ରୀ

# କାଗଜପତ୍ରରେ ଲୁଣ ସମବାୟ ସମିତି

**ଅସ୍ତରଙ୍ଗ (ପିପିଏସ୍):**

ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଜୁଆର ପାଣିକୁ ବନ୍ଧାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଦୀର୍ଘ ୨୨ବର୍ଷରୁ ଉର୍ଦ୍ଧ ହେବ ଅସ୍ତରଙ୍ଗ ରେ ଆଉ ଲୁଣମରା ନ ହେବାରୁ ଦେଶୀ ଲୁଣ ଦେଖିବା ଏବେ ସାତ ସପନ। ଅସ୍ତରଙ୍ଗ ରେ ଲୁଣ ଉତ୍ପାଦନ ଓ ବିକ୍ରୟ ସମବାୟ ସମିତି ନାମରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ ଏହାର ମୂକସାକ୍ଷୀ। ଆଜି ଏହି ଜୀବିକା ଲୋପ ପାଇବା ସହ ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି।

ଖବର ମୁତାବକ, ଅସ୍ତରଙ୍ଗ ଚତୁପାର୍ଶ୍ୱରେ ନଦୀ ଓ ସମୁଦ୍ର ଘେରି ରହିଥିଲା। ସମୁଦ୍ର ସଂଲଗ୍ନ ନଦୀର ଜୁଆର ପାଣିକୁ ବନ୍ଧାଇ ଅସ୍ତରଙ୍ଗ, କୁହୁଡି, ନୂଆଗଡ, ଡମଶୁଣ, ନଟରା, କେଉଁଟଜଙ୍ଘା, ଭଉଁରିଆ ନଦୀ ନିକଟରେ ଅସ୍ତରଙ୍ଗ ବ୍ଲକଅଞ୍ଚଳର ବହୁ ଲୋକ ଲୁଣ ଚାଷ କରି ଲାଭବାନ ହେଉଥିଲେ। ୧୯୩୧ମାର୍ଚ୍ଚ ୫ଠାରୁ ଅସ୍ତରଙ୍ଗ ରେ ଲୁଣ ଉତ୍ପାଦନ ସ୍ୱାଭାବିକ ହୋଇ ୧୯୪୩ରେ ଲବଣ ସମବାୟ ସମିତି ଗଠନ ହୋଇଥିଲା। ଏହା ଅଧୀନରେ କୁଜଙ୍ଗ, ରାଜନଗର, ରାଜକନିକା, ପିପିଲି, ନୟାହାଟ, ପାରାଦ୍ୱୀପ ପ୍ରମୁଖ ସ୍ଥାନରେ ଲୁଣ ବିକ୍ରି କରି ଉଚିତ ମୂଲ୍ୟ ମିଳୁଥିଲା। ୧୯୯୯ମହାବାତ୍ୟା ରେ ଲୁଣ ଚାଷ ଓ ସମିତି କାର୍ଯ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିଲା। ୨୦୦୨ରେ ଆୟୋଡିନ ଯୁକ୍ତ ଲୁଣର ପ୍ରଚାର ପ୍ରସାର ଯୋଗୁଁ



- ଲବଣ ଜମିଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି
- ଦୀର୍ଘ ବର୍ଷ ହେଲା ଲୁଣ ମରା ବନ୍ଦ
- ସମିତି ଜମି ଏବେ ସଂକୁଚିତ

ଦେଶୀ ଲୁଣର ଚାହିଦା ଧୀରେ ଧୀରେ କମିଥିଲା। ଅନ୍ୟ ପକ୍ଷରେ ଲୁଣ ଚାଷ ପାଇଁ ଲିଜ ସୂତ୍ରରେ ଜମିର ନବୀକରଣ ନ ହେବାରୁ ୨୦୦୨ରୁ ଲୁଣ ଉତ୍ପାଦନ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡିଯାଇଛି। ଅନେକ ବ୍ୟକ୍ତି ବିଶେଷଙ୍କ ସହ କିଛି ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଲବଣ ଜମି ଉପରେ। ଲବଣ ଜମି ଖୋଳି କିଛି କିଛି ଚିଙ୍ଗୁଡ଼ି ମାଫିଆ ବେଆଇନି ଚିଙ୍ଗୁଡ଼ି ଘେରି ନିର୍ମାଣ କଲେଣି ଅନେକ ମଧ୍ୟ ଜେସିବି ପକାଇ ଖୋଳା ଜାରୀ ରଖିଛନ୍ତି।ଜମି ଜବରଦଖଲ ସମେତ ବିଭିନ୍ନ ସ୍ଥାନରେ ଏବେ ମାଳ ମାଳ ଚିଙ୍ଗୁଡ଼ି ଘେରି ମୁଣ୍ଡ ଟେକିଛି। ବର୍ତ୍ତମାନ ସମିତିର ସଭାପତି ରାଜକିଶୋର ବେହେରା କୁହନ୍ତି ୧୯୯୫ରେ ସମିତି ଅଧୀନରେ ୪୮୦ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ଏକର ଜମି ଥିଲା। ୧୯୯୪-୯୫ରେ ଏହି ଜମି ୭୫ଏକର ରେ ସୀମିତ ରଖି ୪୦୫ଏକର ସରକାରୀ ଖାତାକୁ ଯାଇଥିଲା। ତେବେ ୭୫ଏକର ଜମିରୁ ଯାହା ଲୋକ କହିବା ମୁତାବକ ୧ଏକର ୩୦ଡେସି ମିଳି ରେ ତହସିଲ, ୧ଏକର ୨୦ଡେସି ମିଲି ରେ ନୂତନ ଥାନାର ଭିତ୍ତିଭୂମି, ପ୍ରାୟ ୨୨ଡେସିମିଲି ଜାଗାରେ ଲୁଣ ସମବାୟ ସମିତି ଦଣ୍ଡାୟମାନ। ଅସ୍ତରଙ୍ଗ ରୁ କିଛି ଦୂରରେ ଏକ ବିସ୍ତିର୍ଣ୍ଣ ଜମି ରହି ଲୁଣପାଟ ନାମରେ ନାମିତ। କାଳକ୍ରମେ ଏହା ସଂକୁଚିତ ହୋଇ ଜମି ହଜିଯିବାକୁ ବସିଛି।

ପ୍ରତିବର୍ଷ ମେ ୨୧ରେ କୁହୁଡି ଠାରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଳନ ସମୟରେ ନେତାଙ୍କ ଭାଷଣ ବେଳେ ଲୁଣ ଚାଷର ସ୍ମୃତି ମନେ ପଡିଥାଏ। କୁହୁଡିଠାରେ ଲବଣ ସତ୍ୟାଗ୍ରହ ଭିନ୍ନ ରୂପଧାରଣ କରି ସତ୍ୟାଗ୍ରହୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ମଧୁସୂଦନ ମିଶ୍ର, ଭୁବନାନନ୍ଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ସ୍ୱାଇଁଙ୍କ ସମେତ ସାଧାରଣ ଲୋକ ଲବଣ ଆଇନି କୁ ଭଙ୍ଗ କରି ୧୯୩୦ମେ ମାସରେ ଲୁଣ ମାରି ଗୋରା ସିପାହୀଙ୍କୁ ଲହୁ ଲୁହାଣ କରିଥିଲେ।ଅନୁମତି ବା ପ୍ରୋତ୍ସାହନ ମିଳିଲେ ଅତ୍ୟାଧୁନିକ ପଦ୍ଧତିରେ ଅସ୍ତରଙ୍ଗ ରେ ଲୁଣଚାଷ ପୁନଃଜୀବିତ ହୋଇ ଜୀବିକା ଫେରିବା ସମେତ ରାଜସ୍ୱ ବୃଦ୍ଧି ସମ୍ଭବ ହୁଅନ୍ତା ବୋଲି ଅନେକ ବୁଦ୍ଧିଜୀବୀ କୁହନ୍ତି। ଅନ୍ୟ ପଟେ ଲବଣ ଜମି ରେ ବେଆଇନି ଚିଙ୍ଗୁଡ଼ି ଘେରିକୁ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରିଣୀ କହିଛନ୍ତି ଖୁବ ଶୀଘ୍ର ସ୍ଥିତି ଅନୁଧ୍ୟାନ କରି ଆଇନି ଉଲ୍ଲଘନ କରିଥିଲେ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ବୈଠକ

# ସାଧାରଣସଭା ଓ ବ୍ୟାଙ୍କ ସମ୍ପାଦକଙ୍କୁ ଜୋରଦାର ବିରୋଧ



ନୟାଗଡ (ପିପିଏସ୍) : ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ପ୍ୟାକ୍ସ ସଭାପତି ସଂଘ ବୈଠକ ମୁଥାଗଡ଼ିଆ କଲ୍ୟାଣ ମଣ୍ଡପ ଅନୁଷ୍ଠିତ ହୋଇଯାଇଛି । ପ୍ୟାକ୍ସ ସଂଘ ସଭାପତି ପ୍ରତାପ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ, ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ଉପେନ୍ଦ୍ର କୁମାର ସାହୁ, ସଞ୍ଜୟ ଖୁଣ୍ଟିଆ, ସୁପ୍ରିୟା ମହାନ୍ତି, ବାସନ୍ତୀ ପ୍ରଧାନ, ପ୍ରଭାତ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବ୍ୟାଙ୍କ ପରିଚାଳନା ପରିଷଦ ଓ ସଭାପତିଙ୍କ ଅଗୋଚରରେ ସାଧାରଣ ସଭା ଆହ୍ୱାନ କରାଯିବାକୁ ନେଇ ବୈଠକରେ ଆଲୋଚନା ପାଇଁ ପ୍ରସ୍ତାବ ରଖା ଯାଇଥିଲା । ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଚାଷୀ ଓ ସମିତି କ୍ଷତିଗ୍ରସ୍ତ ହେଉଥିବା ଆଲୋଚନା ହୋଇଥିଲା । ସୁଧ ଲାଭାଂଶକୁ ସମବାୟ ସମିତିକୁ ପ୍ରଦାନ ନକରି ବ୍ୟାଙ୍କ କାଟି ନେଇଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିଲା । ବ୍ୟାଙ୍କ ପରିଚାଳନା ପରିଷଦକୁ ନିଲମ୍ବନ ପ୍ରସଙ୍ଗକୁ ଉପସ୍ଥାପନ କରି ସମବାୟ ବିତ ସନ୍ୟାସୀ ପ୍ରଧାନ ରଣପୁର ବିଧାୟିକା ସୁରମା ପାଢ଼ୀଙ୍କୁ ଟାର୍ଗେଟ କରିଥିଲେ । ରଣପୁର ବିଧାୟିକା ବ୍ୟାଙ୍କ ବୋର୍ଡ଼ ଭାଙ୍ଗିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ । ବିନା ତଦନ୍ତ, ବିନା ପ୍ରମାଣରେ ପରିଚାଳନା ପରିଷଦକୁ ନିଲମ୍ବନ କରାଯିବାକୁ ନିନ୍ଦା କରିଥିଲେ । ଉଚ୍ଚ ନ୍ୟାୟାଳୟ ନିଲମ୍ବନ ଆଦେଶ ଉପରେ ସ୍ଥଗିତାଦେଶ ପ୍ରଦାନ କରି ଏବଂ ଆର୍ଥିକ କ୍ଷମତା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହାକୁ ଅଣଦେଖା କରି ବ୍ୟାଙ୍କ ସମ୍ପାଦକ ମନଇଚ୍ଛା ସାଧାରଣ ସଭା ଆହ୍ୱାନ କରିଛନ୍ତି । ଏହା ସହିତ ଧାନ ମଣ୍ଡି କମିଶନ ଓ ସୁଧ ରିହାତି କମିଶନ ସମିତିରୁ ବ୍ୟାଙ୍କକୁ ନେଇ ଯିବା ଗ୍ରହଣ ଯୋଗ୍ୟ ନୁହେଁ ବୋଲି କହିଥିଲେ ।

ବ୍ୟାଙ୍କ ସମ୍ପାଦକଙ୍କୁ ନୟାଗଡ଼ରୁ ବିଦା କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ । ସାଧାରଣ ସଭାକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟକୁ ଅବଗତ କରାଯାଇଛି । ଏହା ସହିତ ସାଧାରଣ ସଭାରେ ଜୋରଦାର ବିରୋଧ କରାଯିବ ବୋଲି ଆଲୋଚନା କରାଯାଇଛି । ବ୍ୟାଙ୍କ ସଭାପତି ଓ ପ୍ୟାକ୍ସ ସଭାପତିଙ୍କ ଅଧିକାର କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ କରାଯାଉଛି ବୋଲି ନିର୍ଦ୍ଦେଶକ ଉପେନ୍ଦ୍ର ସାହୁ କହିଥିଲେ । ସମବାୟକୁ ଆନ୍ଦୋଳନ ବୋଲି ଆଖ୍ୟା ଦିଆଯାଏ, ଏବେ ନୟାଗଡ଼ ଜିଲ୍ଲାରେ ଆନ୍ଦୋଳନକୁ ଓହ୍ଲାଇବା ସମୟ ଉପନୀତ ବୋଲି ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ବେହେରା କହିଥିଲେ । ଏହି ବୈଠକରେ ପ୍ୟାକ୍ସ ସଭାପତି ସୁଶାନ୍ତ କୁମାର ଜେନା ରଣପୁର ବିଧାୟିକା ସୁରମା ପାଢ଼ୀ ବ୍ୟାଙ୍କ ପ୍ରତି ରଖିଥିବା ଆକ୍ରୋଶ ମୂଳକ ମନୋଭାବରୁ କ୍ଷାନ୍ତ ରୁହନ୍ତୁ ବୋଲି କହିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ତାଙ୍କ ଅଭିଭାଷଣରେ ନୀତି ଓ ନିୟମ ଅନୁସାରେ ସମବାୟ ଚାଷୀଙ୍କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ । ଆଜିର ବୈଠକରେ ଶତାଧିକ ପ୍ୟାକ୍ସ ସଭାପତି ଯୋଗ ଦେଇଥିଲେ ।

# ଛେଦାଗ୍ରାମରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ



କଣ୍ଟାପଡ଼ା,(ପିପିଏସ): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଛେଦା ଗ୍ରାମରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା । ଅବିଭକ୍ତ କଟକ ଜିଲ୍ଲାରେ ପ୍ରଥମକରି ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ବ୍ଲକ, ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଯୋଜନାର ସୁଫଳ ସମ୍ପର୍କରେ ଲୋକଙ୍କୁ ବୁଝାଇଛନ୍ତି । ଏଥି ସହ ପ୍ରଥମ କରି ଯୋଜନା ମାଧ୍ୟମରେ ୨୨ଜଣ ଗୋ ପାଳକଙ୍କୁ ସେମାନଙ୍କ ମାଇ ବାଛୁରୀ ପାଇଁ ଖାଦ୍ୟ ବିତରଣ କରାଯାଇଛି ।

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଛେଦା ଗ୍ରାମର ଶ୍ରୀମା ଅରବିନ୍ଦ ଦୁଗ୍ଧ ଉତ୍ପାଦକ ସମିତି ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭ ଉଦ୍‌ଘାଟନ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ଉଦଘାଟକ ଭାବେ କଟକ ଜିଲ୍ଲା ଦୁଗ୍ଧ ସଂଘର ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପତି ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କଣ୍ଟାପଡା ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦିପ୍ତ ପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦୁଗ୍ ସଂଘର ମୁଖ୍ୟ ପରିଚାଳକ ଡ.ଦିଗମ୍ବର ନାୟକ, ଲଳିତେନ୍ଦୁ ପାତ୍ର, କଣ୍ଟାପଡା ପ୍ରାଣି ଚିକିତ୍ସକ ଡାକ୍ତର ମୃତ୍ୟୁଞ୍ଜୟ ବେହୁରା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସର୍ବେଶ୍ୱର ରାଉତରାୟ, ଅଡଶପୁର ଦୁଗ୍ଧ ଶିତଳିକରଣ କେନ୍ଦ୍ର ଶାଖା ପରିଚାଳକ ଆଶିଷ କୁମାର ସ୍ୱାଇଁ, ରୁଟ୍ ସୁପରଭାଇଜର ସୌଭାଗ୍ୟ ରନ ପଟେଲ, ସ୍ମୃତିରନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ରାଜ୍ୟ ସରକାର ଯେଉଁ ଯୋଜନା ପ୍ରଣୟନ କରିଛନ୍ତି ତାର ସୁଫଳ ଦୁଗ୍ଧ ଚାଷୀମାନେ ଉଠାଇବାକୁ କହିଥିଲେ । ସେହିପରି କେବଳ ଗାଇ ନୁହେଁ ବରଂ ଗାଇ ସହ ବାଛୁରୀର ଠିକ୍ ଲାଳନ ପାଳନ କରାଗଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ବେବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଶ୍ରମା ଅରବିନ୍ଦ ଦୁଗ୍ଧ ଉତ୍ପାଦକ ସମିତିର ସମ୍ପାଦକ କମଳ ଲୋଚନ ରାଉତରାୟ ପରିଚାଳନା କରିଥିବା ବେଳେ ଅଜିତ କୁମାର ରାଉତରାୟ,ସୌମ୍ୟକାନ୍ତ ରାଉତରାୟଙ୍କ ସମସ୍ତ ସଦସ୍ୟ ଓ ଛେଦା ଗ୍ରାମବାସୀ ସହଯୋଗ କରିଥିଲେ ।

### ଶହୀଦ୍ ଭଗତ ସିଂଙ୍କ ୯୪ତମ ବଳିଦାନ ଦିବସ

# 'ଭଗତ ସିଂଙ୍କୁ ପଢ' ସମ୍ପର୍କରେ ଆଲୋଚନାଚକ୍ର



ବ୍ରହ୍ମପୁର(ପିପିଏସ୍): ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ୍)ର ବ୍ରହ୍ମପୁର ଆଞ୍ଚଳିକ ପରିଷଦ ପାର୍କ ସାଇଡ଼ ଜିଲ୍ଲା କାର୍ଯ୍ୟାଳୟ ଠାରେ ମହେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସର୍ବ ଭାରତୀୟ ଉପସଭାପତି ପ୍ରଦୀପ ସେଠି ଯୋଗଦେଇ ଶହୀଦ୍ ଭଗତ ସିଂଙ୍କ ୯୪ତମ ବଳିଦାନ ଦିବସ ସମ୍ପର୍କରେ ଆଲୋଚନା କରି ଯୁବକ ମାନେ ଭଗତ ସିଂଙ୍କ ସମ୍ପର୍କରେ ଜାଣିବାକୁ ହେଲେ ତାଙ୍କ ଜୀବନୀ ସମ୍ପର୍କରେ ପଢ଼ିବାକୁ ହେବ । ବର୍ତ୍ତମାନର ସରକାର ଦେଶ ପରାଧୀନ ସମୟରେ ବ୍ରିଟିଶ ଗୋଲାମୀ କରୁଥିବା ବର୍ତ୍ତମାନ ପୁଞ୍ଜିପତିମାନଙ୍କ ଗୋଲାମୀ କରୁଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୁବ ମରଣା ନୀତି, ଦର ବୃଦ୍ଧି ଓ ମହିଳା ବିରୋଧରେ ଦୃଢ଼ ନିନ୍ଦା କରିଥିଲେ । ଏହା ସହ ରାଜ୍ୟ ଓ କେନ୍ଦ୍ର ସରକାର ନେଇ ଥିବା ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ର ସରକାରଙ୍କ ଯୁବ ମରଣା ନୀତି ବିରୋଧରେ ଯୁବ ସଂଘର ଜିଲ୍ଲା ସମ୍ପାଦକ କାମଦେବ ନାହାକ ତୀବ୍ର ନିନ୍ଦା କରିଥିଲେ । ବଳିଦାନ ଦିବସ ଅବସରରେ ବ୍ରହ୍ମପୁର ଜୋନ୍‌ର ଅଖିଳ ଭାରତ ଯୁବ ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଭଗତ ସିଂଙ୍କ ବଳିଦାନକୁ କେବେ ବି ବୃଥା ହେବାକୁ ଦିଆଯିବ ନାହିଁ ବୋଲି ଉପସ୍ଥିତ ପ୍ରତିନିଧି ମାନେ ଶପଥ ନେବା ସହ ଭଗତ ସିଂଙ୍କ ସ୍ୱପ୍ନ ସଫଳ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ଏହି ସମ୍ମିଳନୀରେ ମହେନ୍ଦ୍ର ପାତ୍ର ସଭପତି, କୃଷ୍ଣ ମହାରଣା ଉପସଭାପତି, ରୋହିତ ବିଷୋୟୀ ସମ୍ପାଦକ, ଜିତେନ୍ଦ୍ର ଦୋରା ସହ ସମ୍ପାଦକ ଓ ପ୍ରଭାତୀ ନାୟକ କୋଷାଧକ୍ଷ ସମେତ ୧୧ଜଣିଆ ପରିଷଦ ଗଠନ କରାଯାଇଛି । ଆଗାମୀ ମାର୍ଚ୍ଚ ୩୦ ତାରିଖରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ଜିଲ୍ଲା ସମ୍ମିଳନୀକୁ ସବୁ ପ୍ରକାର ସାହାର୍ଯ୍ୟ ସହଯୋଗ କରି ସଫଳ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଜେନା, ମହେଶ ଗୌଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,(ପିପିଏସ): ନିକଟସ୍ଥ ବାହାରଣା ପଞ୍ଚାୟତ ଅଟେଇହୁଡା ଗ୍ରାମରେ ମା ସାହାରେଇଙ୍କ ପୀଠଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମ ଯଜ୍ଞ ପାଇଁ ଗ୍ରାମ ପୋଖରୀରୁ କଳସଧାରୀମାନେ କଳସ ଆଣି କୁଞ୍ଜରେ ସ୍ଥାପନ କରିଥିଲେ । ଏହି ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ଗ୍ରାମର ଗୁରୁପ୍ରସାଦ ବାରିକ ଓ କର୍ତ୍ତୀ ଭାବେ କଳ୍ପନା ବାରିକ ପୂଜା କର୍ମରେ ବସିଥିଲେ । ବିଭିନ୍ନ ଅଞ୍ଚଳରୁ ୧୨ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଆସି ନାମ ଧରିଥିଲେ । ଏହି ଅଷ୍ଟପ୍ରହର ନାମଯଜ୍ଞ ତିନି ଦିନ ଧରି ଚାଲିଥିଲା । ଗ୍ରାମର ରାଜକିଶୋର ବାରିକ, ବାସୁଦେବ ବାରିକ, ଦିଲୀପ ବାରିକ, ନିରଞ୍ଜନ ବିଶ୍ୱାଳ, ଜଟାଧାରୀ ବାରିକ, ବିଜୟ ବାରିକ, କୃଷ୍ଣଚନ୍ଦ୍ର ବାରିକ, ଲିଙ୍ଗରାଜ ବିଶ୍ୱାଳ, ପ୍ରକାଶ ରାଉତ, ବଂଶୀଧର ରାଉତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ । ନାମ କୀର୍ତ୍ତନରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ ଅଭିଭାବକ ସାକ୍ଷାତକାର

ବାରିପଦା (ପିପିଏସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ ଅଭିଭାବକ ସାକ୍ଷାତକାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ । ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଆଗତ ଓ ଗୃହୀତ ହୋଇଥିଲା । ବିଭାଗୀୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ପ୍ରାଣୀବିଜ୍ଞାନ ବିଭାଗର ପାଠ୍ୟକ୍ରମ ବିଷୟରେ ଏବଂ ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ଗବେଷଣା ବିଷୟରେ ତଥ୍ୟ ରଖିବା ସହ ବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଶେଷରେ ସହକାରୀ ପ୍ରଫେସର ଡ. ଗାର୍ଗୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

# ମାଟ୍ରିକ୍ ଖାତା ମୂଲ୍ୟାୟନରେ କେଳେଙ୍କାରୀ ଅଭିଯୋଗ

କେନ୍ଦ୍ରାପଡ଼ା, (ପିପିଏସ୍): ମାଟ୍ରିକ ପରୀକ୍ଷା ଖାତା ଦେଖାରେ କୌଣସି କେଳେଙ୍କାରୀକୁ ବରଦାସ୍ତ କରାଯିବ ନାହିଁ । କେଳେଙ୍କାରୀରେ ସଂପୃକ୍ତ ଟିଚର ଯେତେ କ୍ଷମତାଶାଳୀ ହେଲେ ମଧ୍ୟ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ । କିନ୍ତୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଷଣଅଣ୍ଟା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମାଟ୍ରିକ ଖାତା ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେଉଛନ୍ତି ଜଣେ ଅନଭିଜ୍ଞ ଟିଚର । ତାଙ୍କର କୌଣସି ଅଭିଜ୍ଞତା ନଥାଇ ମଧ ତାଙ୍କୁ ସୁପରଭାଇଜର କ୍ଷମତା ପ୍ରଦାନ କରାଯାଇଛି । ଫଳରେ ସେ ମୂଲ୍ୟାୟନ କେନ୍ଦ୍ରରେ ବ୍ୟାପକ ହେରାଫେରି କରୁଛନ୍ତି । ମୂଲ୍ୟାୟନ କେନ୍ଦ୍ରରେ ଯାହାକୁ ପାଉଛନ୍ତି ତାକୁ ପୁରାଉଛନ୍ତି । କୌଣସି ଶିକ୍ଷକ ଏହାକୁ ବିରୋଧ କଲେ ତାଙ୍କ ବିରୋଧରେ ବୋର୍ଡରେ ଅଭିଯୋଗ କରାଇ ମାଟ୍ରିକ ଖାତା ଦେଖାରୁ ନିବୃତ୍ତ କରିବେ ବୋଲି ଧମକ ଦେଉଛନ୍ତି । ଆତଙ୍କବାଦୀ ଯେଭଳି ଅପହରଣ କରିବା ସମୟରେ ଜଣେ ଲୋକଙ୍କୁ ହତ୍ୟା କରି ଅନ୍ୟମାନଙ୍କୁ ଧମକ ଦେଇଥାନ୍ତି ଠିକ ସେହିଭଳି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଜଣେ ହିନ୍ଦୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଅନ୍ୟାମାନଙ୍କୁ ଡରାଇ ଧମକାଇ ରଖିଛନ୍ତି । ଏହି ର୍ୟାକେଟ ପଛରେ ଜିଲ୍ଲା ବିଜ୍ଞାନ ପରିଦର୍ଶକଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଚର୍ଚ୍ଚା ହେଉଛି । ଯେଉଁ ମହାଶୟଙ୍କୁ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର କରାଯାଇଛି ତାଙ୍କର ମାତ୍ର ୩ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି । ନିୟମ ମୁତାବକ କୌଣସି ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ହେବାକୁ ହେଲେ ଜଣେ ଶିକ୍ଷକଙ୍କୁ ଅନୂନ୍ୟ ୧୫ବର୍ଷର ଅଭିଜ୍ଞତା ଆବଶ୍ୟକ । ତେଣୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ କି ଫାଇଦା ପାଇ ଜଣେ ଅନଭିଜ୍ଞ ଟିଚରଙ୍କୁ ସୁପରଭାଇଜର କରିଦେଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ବହୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମତବ୍ୟକ୍ତ କରିଛନ୍ତି ।

# ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର



ଚାରିଛକ,(ପିପିଏସ): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସର ରେ ଛାତ୍ରୀ ମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିର ରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ କରି ଛାତ୍ରୀମାନଙ୍କର ଆତ୍ମରକ୍ଷା କୌଶଳ ନାରୀ ଶସକ୍ତୀକରଣ ପାଇଁ ଏକ ପ୍ରମୁଖ ଆୟୁଧ ବୋଲି ଅଭିହିତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ତଥା ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, ଆତ୍ମରକ୍ଷା କୌଶଳ ଶିଖିବା ଦ୍ୱାରା ନାରୀ ଆଉ ଅବଳା ନୁହେଁ ସବଳା ହୋଇ ପାରିବେ । ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ସଂସ୍କୃତ ବିଭାଗ ମୁଖ୍ୟ ଡକ୍ଟର ପୁର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଓଡିଆ ବିଭାଗ ମୁଖ୍ୟ ଡକ୍ଟର ଶର୍ମିଷ୍ଠାରାଣୀ ମହାନ୍ତି, ଅଧ୍ୟାପିକା ଇତିଶ୍ରୀ ସାହୁ, ମଧୁମିତା ଦେଇ, କଲ୍ୟାଣୀ ସ୍ୱାଇଁ, ଅନିତା ବିଶ୍ୱାଳ ପ୍ରଭୃତି ଯୋଗ ଦେଇଥିଲେ । ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ । ପରିଶେଷରେ ସମସ୍ତ ଅଂଶ ଗ୍ରହଣକାରୀ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# କାଳବୈଶାଖୀ ବର୍ଷାରେ ଚାରିଛକ ଦୈନିକ ହାଟ କ୍ଷତିଗ୍ରସ୍ତ



ଚାରିଛକ,(ପିପିଏସ): ଶନିବାର କାଳବୈଶାଖୀ ଝଡ଼ ବର୍ଷାରେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ଦୈନିକ ହାଟ କ୍ଷତିଗ୍ରସ୍ତ ହୋଇପଡିଛି । ହାଟର ଅନେକ ଦୋକାନ ଗୃହର ଚାଳଛପର ଉଡ଼ି ଯାଇଥିବା ବେଳେ ହାଟ ମଧ୍ୟରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଲହଡ଼ି ମାରୁଛି । ଦୈନିକ ଏହି ହାଟରେ ଆଖପାଖ ଅଞ୍ଚଳର ଶତାଧିକଚାଷୀ ଓ ବ୍ୟବସାୟୀମାନେ ପନିପରିବା ବିକ୍ରି ଲାଗି ଦୋକାନ ଖୋଲିଥାନ୍ତି । ବର୍ଷା ରେ ଦୈନିକ ହାଟଟି କାଦୁଅରେ ପଚପଚ ହେଉଥିବା ବେଳେ ପିଣ୍ଡି ଉପରକୁ ବର୍ଷା ପାଣି ଉଠି ପନିପରିବା ସବୁ ନଷ୍ଟ ହୋଇ ଯାଉଛି । ଗତ ୧୯୯୩ ମସିହାରେ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତଙ୍କ ସମୟରେ ଏଠାରେ ୨୫ ଡେସିମିଲ ଜାଗାରେ ଦୈନିକ ହାଟର ଶୁଭ ଉଦଘାଟନ ହୋଇଥିଲା ।ଏହି ହାଟରୁ ବର୍ଷକୁ ପ୍ରାୟ ଲକ୍ଷାଧିକ ଟଙ୍କା ରାଜସ୍ୱ ପଞ୍ଚାୟତ ପାଇଥାଏ । ଏହି ଦୈନିକ ହାଟର ସମସ୍ୟା ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନିମାପଡା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆସି ଦୈନିକ ହାଟକୁ ପରିଦର୍ଶନ କରି ଏଷ୍ଟିମେଟ କରି ହାଟର ଉନ୍ନତି ପାଇଁ ଶୀଘ୍ର ଅନୁଦାନ ପ୍ରଦାନ କରିବାକୁ ସ୍ଥାନୀୟ ସରପଞ୍ଚଙ୍କୁ କହିଥିଲେ । ଉକ୍ତ ଦୈନିକ ହାଟର ଉନ୍ନତି କରଣ ଲାଗି ୩୦ ଲକ୍ଷ ଟଙ୍କା ଅନୁଦାନ ମଂଜୁର ହୋଇ ବ୍ଲକରେ ଦୀର୍ଘ ଦିନ ହେବ ଗଚ୍ଛିତ ରହିଛି । ମାତ୍ର ସ୍ଥାନୀୟ ବିଡ଼ିଓ ଟାଳଟୁଳ ନିତି ଅବଲମ୍ବନ କରୁଥିବାରୁ କାର୍ଯ୍ୟ ହେଉନାହିଁ ବୋଲି ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯଦି ତୁରନ୍ତ ଏହି କାର୍ଯ୍ୟ କରା ନଯାଏ ତେବେ ବ୍ୟବସାୟୀମାନଙ୍କ ପକ୍ଷରୁ ଆନ୍ଦୋଳନ ପନ୍ଥା ଅବଲମ୍ବନ କରାଯିବ ବୋଲି ବ୍ୟବସାୟୀମାନେ ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# 'ଯ' ନଦୀର ଡ୍ରେନେଜ କ୍ରିକ, ମରାମତି ଅଭାବରୁ ଜରାଜୀର୍ଣ୍ଣ ସଟର



ଧାମନଗର (ପି ପି ଏସ) ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ପଳିକିରୀ ରାଜସ୍ୱ ଗ୍ରାମର ମଧଭାଗ ଦେଇ ପ୍ରବାହିତ 'ଯ'ନଦୀ । ଏହି ନଦୀର ଉପର ମୁଣ୍ଡରେ ବିଗତ ୨୮ ବର୍ଷ ତଳେ ତତ୍କାଳୀନ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ନାଗାର୍ଜୁନ ପ୍ରଧାନ ଓ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ଅବଦାନରେ ଦୁଇ ବିଶାଳ ଲୌହ ସଟର ଯୁକ୍ତ କ୍ରିକ୍ ନିର୍ମାଣ ହୋଇଥିଲା । ତାର କିଛି ବର୍ଷ ପରେ ଚୋର ମାନେ ସଟର କାଟି ନେବାରୁ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲଙ୍କ ପ୍ରଚେଷ୍ଟାରେ ଏହା ପୁନଃ ମରାମତି ହୋଇଥିଲା । ଆଜକୁ ୧୮ ବର୍ଷ ହେବ ଏହି ସେଚ ପ୍ରକଳ୍ପର ଲୁହା ପ୍ଲେଟ (ସଟର)ର ରକ୍ଷଣା ବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ଯାହା ଫଳରେ ଖରିଫ ଚାଷ ସମୟରେ ଏହି ଲୁହା ସଟର ପଡ଼ି ନପାରିବା ଯୋଗୁ ଦୁଇପଟରେ ଶହ ଶହ ଏକର ଚାଷ ଜମିକୁ ପାଣି ମାଡ଼ିପାରୁ ନାହିଁ । ପାଣି ଅଭାବ ହେଲେ ଜମି କାଦୁଅ ଓ ତଳି ରୁଆ ଆଦି କାର୍ଯ୍ୟରେ ବାଧା ଉପୁଜୁଛି । ଡ୍ରେନେଜ ଅଧୀନ ଥିବା ଏହି ପ୍ରକଳ୍ପ ଏବେ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର ହୋଇଛି । ମାତ୍ର ଏହାର ରକ୍ଷଣା ବେକ୍ଷଣ ଦିଗରେ ଏହି ବିଭାଗର ଆନ୍ତରିକତା ନାହିଁ । କ୍ଷୁଦ୍ର ଜଳସେଚନ ବିଭାଗ ଭଦ୍ରକ ପକ୍ଷରୁ ନୂତନ ପ୍ଲେଟ ଓଲଡିଂ ହୋଇ ସଟର ମରାମତି ହେଲେ ଆସନ୍ତା ଖରିଫ ଚାଷ ସୁରୁଖୁରୁରେ ହୋଇ ପାରନ୍ତା । ଗତ ଶିବ ରାତ୍ରିରେ ମାନ୍ୟବର ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବସେବା ଓ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ପଳିକିରୀ ଉତ୍ତରେଶ୍ୱର ମହାଦେବଙ୍କ ଦର୍ଶନ ସମୟରେ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିବେଦନ କରିଥିଲେ । ମାନ୍ୟବର ମନ୍ତ୍ରୀ ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ଭଦ୍ରକ ନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଚାଷୀମାନେ କହିଛନ୍ତି ।

### ସମାଜର ଦୃଷ୍ଟିଶକ୍ତି ବସନ୍ତକୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ

# ହଜାର ହଜାର ଦୃଷ୍ଟିହୀନ ଫେରି ପାଇଛନ୍ତି ଦୃଷ୍ଟିଶକ୍ତି




କେନ୍ଦ୍ରାପଡ଼ା, (ପିପିଏସ୍): ସମାଜର ଦୃଷ୍ଟିଶକ୍ତି ପାଲଟିଛି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁରରେ ଥିବା ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର । ଏହି କେନ୍ଦ୍ରର ଉଦ୍ୟମ ଦ୍ୱାରା ହଜାର ହଜାର ଦୃଷ୍ଟିହୀନ ବ୍ୟକ୍ତି ଦୃଷ୍ଟିଶକ୍ତି ଫେରି ପାଇଛନ୍ତି । ଦୃଷ୍ଟିଶକ୍ତି ଫେରି ପାଇବା ପରେ ଦୁନିଆକୁ ସ୍ୱଚକ୍ଷୁରେ ଦେଖିବାର ଅଦ୍ୱିତୀୟ ସୁଯୋଗ ପାଇଛନ୍ତି ଅନେକ ଦୃଷ୍ଟିହୀନ । ଦୃଷ୍ଟିଶକ୍ତି ଫେରି ପାଇଥିବା ବ୍ୟକ୍ତିମାନେ ଅନୁଷ୍ଠାନର ମୁଖ୍ୟ ଡା. ସରୋଜ କୁମାର ତ୍ରିପାଠୀଙ୍କୁ ଭଗବାନ ଭାବେ ଅଭିହିତ କରିଛନ୍ତି । ସେମାନଙ୍କ ମତରେ ସେମାନେ ଜନ୍ମରୁ ଦୃଷ୍ଟିହୀନ ଥିଲେ । ଦୁନିଆ କଳା କି ଧଳା କି ରଙ୍ଗୀନ ତାହା ସେ ଜନ୍ମରୁ ଦେଖିନଥିଲେ । କିନ୍ତୁ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ସରୋଜ କୁମାର ତ୍ରିପାଠୀଙ୍କ ଅଦମ୍ୟ ଉଦ୍ୟମ ସେମାନଙ୍କୁ ନୂଆ ଦୁନିଆ ଦେଖାଇବାରେ ସାହାଯ୍ୟ କରିଛି । କେବଳ ଦୃଷ୍ଟିହୀନ ବ୍ୟକ୍ତି ନୁହନ୍ତି କେନ୍ଦ୍ରାପଡା ଜିଲ୍ଲାର ଲକ୍ଷ ଲକ୍ଷ ଜନସାଧାରଣ ଏବେ ଡାକ୍ତର ସରୋଜ ତ୍ରିପାଠୀଙ୍କ ସମାଜସେବା ପ୍ରତି ରହିଥିବା ପ୍ରତିବଦ୍ଧତା ଉପରେ ଚର୍ଚ୍ଚା କରୁଛନ୍ତି । ପ୍ରାଚୁର୍ଯ୍ୟରେ ବଢି ମଧ ଜଣେ ସାଧାରଣ କୃଷକ ଭଳି ଜୀବନ ବିତାଇଥାନ୍ତି ଡାକ୍ତର ସରୋଜ ତ୍ରିପାଠୀ । ତାଙ୍କ ମନରେ ଗର୍ବ, ଅହଂକାର, ବଡ଼ିମା ଜମାରୁ ନାହିଁ । ତାଙ୍କ ସହ ଦୁଇପଦ କଥା ହୋଇଗଲେ ରୋଗୀଙ୍କର ଅଧା ରୋଗ ଭଲ ହୋଇଯାଏ ବୋଲି ଚିକିତ୍ସାଳୟର ଊନବିଂଶତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥି ଓ ସ୍ଥାନୀୟ ଜନସାଧାରଣ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଡାକ୍ତର ସରୋଜ ତ୍ରିପାଠୀ କୁହନ୍ତି ତାଙ୍କ ଜୀବନର ସମସ୍ତ ପୁଞ୍ଜି ସେ ସମାଜ ପାଇଁ ଲଗାଇ ଦେଇଛନ୍ତି । ତାଙ୍କ ଦେହରେ ପ୍ରବାହିତ ହେଉଥିବା ଶେଷ ରକ୍ତବୁନ୍ଦା ପର୍ଯ୍ୟନ୍ତ ସେ ଲୋକଙ୍କ ସେବା କରିବେ । ଲୋକଙ୍କ ସେବା କରି ଆଖିବୁଜି ଦେଲେ ତାଙ୍କ ଜୀବନ ସାର୍ଥକ ହୋଇଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଚିକିତ୍ସାଳୟର ପ୍ରତିଷ୍ଠାତା ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ସତ୍ୟସାଇ ସେବାସମିତି ସଭାପତି ଉମେଶ ଚନ୍ଦ୍ର ନାୟକ, ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ୍)ର ସଭାପତି ଲକ୍ଷ୍ମୀକାନ୍ତ ପାଲିତ ଓ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଡା. ସନ୍ତୋଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଚିକିତ୍ସାଳୟରେ ଏହା ମଧ୍ୟରେ ୨୦ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ଅସ୍ତ୍ରୋପ୍ରଚାର ଏବଂ ଚିକିତ୍ସା କରାଯାଇଛି । ୧୯ବର୍ଷ ଅତିକ୍ରମ କରିଥିବା ଏହି ଚିକିତ୍ସାଳୟରେ ଚକ୍ଷୁ ଅସ୍ତ୍ରୋପ୍ରଚାର ପାଇଁ କଟକ, ଭୁବନେଶ୍ୱର ଭଳି ବଡ ବଡ ସହରକୁ ଯାଇପାରୁନଥିବା ଗରୀବ ଅସହାୟ ଲୋକମାନଙ୍କ ଚକ୍ଷୁରେ ଅସ୍ତ୍ରୋପ୍ରଚାର କରାଯାଉଛି । ସମାଜସେବାକୁ ନିଜ ଜୀବନର ବ୍ରତ କରିଥିବା ଡା. ସରୋଜ କୁମାର ତ୍ରିପାଠୀ ପ୍ରକୃତରେ ଏମାଟିର ଜଣେ ସୁଯୋଗ୍ୟ ସନ୍ତାନ ଓ ଏକ ବିରଳ ବ୍ୟକ୍ତିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଇଂ ମନୋଜ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ରୋଟାରୀ କ୍ଲବ(ୟୁନିକ୍)ର ପ୍ରାକ୍ତନ ସଭାପତି ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମହାପାତ୍ର, ଦିବ୍ୟରଞ୍ଜନ ଦାସ, ନିରଜନୟନ ଦତ୍ତ, ଡା. ନିରଞ୍ଜନ ପରିଡା, ସତ୍ୟବ୍ରତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବଙ୍ଗତ ତିନି ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



ଚୌଦ୍ୱାର,(ପିପିଏସ୍):ଚୌଦ୍ୱାରସ୍ଥିତ ଟେକ୍ସଟାଇଲ ଟେକନୋଲୋଜି ପ୍ରତିଷ୍ଠାନର ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ପୁରାତନ ଛାତ୍ର ସଂସଦ ତରଫରୁ ଅନୁଷ୍ଠାନର ୩ଜଣ ଦିବଙ୍ଗତ ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ପୁରାତନ ଛାତ୍ର ସଂସଦ ସଦସ୍ୟ ମେଜର ସଚ୍ଚିଦାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଶିକ୍ଷାବିତ୍ ବିଦ୍ୟାସାଗର, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କାହ୍ନୁ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପୂର୍ବତନ ଅଧ୍ୟାପକ ସ୍ୱର୍ଗତ ଡ. ଗୌର ଗୋପାଳ ମହାନ୍ତି, ସ୍ୱର୍ଗତ ଅଜୟ ନନ୍ଦ ଓ ସ୍ୱର୍ଗତ ଶରତ ମହାପାତ୍ରଙ୍କ ସ୍ମୃତି ଚାରଣ କରିବା ସହିତ ସେମାନଙ୍କ ଭିତରେ ଥିବା ବିଦ୍‌ବତ୍ତା,ନୀତିନିଷ୍ଠା, ଛାତ୍ର ବତ୍ସଳତା ଓ ସେବାଭାବ ପାଇଁ ସେମାନେ ସମସ୍ତଙ୍କର ଅତିପ୍ରିୟ ହୋଇ ପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ ।ବାଣୀପ୍ରଭା ମହାନ୍ତି, ଧୀର ଷଡ଼ଙ୍ଗୀ, ସ୍ତମ୍ଭକାର ଗୁରୁ କଲ୍ୟାଣ ମହାପାତ୍ର, ଭୈରବ ମାହାନ୍ତି, ଇଂ ପ୍ରଦ୍ୟୁମ୍ନ କାନୁନଗୋ, ବ୍ରଜେନ୍ଦ୍ର ଦାସ, କର୍ଣ୍ଣେଲ ସୌମିତ୍ର ଦାସ, ଦିବେଶ ସ୍ୱାଇଁ, ଇଂ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଭୁକଲ୍ୟାଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ମଶାନ ନିର୍ମାଣକୁ ନେଇ ମହିଳାଙ୍କ ବିରୋଧ: ସ୍ଥାନ ଛାଡ଼ି ପଳାଇଲେ ଠିକାଦାର



କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଶ୍ମଶାନ ନିର୍ମାଣକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି । ଶ୍ମଶାନ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବା ଠିକାଦାରଙ୍କୁ ମହିଳାମାନେ ବିରୋଧ ଥିଲେ । ଫଳରେ ଠିକାଦାର ଓ ତାଙ୍କ ସହଯୋଗୀମାନେ ସ୍ଥାନ ଛାଡି ପଳାଇଥିଲେ । ଏ ନେଇ ସଦର ଥାନାରେ ଉଭୟ ଗୋଷ୍ଠୀ ଅଭିଯୋଗ କରିଛନ୍ତି । ମହିଳାମାନେ କହିଛନ୍ତି ଯେଉଁ ସ୍ଥାନରେ ଶ୍ମଶାନ ନିର୍ମାଣ ହେବା ପାଇଁ ଠିକାଦାର କାମ ଆରମ୍ଭ କରିଛନ୍ତି ସେ ସ୍ଥାନ ନିକଟରେ ମନ୍ଦିର ରହିଛି । ପିଲାମାନେ ଓ ସ୍ଥାନୀୟ ବାସିନ୍ଦାମାନେ ଏହି ରାସ୍ତା ଦେଇ ପ୍ରତିଦିନ ମନ୍ଦିର ଓ ନଦୀକୁ ଯିବା ଆସିବା କରିଥାନ୍ତି । ସେଠାରେ ଥିବା ପଡିଆରେ ପିଲାମାନେ ସବୁଦିନ ଖେଳାଖେଳି କରନ୍ତି । ତେଣୁ ଏହି ରାସ୍ତାରେ ଶ୍ମଶାନ ନିର୍ମାଣ ହେଲେ ପିଲାମାନେ ଭୟଭୀତ ହେବେ । ସେହିପରି ଜନବସତିରେ ଏହି ଶ୍ମଶାନ ନିର୍ମାଣ କରାଯାଉଥିବାରୁ ମୃତଦେହ ପୋଡା ହେଲେ ତାହାର ଗନ୍ଧ ଲୋକଙ୍କୁ ଅସ୍ତବ୍ୟସ୍ତ କରିବ । ଏହି ଗ୍ରାମ ନିକଟରେ ସହରର ଏକ ବଡ଼ ଶ୍ମଶାନ କଜଳାରେ ରହିଛି । ସେହି ସ୍ଥାନଟି ଗ୍ରାମଠାରୁ ଦୂରରେ ରହିଛି । ପୂର୍ବ ପୁରୁଷରୁ କଜଳାରେ ଶବଦାହ କରାଯାଉଛି । ଏହି ସ୍ଥାନଟି ଜନବସତି ଅଞ୍ଚ ନିକଟରେ । ତେଣୁ ସେଠାରେ ଶବ ପୋଡାଯିବାରେ କୌଣସି ସମସ୍ୟା ନାହିଁ । ହେଲେ ଠିକାଦାରଙ୍କୁ ପୋଷିବା ପାଇଁ କେତେକ କୁଜିନେତା ଏଠାରେ ଶ୍ମଶାନ ନିର୍ମାଣକୁ ପ୍ରୋତ୍ସାହନ ଯୋଗାଉଛନ୍ତି । ଏହାଦ୍ୱାରା ଲୋକେ ବହୁ ସମସ୍ୟାରେ ପଡିବେ ବୋଲି ମହିଳାମାନେ କହିଛନ୍ତି ।

ଏହା କହିବା ସହିତ ମହିଳାମାନେ ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ । ସେହି ମହିଳାମାନେ ଦୁଇଦିନ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଶ୍ମଶାନ ନ ହେବାପାଇଁ ଅଭିଯୋଗ ଦେଇଥିଲେ । ଉପଜିଲ୍ଲପାଳ ଏହାକୁ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ଠିକାଦାର ଏହାକୁ ନ ମାନି ଜବରଦସ୍ତି କାମ ଆରମ୍ଭ କରୁଥିଲେ । ତେଣୁ ମହିଳାମାନେ ଏହି କାର୍ଯ୍ୟକୁ ବିରୋଧ କଲେ । ଅପରପକ୍ଷରେ ଶ୍ମଶାନ ନିର୍ମାଣକୁ ସମର୍ଥନ କରୁଥିବା ଅଞ୍ଚଳର ସରପଞ୍ଚଙ୍କ ସ୍ୱାମୀ କରୁଣାକର ସାହୁ କହିଛନ୍ତି ଏହି ଗ୍ରାମରେ ଶ୍ମଶାନ ନିର୍ମାଣର ଯଥାର୍ଥତା ରହିଛି । କାରଣ ୧୯୮୪ ମସିହାରୁ ଏହି ପଞ୍ଚାୟତରେ ୧୫ ଡିସିମିଲ ଶ୍ମଶାନ ଜମି ରହିଛି । ତେଣୁ ପଞ୍ଚାୟତ ତରଫରୁ ଶ୍ମଶାନ ନିର୍ମାଣ ହେବା ପାଇଁ ଯୋଜନା ହୋଇଥିଲା । ଯୋଜନା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେବା ବେଳେ ଗୋଚର ଜମିରେ ଅବୈଧ ଭାବେ ବାସ କରୁଥିବା କିଛି ଲୋକ ଓ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କିଛି ଲୋକ ମିଶିକି ଶ୍ମଶାନ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି । ସେ କହିଛନ୍ତି କଜଳା ଶ୍ମଶାନ ଏଠାରୁ ୩ କିଲୋମିଟର ଦୂର । ଲୋକମାନେ କାହିଁକି ଖରା ବର୍ଷାରେ ୩ କିଲୋମିଟର ଶବ ବୋହି ନେଇକି ଯିବେ ଓ ସମସ୍ୟାରେ ପଡିବେ । ତେଣୁ ଗ୍ରାମରେ ଶ୍ମଶାନ ହେଲେ ଗୁଲନଗର ଓ ସୁଜାନଗର ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ଉଭୟ ଅଭିଯୋଗକୁ ଆମେ ଗ୍ରହଣ କରି ଘଟଣାର ତଦନ୍ତ କରୁଛୁ ।

# ରାଜନୈତିକ ଦଳମାନଙ୍କ ସହିତ ତୃଣମୂଳସ୍ତରୀୟ ବୈଠକ

ସୁନ୍ଦରଗଡ଼, (ହି.ସ.) - ଦେଶବ୍ୟାପୀ ୪୧୨୩ ଜଣ ଇଆରଓ ସେମାନଙ୍କ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି। ସେହିପରି, ରାଜ୍ୟ / କେନ୍ଦ୍ରଶାସିତ ଅଂଚଳସ୍ତରରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ର ଶାସିତ ଅଂଚଳଗୁଡ଼ିକର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ସିଇଓଙ୍କୁ ମଧ୍ୟ ଜିଲ୍ଲା ଏବଂ ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳ ସ୍ତରରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ୧୯୫୦ ଏବଂ ୧୯୫୧ ର ଜନପ୍ରତିନିଧି ଆଇନ, ୧୯୬୦ ର ନିର୍ବାଚନ ପଞ୍ଜୀକରଣ ନିୟମ, ୧୯୬୧ ର ନିର୍ବାଚନ ଆଚରଣ ନିୟମ ଏବଂ ସମୟ ସମୟରେ ଇସିଆଇ ଦ୍ୱାରା ଜାରି ମାନୁଆଲ୍, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଂଚା ମଧ୍ୟରେ ରହିଛି। ଏହି ବୈଠକଗୁଡ଼ିକ ଜାତୀୟ / ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି। ଏପରି ସମସ୍ତ ବୈଠକ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳରେ ସମାପ୍ତ ହେବାକୁ ଅଛି। ଏହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ୪ ମାର୍ଚ୍ଚ ୨୦୨୫ ରେ ନୂଆଦିଲ୍ଲୀର ଓଓଓଉରଗ ଠାରେ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶର ସିଇଓ ଏବଂ ପ୍ରତ୍ୟେକ ରାଜ୍ୟର ଜଣେ ଡିଡ଼ଓ, ଇଆରଓଙ୍କ ସମ୍ମିଳନୀରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି। ରାଜନୈତିକ ଦଳ ଏବଂ ସେମାନଙ୍କର ପ୍ରାଧିକୃତ ପ୍ରତିନିଧି ଯେପରିକି ବୁଥ ସ୍ତରୀୟ ଏଜେଂଟ, ପୋଲିଂ ଏଜେଂଟ, କାଉଂଟିଂ ଏଜେଂଟ ଏବଂ ନିର୍ବାଚନ ଏଜେଂଟଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ରହିଛି। ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକଦଳଗୁଡ଼ିକ ଦ୍ୱାରା ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରାଯାଇଛି। ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ସମୟସୀମା ମଧ୍ୟରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ କରୁଛି।

## ଉପ ଆରକ୍ଷୀ ଅଧିକ୍ଷକ ଖଲାସ

ନୂଆପଡ଼ା, : ଏକ ଲାଞ୍ଚ ଗ୍ରହଣ ମାମଲାର ଶନିବାର ସତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରିନାରାୟଣ ନନ୍ଦ ଶୁଣାଣି କରିଛନ୍ତି। ସମସ୍ତ ସାକ୍ଷ୍ୟମାନଙ୍କ ବୟାନ ଅନୁସାରେ ପ୍ରମାଣ ଅଭାବରୁ ନୂଆପଡ଼ା ଜିଲ୍ଲା ପୋଲିସ୍ ଅଧିକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ଡିଷ୍ଟ୍ରିକ ହ୍ୟୁମାନ ରାଇଟ୍ ପ୍ରୋଟେକ୍ସନ ସେଲ (ଡିଏଚ୍‌ଆରପିସି) ଉପ ଆରକ୍ଷୀ ଅଧିକ୍ଷକଙ୍କୁ ଖଲାସ କରିଛନ୍ତି। ସେ ହେଲେ ରବିନ୍ଦ୍ର କୁମାର ସେଠୀ। ସୂଚନା ଅନୁଯାୟୀ, ୨୦୧୯ରେ ଏକ ଆଦିବାସୀ ଓ ହରିଜନ ପ୍ରତିକାର ଆଇନ ଅନୁଯାୟୀ ଅଭିଯୋଗକାରୀଙ୍କୁ ମାନବ ଅଧିକାର ସୁରକ୍ଷା ସେଲର ରିପୋର୍ଟ ପ୍ରଦାନ କରିବା ପାଇଁ ନରସିଂହପୁର ଗାଁର ଜଗଦୀଶ ଛୁରାଠାରୁ ରବୀନ୍ଦ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। କୋରାପୁଟ ଭିଜିଲାନ୍ସ ଥାନା କେସ ନଂ.୪/ ୨୦୧୯ରେ ମାମଲା ରୁଜୁ କରାଯାଇ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ସେହି ମାମଲାର ଶୁଣାଣି କରି ଶନିବାର ସତନ୍ତ୍ର ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ପ୍ରମାଣ ଅଭାବରୁ ରବୀନ୍ଦ୍ରଙ୍କୁ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ସା ମାମଲା ପରିଚାଳନା କରୁଥିଲେ।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ରାଉରକେଲା(ପିପିଏସ୍) : ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରାଳୟ, ଅଖିଳ ଭାରତୀୟ ସ୍ତରରେ ଏକ ବିକଶିତ ଭାରତ ସମ୍ପର୍କିତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ମ୍ୟୁନିସିପାଲ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ବିଜୟାଲକ୍ଷ୍ମୀ ଦେଓଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଉପ ଜିଲ୍ଲାପାଳ ବିଜୟ କୁମାର ନାୟକ ସମ୍ମାନିତ ଅତିଥି, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ମାରିୟାନୁଷ ବିଲୁଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଗଣ ସେମାନଙ୍କ ବକ୍ତବ୍ୟରେ ଏଭଳି କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଐକ୍ୟବଦ୍ଧତା ଓ ଭାତୃତ୍ୱଭାବ ସୃଷ୍ଟି କରିବା ସହ ଦେଶପ୍ରେମ ଜାଗ୍ରତ କରିବ ବୋଲି ମତ ରଖିଥିଲେ। ସୂଚନାଯୋଗ୍ୟ ଯେ ଆଲୋଚ୍ୟ ପ୍ରସଙ୍ଗ ଗୋଟିଏ ଦେଶ ଗୋଟିଏ ନିର୍ବାଚନ - ବିକଶିତ ଭାରତ କୁ ରାସ୍ତା ସମ୍ପର୍କରେ ସୁନ୍ଦରଗଡ ଜିଲ୍ଲା ଓ ଦେବଗଡ଼ ଜିଲ୍ଲାର ୫୫ ଟି ମହାବିଦ୍ୟାଳୟର ସହସ୍ରାଧିକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଓ ସେଥିମଧ୍ୟରୁ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ରେ ଯୋଗଦେବା ପାଇଁ ମନୋନୀତ ହୋଇଥିଲେ। ଏହି ପ୍ରସଙ୍ଗରେ ବିଚାରକ ଭାବେ ପ୍ରାକ୍ତନ ରିଡର ପ୍ରଦୀପ କୁମାର ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଅଭୟ କୁମାର ହୋତା, ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ ଜଗନ୍ନାଥ ଜେ ପାତ୍ରୀ, ଅଧ୍ୟାପକ ଅର୍ଘ୍ୟଦୀପ ବାନାର୍ଜୀ, ଅଧ୍ୟାପିକା ସୁଦିପ୍ତୀ କେର୍କେଟା ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ଆର ଏଣ୍ଡ ବି ର ସୁପରିଟେଣ୍ଡେଣ୍ଟ ଆଲୋକ ନାୟକ ଓ ସାମ୍ବାଦିକ ସତ୍ୟାନନ୍ଦ ବେହେରା ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଆକାଶ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ଓ ଶେଷରେ ପ୍ରୋଗ୍ରାମିଙ୍ଗ ଅଫିସର ଅଧ୍ୟାପିକା ଡ଼ଃ ଦିବ୍ୟକାନ୍ତୀ ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ୧୦ ଜଣ ଚୟନିତ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଓ ଏହି ପ୍ରତିଯୋଗିତାରେ ଉନ୍ନୀତ ପ୍ରତିଯୋଗୀ ସର୍ବଭାରତୀୟ ସ୍ତରରେ ସଂସଦ ତର୍କ ବିତର୍କରେ ଭାଗ ନେବାର ସୁଯୋଗ ପାଇବେ ଓ ପୁରସ୍କୃତ ହେବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମ ମାଧମରେ ଯୁବ ଗୋଷ୍ଠୀ ଠାରେ ବିକଶିତ ଭାରତର ସଂକଳ୍ପ ଓ ସିଦ୍ଧି ସମ୍ପର୍କରେ ଜାଗରଣ ସୃଷ୍ଟି କରି ତାର ସଫଳ ରୂପାୟନ କରିବା ହିଁ ଆଶା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ପ୍ରଜ୍ଞା ପରମିତା ମହାପାତ୍ର, ଦୀପ୍ତି ସୋରେନ,ନୀତୁ ସେଠ୍, ଡ଼ଃ ସୁନିତା ମିଶ୍ର, ପ୍ରଭାତ ଅଗ୍ରୱାଲ, ଭାଗ୍ୟଲକ୍ଷ୍ମୀ ବେହେରା, ଓମ୍ ବାହାଦୁର, ସଞ୍ଜୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବାଇକ୍‌ରେ ଚାଲାଣବେଳେ ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା ,(ପିପିଏସ୍): ବଡ ଚତୁରତାର ସହିତ ମୋଟର ସାଇକେଲରେ ଗଞ୍ଜେଇ କାରବାର କରୁଥିବା ଜଣେ ଯୁବକକୁ ଗିରଫ କରାଯିବା ସହ ୩ କେଜି ୪୯୦ ଗ୍ରାମ୍ ଗଞ୍ଜେଇ ଓ ମୋଟରସାଇକେଲକୁ ଜବତ୍ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୮ ହଜାର ଟଙ୍କା ହେବ। ସୂଚନା ଅନୁସାରେ ରଘୁନାଥପାଲ୍ଲୀ ଥାନା ଏସ୍‌ଆଇ ସୂରଜ କଂସରାଲି ଏବଂ ତାଙ୍କ ପୁଲିସ୍ ଟିମ୍ ଶୁକ୍ରବାର ସକାଳେ ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ତାଙ୍କୁ ଗୁପ୍ତ ସୂଚନା ମିଳିଥିଲା। ସେହି ସୂଚନା ଅନୁସାରେ ପାନପୋଷ ଅଞ୍ଚଳର ବ୍ୟବସାୟୀ ମହମ୍ମଦ୍ ହସନ୍ ଜାହାଙ୍ଗୀର ଓଡି-୧୪ଜେ-୫୧୫୩ ମୋଟରସାଇକେଲ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଧରି ତରକେରା ପମ୍ପ ହାଉସ୍ ସମ୍ମୁଖରୁ ହାଇଟେକ୍ ମେଡିକାଲ ଛକକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୁଲିସ୍ ପାଟ୍ରୋଲିଂ ଟିମକୁ ସୂଚନା ମିଳିଥିଲା। ତେଣୁ ପୁଲିସ୍ ଟିମ୍ ହାଇଟେକ୍ ମେଡିକାଲ ଛକରେ ଜଗିରହିଥିଲା। ବାଇକ୍‌ରେ ଗଞ୍ଜେଇ ଧରି ଯୁବକ ଜଣକ ସେଠାର ପହଞ୍ଚିବା କ୍ଷଣି ପୁଲିସ୍ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯୁବକ ଜଣକ ଧରିଥିବା ବ୍ୟାଗକୁ ଯାଞ୍ଚ କରିବା ପରେ, ସେଥିରୁ ୩ କେଜି ୪୯୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ପୁଲିସ୍ ଗଞ୍ଜେଇ ଜବତ୍ କରିବା ସହ ବାଇକକୁ ମଧ୍ୟ ଜବତ କରିଛି। ଥାନାରେ ପଚରାଉଚରା ପରେ ସେ ନିଜର ନାମ ଓ ଠିକଣା ବତାଇ ଥିଲା। ଯୁବକର ନାମ ମହମ୍ମଦ ହସନ୍ ଜାହାଙ୍ଗୀର ଥିଲା ବେଳେ ସେ ପାନପୋଷରେ ରହୁଥିବା ପ୍ରକାଶ କରିଛି। ମହମ୍ମଦ ହସନ୍ ଜାହାଙ୍ଗୀର ବିରୋଧରେ ମାମଲା ରୁଜୁ କରାଯିବା ସହିତ ତାକୁ କୋର୍ଟଚାଲାଣ କରାଯାଇଛି। ପୁଲିସ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଗୋଳାବାରୁଦ କାରଖାନା ପରିସରରେ ଅବୈଧ ଶିକାର

ବଲାଙ୍ଗିର, (ହି.ସ.): କାରଖାନାର ପୋଷ୍ଟ ଅଫିସ ନିକଟରେ ଚୋରା ବିଦ୍ୟୁତ୍ ତାର ଲଗାଇ ଗୋଟିଏ ଜଙ୍ଗଲି ବାର୍‌ହା ଶିକାର ଧରାପଡିଛି । ସିକ୍ୟୁରିଟି ଗାର୍ଡମାନେ ଉକ୍ତ ମୃତ ବାର୍‌ହା ସମେତ ଚୋରାତାର ଇତ୍ୟାଦିକୁ ଜବତ କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ , ଘଟଣା ସମୟରେ ବଡମାଳ ଫରେଷ୍ଟର ବଡମାଳରେ ଅନୁପସ୍ଥିତ ଥିଲେ । ଏ ସମ୍ପର୍କରେ ଫରେଷ୍ଟର ବିମ୍ବାଧର ବେହେରାଙ୍କୁ ପଚାରିବାରୁ ସେ ଏଇ ୧୦/ ୧୫ ଦିନ ହେଲା ସେଠାକୁ ବଦଳି ହୋଇ ଆସିଥିବା , ଗତକାଲି ବିଶ୍ୱ ବନଦିବସପାଳନ ଓ କୋର୍ଟ ଡିଉଟି ପାଇଁ ବଲାଙ୍ଗୀରରେ ଥିଲେ ଓ ଆଜି ବଡମାଳ ଯାଉଥିବାର କହିଛନ୍ତି । ଏହି ମାମଲାରେ ନିକଟସ୍ଥ ଖାସ୍ ବାହାଲ- ନୂଆପଡା ଗ୍ରାମର ଦଶମୋଜ ସାହୁ ଏବଂ ପ୍ରମୋଦ ସାହୁ ନାମକ ୨ ଜଣ ଚୋରା ଶିକାରୀଙ୍କୁ ବନବିଭାଗ ଦ୍ୱାରା ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ । ଟିଟିଲାଗଡ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ଦ୍ୱାରା ମାମଲାର ତଦନ୍ତ କରା ଯାଉଥିବା ଜଣାଯାଇଛି ।

# ସଂସ୍କୃତରେ ସ୍ୱର୍ଣ୍ଣପଦକ ସୋନପୁରର ସୁନଝିଅ ଶୁଭଶ୍ରୀ

ସୁବର୍ଣ୍ଣପୁର, (ହି.ସ.)- ସୋନପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସଂସ୍କୃତ ବିଭାଗର ପୂର୍ବତନ ଛାତ୍ରୀ ତଥା ବଉଦ ଜିଲ୍ଲା କଂଟାମାଳସ୍ଥିତ ମକଡିଆପଦର ଗ୍ରାମର ପ୍ରମୋଦ କୁମାର ପାତ୍ର ଏବଂ ସୁଚିତ୍ରା ପାତ୍ରଙ୍କ ପୁତ୍ରୀ ଶୁଭଶ୍ରୀ ପାତ୍ର ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରୁ ସଂସ୍କୃତ ବିଷୟରେ ପାରାସ୍ନାତକ ତଥା ଆଚାର୍ଯ୍ୟ (ଏମ୍‌ଏ) କରି ସେଥିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ପୂର୍ବରୁ ପ୍ରାଥମିକ ସ୍ତରରୁ ଛାତ୍ରୀ ଜୀବନରୁ ମଧ୍ୟ ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତି ଥିଲେ । ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନିରେ ସଂସ୍କୃତ ରେ ଟପ୍ ଟେନ୍ ର୍ୟାଙ୍କ୍‌ରେ ରହିଥିଲେ। ବର୍ତ୍ତମାନ ସେ ଦିଲ୍ଲୀରେ ବି.ଏଡ. କରୁଛନ୍ତି। ସେ ଏହାର ସମସ୍ତ ଶ୍ରେୟ ତାଙ୍କ ବାପା ମା ତଥା ପରିବାର ବର୍ଗ ଓ ଗୁରୁ ମାନଙ୍କୁ ଦେଇଛନ୍ତି । ଭବିଷ୍ୟତରେ ସେ ଜଣେ ଭଲ ଶିକ୍ଷୟତ୍ରୀ ହେବା ପାଇଁ ଆଶା ରଖିଛନ୍ତି। ଏ ଖବର ପରେ ସୋନପୁର କଲେଜ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଂଚଳରୁ ମେଧାବୀ ଶୁଭଶ୍ରୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।


# ବସ୍‌ରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି ଯାତ୍ରୀ

କନ୍ଧମାଳ, (ହି.ସ.)- କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ର ଉପାନ୍ତ ଅଂଚଳର ଛାତ୍ରଛାତ୍ରୀଙ୍କ ନିମନ୍ତେ ଯାତାୟାତ କିପରି ସୁବିଧା ହୋଇପାରିବ ସେଥିପ୍ରତି ସମସ୍ତ ଗ୍ରାମ ସହିତ ଜିଲ୍ଲାକୁ ସଂଯୋଗ କରିଛି ସରକାରୀ ବସ୍। ଫୁଲବାଣୀରୁ ଏକ ସରକାରୀ ବସ ନମ୍ବର(ଓଡି ୧୨ ଏ ୬୫୦୮) ଫୁଲବାଣୀରୁ ବାହାରି ଫିରିଙ୍ଗିଆ, ସାରଙ୍ଗଡ, ବାଲିଗୁଡା ମଧ୍ୟ ଦେଇ ତୁମୁଡିବନ୍ଧ ଯାତାୟାତ କରୁଛି। ଏହି ଗାଡିର ଅବସ୍ଥା ଦେଖିଲେ ଯେ କେହି ମଧ୍ୟ ଭୟଭୀତ ହେବ। ଏଥିରେ ସିଟ୍ ଗୁଡିକ ଭାଙ୍ଗି ଗଲାଣି ଟାୟାର୍ ଗୁଡିକର ଅବସ୍ଥା କହିଲେ ନ ସରେ ଏପରିକି ଏହି ବସ ର ଇନସୁରାନ୍ସ ର ଅବଧି ମଧ୍ୟ ଶେଷ ହେଲାଣି। ଏହି ରୁଟ୍ ରେ ଯାତାୟତର କୌଣସି ସୁବିଧା ନ ଥିବା ଯୋଗୁଁ ନିରୁପାୟ ହୋଇ ବିପଦସଙ୍କୁଳ ଅବସ୍ଥାରେ ପ୍ରତିଦିନ ଯାତାୟତ କରୁଛନ୍ତି ଶତାଧିକ ପୁରୁଷ ମହିଳା ଏବଂ ସ୍କୁଲ ଛାତ୍ରଛାତ୍ରୀ। କୌଣସି କାରଣବଶତଃ ଦୁର୍ଘଟଣା ଘଟିଲେ, ଲୋକେ ମୃତ୍ୟୁ ମୁଖରେ ପଡିବା ସହିତ ଗାଡିରେ ଇନସୁରାନ୍ସ ନ ଥିବା ଯୋଗୁଁ ଲୋକେ କୌଣସି ପ୍ରକାର କ୍ଷତିପୂରଣ ମଧ୍ୟ ପାଇବେ ନାହିଁ। ଗତ କିଛି ଦିନ ତଳେ ତୁମୁଡିବନ୍ଧ ବ୍ଲକ କୁ ଆସୁଥିବା ସରକାରୀ ବସ ଦୁର୍ଘଟଣାରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ ଘଟିଥିଲା। ଫୁଲବାଣୀ ଠାରୁ ବିଲାମାଳ ଓ ଫୁଲବାଣୀ ଠାରୁ ଝିରିପାଣି ଯିବାଆସିବା କରୁଥିବା ଏହି ବସ ର ଇନ୍ସୁରାନ୍ସ ଗତ ୯ ତାରିଖରୁ ସରିଗଲାଣି। ଖାଲି ସେତିକି ନୁହେଁ ଏହି ବସ ର ଯାତ୍ରୀ ମାନଙ୍କ ଠାରୁ ଧାର୍ଯ୍ୟ ହୋଇଥିବା ଗାଡି ଭଡ଼ାରୁ ଅଧିକ ଟଙ୍କା ନିଆଯାଉଛି ହେଲେ କୌଣସି ଟିକଟ ମଧ୍ୟ ଦେଉନାହାନ୍ତି କଣ୍ଡକ୍ଟର ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ଏ ନେଇ ରାଜ୍ୟ ପରିବହନ ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ମଧ୍ୟ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି।

# ଟାଙ୍ଗିଆରେ ହାଣି ଯୁବତୀଙ୍କୁ ହତ୍ୟା

ମାଲକାନଗିରି, (ପିପିଏସ୍): ପୋଖରୀରୁ ମାଛ ଚୋରି। ଟଙ୍କା ମାଗିବାରୁ ଟାଙ୍ଗିଆରେ ହାଣି ଯୁବତୀଙ୍କୁ ହତ୍ୟା। ମାଲକାନଗିରି ଜିଲ୍ଲା ମାଥିଲି ଥାନା ମହୁପଦର ଗ୍ରାମରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟା ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ସୂଚନାନୁଯାୟୀ, ମହୁପଦର ଗ୍ରାମର ଲକ୍ଷ୍ମୀ କଲାର (୨୩ ବର୍ଷ) ଓ ଅନ୍ୟଜଣେ ବ୍ୟକ୍ତି ପୋଖରୀରେ ମାଛ ଚାଷ କରିଥିଲେ ସେହି ଗ୍ରାମର ଜଣେ ବ୍ୟକ୍ତି ପୋଖରୀରୁ ମାଛ ଚୋରି କରିଥିବାର ଜାଣି ଲକ୍ଷ୍ମୀ ଶୁକ୍ରବାର ରାତିରେ ତାଙ୍କ ନିକଟକୁ ଯାଇ ଟଙ୍କା ମାଗିଥିଲେ। ହେଲେ ଉକ୍ତ ବ୍ୟକ୍ତି ଜଣକ ଟଙ୍କା ନଦେଇ ଓଲଟା ଗାଳି ଗୁଲଜ କରିଥିଲେ। ଏହାପରେ ଲକ୍ଷ୍ମୀ ରାତିରେ ନିଜ ଘରକୁ ଫେରି ଆସିଥିଲେ। ଶନିବାର ସକାଳେ ଘରେ ଲକ୍ଷ୍ମୀ ଲୁଗା ଶୁଖାଉଥିବା ସମୟରେ ହଠାତ୍ ଉକ୍ତ ବ୍ୟକ୍ତି ଆସି ଲକ୍ଷ୍ମୀର ମୁଣ୍ଡକୁ ଟଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ଲକ୍ଷ୍ମୀ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ଲକ୍ଷ୍ମୀଙ୍କ ଭଉଣୀ ଗ୍ରାମବାସୀଙ୍କୁ ଡାକି ତାଙ୍କୁ ମାଥିଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ। ମାଥିଲି ଥାନା ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରି ଶବ ବ୍ୟବଛେଦ ପାଇଁ ପଠାଇଛି। ହତ୍ୟା ସନ୍ଦେହରେ ପୋଲିସ ଜଣେ ଯୁବକକୁ ଅଟକ ରଖି ପଚରାଉଚରା କରୁଛି। ଖୁବଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

# ବନଖଣ୍ଡସ୍ତରୀୟ ବିଶ୍ୱ ଜନଦିବସ



ଦେବଗଡ଼ (ପିପିଏସ୍): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ବାରାକ ପରିସରରେ ବନଖଣ୍ଡସ୍ତରୀୟ ବିଶ୍ୱ ଜନଦିବସ ପାଳିତ ହୋଇଛି । ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ସଭାପତିତ୍ୱ ଓ ଅତିରିକ୍ତ ବମ ସଂରକ୍ଷିତ ସାଧୀନତା ସାହାଣୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ସାଂସଦଙ୍କ ଦେବଗଡ଼ ଜିଲ୍ଲା ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ସାହୁ ଓ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଜୀବଜଗତ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । କେବଳ ବନ ବିଭାଗ ଚାହିଁଲେ ଜଙ୍ଗଲକୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ପ୍ରକାଶ କରିବା ସହ ଦେବଗଡ଼ ଜିଲ୍ଲାର ଚର୍ତୁଦିଗରେ ଜଙ୍ଗଲ ଘେରିଥିବାରୁ ଭବିଷ୍ୟତ ପିଢ଼ିପାଇଁ ଏହାକୁ ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ରାଓସୋ କହିଥିଲେ। ଚାରା ରୋପଣ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରାମ ପଂଚାୟତ ସମେତ ବନକର୍ମଚାରୀ ମାନଙ୍କୁ ମାନପତର ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଛି । ବନ ବିଭାଗ ଅଧିନରେ କାର୍ଯ୍ୟରତ ଶତାଧିକ ଗଜସାଥୀଙ୍କୁ ସୁରକ୍ଷା ଉପକରଣ ପ୍ରଦାନ କରାଯାଇଛି । ଶେଷରେ ଅନ୍ୟତମ ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଦେବଗଡ଼ ବନଖଣ୍ଡ ଅଧିନସ୍ଥ ଦେବଗଡ଼, ରିଆମାଳ, ବାରକୋଟ,ପାଲଲହଡ଼ା ଓ ଖମାର ବନାଂଚଳର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

# ଶିକ୍ଷଣ ସାମଗ୍ରୀ କର୍ମଶାଳା

ଦେବଗଡ଼ (ପି.ପି.ଏସ୍)- ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆମୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୨ ଦିନିଆ ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ ହୋଇଛି । ଏହି କର୍ମଶାଳାରେ ୩୨ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହମ କରିଥାଏ ବୋଲି କହିଥିଲେ । ୨ ଦିନ ଧରି ଆୟୋଜିତ କର୍ମଶାଳାରେ ଭାଷା ଓ ଗଣିତ ଭିତିକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ ଯୋଗଦେଇ ଅଂଶଗ୍ରହଣକାରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଉଭୟ କାର୍ଯ୍ୟକ୍ରମକୁ ସୁଗୁଡ଼ା ସିଆର୍‌ସିସି ପ୍ରାଣବନ୍ଧୁ ଘଡ଼େଇ ସଂଯୋଜନା କରିଥିଲେ। ପ୍ରଭାଶୁଣି ସିଆର୍‌ସିସି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


# ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, (ହି.ସ.)- ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ବେହରାପାଲି କମ୍ୟୁନିଟି ସେଂଟର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପର୍ଦ୍ଦି, ଭୀମଭୋଇ ମେଡିକାଲ କଲେଜର ଡ଼ାକ୍ତର ଆଦିତ୍ୟ ଶୁକ୍ଳା, ଶାରୀରିକ ଚିକିତ୍ସକ ସତ୍ୟବ୍ରତ ସାହୁ, ପୃଷ୍ଟିକର କର ବିଶେଷଜ୍ଞ ଯୋଗ ଦେଇଥିଲେ।ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ କାର୍ଯ୍ୟାଳୟ ତରଫରୁ ଦି ପି ଏକ ଓ ଦିବ୍ୟ କିଶୋର ପତି ଓ ଏ ପି ଏମ ରାମାନୁଜ ପଣ୍ଡା ତଦାରଖ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ୧୨୦ ରୁ ଉର୍ଦ୍ଧ୍ୱ ବରିଷ୍ଠ ରୋଗୀ ମାଗଣା ସେବା ଲାଭ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା।

# ଅପହୃତ ବ୍ୟବସାୟୀ ଉଦ୍ଧାର

ଜୟପୁର, (ହି.ସ.): ଅପହୃତ ବ୍ୟବସାୟୀ ଉଦ୍ଧାର ହୋଇଛନ୍ତି । କୋରାପୁଟ ଜିଲା ବିସିଂପୁର ଥାନା ଅନ୍ତର୍ଗତ କିରମଗୁଡା ଗ୍ରାମର ଦୁର୍ଗମ ପାହାଡିଆ ଇଲାକାରେ ଏକ ଘରେ ନେଇ ରଖିଥିଲେ ଦୁର୍ବୃତ୍ତ । ଅପହୃତ ବ୍ୟବସାୟୀ ଏ. କ୍ରିଷ୍ଣା ରାଓଙ୍କ ସୂଚନା ଅନୁସାରେ, ଗତକାଲି ବ୍ୟବସାୟିକ କାର୍ଯ୍ୟରେ ଗେଟଗୁଡା ଯାଇଥିଲେ । ସେଠାରୁ ଏକ କାରରେ ୫ ଜଣ ଆସି ତାଙ୍କୁ ଅପହରଣ କରି ନେଇଥିଲେ । ସେ ଅସୁସ୍ଥ ଥିଲେ ତାଙ୍କ ଠାରୁ ସୁନା ଚେନ, ହାତ ମୁଦି ସବୁ ନେଇ ଯାଇଥିବା ସେ କହିଛନ୍ତି । ଉକ୍ତ ଗ୍ରାମର ବିଶ୍ୱନାଥ ମୁଦୁଲିଙ୍କ ସହାୟତାରେ ଆସିଥିଲେ ପରେ ପୋଲିସ ଉଦ୍ଧାର କରିଥିଲା । ସେପଟେ ବ୍ୟବସାୟୀ କ୍ରିଷ୍ଣା ରାଓ ଓରଫ ଡିସି ରାଜୁ ଉଦ୍ଧାର ହେବା ପରେ ବୋରିଗୁମ୍ମା ଥାନାରେ କୋରାପୁଟ ଏସପି ରୋହିତ ବର୍ମା ପଚରା ଉଚରା କରିବା ସହ ବ୍ୟବସାୟୀଙ୍କୁ ନେଇ ଦୁର୍ଗମ ପାହାଡିଆ ଗ୍ରାମରେ ସିନ ରିକ୍ରିଏସନ କରିଥିଲେ । ବ୍ୟବସାୟୀଙ୍କୁ କାହିଁକି ଅପହରଣ କରାଗଲା, କାହିଁକି ଏପିରି ଟାର୍ଗେଟ ସହ ପୂର୍ବରୁ ବ୍ୟବସାୟିକ ଶତ୍ରୁତା ଥିଲା କି ନାହିଁ ତାହା ତଦନ୍ତ କରୁଛି । ଏପରି କରି ଅପହରଣକାରୀମାନେ ପୋଲିସକୁ ଖୋଲା ଚଲେଞ୍ଜ ଦେଇଛନ୍ତି ।

# କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ୬୫ତମ ଜନ୍ମ ଦିବସ ଅଭିନନ୍ଦନ ଜଣାଇଲେ ବିଜେପି କର୍ମୀ



ରାଉରକେଲା ,(ପିପିଏସ୍): ଓଡ଼ିଶାର ପ୍ରିୟ ନେତା ତଥା ସୁନ୍ଦରଗଡ ଜିଲ୍ଲା ମାଟିର ପୁଅ, ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ୬୫ ତମ ଜନ୍ମ ଦିବସ । ଶ୍ରୀ ଜୁଏଲ ଓରାମ ରାଉରକେଲା ରେଳଷ୍ଟେସନରେ ପହଞ୍ଚିବା ମାତ୍ରେ ବିଜେପିର ନେତୃମଣ୍ଡଳୀ ଏବଂ କର୍ମୀମାନେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜଣାଇବା ସହିତ ଜନ୍ମ ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଶ୍ରୀ ଓରାମଙ୍କୁ କର୍ମୀମାନେ ବିପୁଳ ସଂଖ୍ୟାରେ ସେକ୍ଟର - ୩ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ । ସେଠାରୁ ଶ୍ରୀ ଓରାମ ସେକ୍ଟର - ୩ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ ଏବଂ ସମସ୍ତଙ୍କ କଲ୍ୟାଣ ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଜିଲ୍ଲା କାର୍ଯ୍ୟାଳୟରେ କର୍ମୀମାନଙ୍କ ଦ୍ୱାରା ଆୟୋଜିତ ଜନ୍ମ ଦିବସ ପାଳନ ଅବସରରେ ସେ ଯୋଗଦେଇ କେକ୍ କାଟିଥିଲେ । ବହୁ ସଂଖ୍ୟାରେ ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀମାନେ ଜୁଏଲଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ସାହା ଜୁଏଲଙ୍କୁ ଫୋନ ଯୋଗେ ଜନ୍ମ ଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଶ୍ରୀ ଓରାମ ରାଉରକେଲା ସରକାରୀ ଡ଼ାକ୍ତରଖାନା ଯାଇ , ସେଠାରେ ଚିକିତ୍ସିତ ହୋଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରି ଥିଲେ । ସେଠାରେ କର୍ମୀଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରର ମଧ୍ୟ ଉଦ୍ଘାଟନ ଓ ଶୁଭାରମ୍ଭ କରିଥିଲେ । ଶ୍ରୀ ଓରାମଙ୍କୁ ବହୁ ସଂଗଠନ, ଶୁଭେଚ୍ଛୁ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ଉପ ସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ଓ ରମେଶ ଅଗ୍ରୱାଲ, ଗଙ୍ଗାଧର ଦାଶ, ମନୋଜ ସେନାପତି, ମନୋଜ ସତପଥୀ, ସୁଶାନ୍ତ ମହାପାତ୍ର, ଭରତ ଦତ୍ତ ବିଶ୍ୱକର୍ମା, ଦିଲିପ ପଟ୍ଟନାୟକ, ଶୁଭେନ୍ଦୁ ପଣ୍ଡା, ଭ୍ରମରବର ବେହେରା, ମନୋରଞ୍ଜନ ମୁନି, ମଳୟ ମହାପାତ୍ର, ଅଶୋକ ଲେଙ୍କା, ସୁରେଶ ପ୍ରଧାନ, ରମେଶ ସିଂ, ସନ୍ଦିପ ଅଗ୍ରୱାଲ, ମମତା ମହାନ୍ତି, ରଞ୍ଜିତା କିସପୋଟା, ପ୍ରତିମା ରାଉତ, ଭବାନୀ ମହାପାତ୍ର, ମନୋଜ ଦାସ, କେଦାର ପ୍ରୀୟଦର୍ଶିନି, ସନ୍ତୋଷ ରାଉତ, ସବିତା ସିଂ , ଲକ୍ଷ୍ମୀ ଭୁମିଜ ଆଦି ପ୍ରମୁଖ ରାଜ୍ୟ, ଜିଲ୍ଲା ଏବଂ ମଣ୍ଡଳ ସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

*ଦାନ ମାଗିବା ଓ ଦାନ ଗ୍ରହଣ କରିବା ଉଚିତ ନୁହେଁ । ସେଥିରେ ଅନ୍ୟର ଦୋଷ ଗୁଣର ଭାଗୀ ଜଣେ ହୋଇଯାଏ ।*

**(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୨୧୭)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୪।୦୩।୨୦୨୫ ■ ସୋମବାର

# ନ୍ୟାୟପାଳିକାର ପ୍ରତିଷ୍ଠା

କୌଣସି ବିଚାରପତିଙ୍କ କ୍ୱାର୍ଟରରୁ ଯଦି ବହୁପରିମାଣର ନଗଦ ଟଙ୍କା ମିଳେ ତେବେ ତାହା ଦୁଃଖ ଓ ଚିନ୍ତାର ବିଷୟ ନିଶ୍ଚୟ । ଅନ୍ୟପକ୍ଷରେ, ଯଦି ଏହା କେବଳ ଗୁଜବ ହୋଇଥାଏ କିମ୍ବା ଜାଣିଶୁଣି ଏକଥାକୁ ପ୍ରଚାର କରାଯାଇଥାଏ, ତେବେ ତାହା ଆହୁରି ଗୁରୁତର ଅପରାଧ ମାମଲା ବୋଲି କୁହାଯିବ । ସୁପ୍ରିମକୋର୍ଟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ ଉପରୋକ୍ତ ବିଚାରପତିଙ୍କର ଦିଲ୍ଲୀ ହାଇକୋର୍ଟରୁ ଏହ୍ଲାବାଦ ହାଇକୋର୍ଟକୁ ବଦଳି ପ୍ରସ୍ତାବ ସହ ତାଙ୍କ କ୍ୱାର୍ଟରରୁ ନଗଦ ଟଙ୍କା ମିଳିବାର କୌଣସି ସଂପର୍କ ନାହିଁ ବୋଲି କୁହାଯିବା ସ୍ପଷ୍ଟୀକରଣ କାହାକୁ ବି ସନ୍ତୁଷ୍ଟ କରିପାରି ନାହିଁ । ତେଣୁ ପ୍ରଶ୍ନ ଉଠୁଛି ସେ ବିଚାରପତିଙ୍କୁ ବଦଳି କରିବାର ପ୍ରସ୍ତାବ କାହିଁକି ଉଠିଲା ଓ ତାହା ପୁଣି ସେଇ ଏହ୍ଲାବାଦ ହାଇକୋର୍ଟକୁ, ଯେଉଁଠି ସେ ଆଗରୁ ନିୟୋଜିତ ଥିଲେ ? ପୁଣି ପ୍ରଶ୍ନ ମଧ୍ୟ ଉଠିଛି ଯେ ସ୍ପଷ୍ଟୀକରଣ ସେବେ କାହିଁକି ଦିଆଗଲା, ଯେବେ ଖବର ପ୍ରସାରିତ ହେଲା ଯେ ନଗଦ ଟଙ୍କା ମିଳିବା ପରେ ବିବ୍ରତ ସୁପ୍ରିମକୋର୍ଟ କଲେଜିୟମ ଡକାଇ ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ବଦଳି ଏହ୍ଲାବାଦ ହାଇକୋର୍ଟକୁ କରିଦିଆଯାଇଛି । ଯାହା ବି ହେଉ, ଏବେ ସୁପ୍ରିମକୋର୍ଟ କଲେଜିୟମ ଏ ମାମଲାରେ କ'ଣ ନିର୍ଣ୍ଣୟ ନେଉଛି ତାହା ଦେଖିବାକୁ ବାକି ରହିଲା । ତାଙ୍କର ନିର୍ଣ୍ଣୟ ଯାହା ବି ହେଉ, ବଦଳି କଦାପି ଏହାର ସମାଧାନ ନୁହେଁ । ସନ୍ଦେହର ବଳୟ ମଧ୍ୟକୁ ଆସିଥିବା ବିଚାରପତିଙ୍କୁ ଯେ ବଦଳି ଏକପ୍ରକାରେ ସଂରକ୍ଷଣ ଦିଆଯାଇଛି ବୋଲି ମାନିବାକୁ ପଡ଼ିବ । ଏହା ଠିକ୍ ନୁହେଁ ।

ନ୍ୟାୟପାଳିକାର ନ୍ୟାୟ ଭଣ୍ଡାରରେ ଯଦି ଭ୍ରଷ୍ଟାଚାରର ଗୋଟିଏ ବି ବିନ୍ଦୁ ମହଜୁଦ ଅଛି ତେବେ ତାହା ବହୁତ ଲଜ୍ଜାଜନକ ବିଷୟ । ଏ ଦେଶର ସାଧାରଣ ନାଗରିକ ନ୍ୟାୟପାଳିକାର ଛାଇତଳେ ନିଶ୍ଚିନ୍ତରେ ନିଶ୍ୱାସ ନେଇପାରୁଛି । ଏ ପରମ୍ପରାରେ ଦାଗ ଲାଗିବା କଥା ନୁହେଁ । ଏ ଦେଶର ଅସଲ ମାଲିକ ଅର୍ଥାତ୍ ଦେଶର ନାଗରିକ ଆଜି ସ୍ୱାଭାବିକ ଭାବେ ଚର୍ଚ୍ଚା କରିବାରେ ଲାଗିଛି । କ'ଣ ବାସ୍ତବରେ ବିଚାରପତିଙ୍କ କ୍ୱାଟରରେ ନିଆଁ ଲାଗିଥିଲା ? କ'ଣ ବାସ୍ତବରେ ନଗଦ ଟଙ୍କା ମିଳିଥିଲା ? କେତେ ଟଙ୍କା ମିଳିଥିଲା ? ୧୫ କୋଟି ନା ଆହୁରି ଅଧିକ ? କ'ଣ ଷଡ଼ଯନ୍ତ୍ର କରି ଟଙ୍କା କଥା ପ୍ରଚାର କରାଯାଇଛି ? ଅନେକ ପ୍ରକାରର ଚର୍ଚ୍ଚା, ଅନୁମାନ ଯୋଗୁଁ ବଜାର ତାତିବାରେ ଲାଗିଛି ଓ ନ୍ୟାୟର କର୍ଣ୍ଣଧାରମାନେ ଏହା ଉପରେ ଅବଶ୍ୟ ଦୃଷ୍ଟି ଦେଉଥିବେ । ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ରିପୋର୍ଟ ପାଇଲା ପରେ ହୁଏତ ସୁପ୍ରିମକୋର୍ଟ ଚୂଡ଼ାନ୍ତ ନିର୍ଣ୍ଣୟ ନେବେ । ଜଷ୍ଟିସ୍ ବର୍ମା ଯେଉଁ ବେଞ୍ଚରେ ବସି ବିଚାର କରୁଥିଲେ, ତାହା ବିକ୍ରିକର, ଜିଏସଟି, କମ୍ପାନୀ ଅପିଲ ମାମଲା ଥିଲା କି ? ପୂରା ସାବଧାନତାର ସହ ମାମଲାକୁ ପରଖିବା ଦରକାର । ଦୁର୍ନୀତି ଅଭିଯୋଗ ଯେଉଁ ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ହେଉଛି ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବା କି କିଛି କାମ ନଦେବା ଭଳି ପଦକ୍ଷେପ ପୂର୍ବରୁ ନିଆହୋଇଛି । ସୁପ୍ରିମକୋର୍ଟ କଲେଜିୟମ ପାଖରେ ସେତେ ସାମର୍ଥ୍ୟ ନାହିଁ ଯେ ତାହା ଏପରି ବିଚାରପତିଙ୍କୁ ଇସ୍ତଫା ଦେବାକୁ କହିବ ଓ ତାହା ସେ ନକଲେ ସରକାରଙ୍କୁ କହି ମହାଭିଯୋଗ ପ୍ରସ୍ତାବ ଆଣି ହଟାଇବାକୁ ନିର୍ଦ୍ଦେଶ ଦେବ ।

ଏ ମାମଲାର ଚର୍ଚ୍ଚା ପାର୍ଲାମେଣ୍ଟରେ ପହଞ୍ଚିଲାଣି । ଦେଶର ଖ୍ୟାତିସଂପନ୍ନ ଓକିଲଙ୍କ ମଧ୍ୟରେ ବିଚାରବିମର୍ଶ ମଧ୍ୟ ହେଲାଣି । କୋଟିକୋଟି ଟଙ୍କାର ମାମଲା କୋର୍ଟରେ ଶୁଣାଣି ହେଉଛି । ଯଦି ଏ ମାମଲା ପଛରେ ଗମ୍ଭୀର ଷଡ଼ଯନ୍ତ୍ର ହୋଇଥାଏ, ତେବେ ତାହା ନେଇ ଆଶ୍ଚର୍ଯ୍ୟ ହେବାର ନାହିଁ । ଆଉ ଏକ ତଥ୍ୟ ହେଉଛି, ନ୍ୟାୟପାଳିକା ଉପରେ ଦାଗ ତ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ ୨୦୧୭ରୁ ୨୦୨୧ ମଧ୍ୟରେ ନ୍ୟାୟିକ ଭ୍ରଷ୍ଟାଚାର ସହିତ ନ୍ୟାୟପାଳିକାର କାର୍ଯ୍ୟ ନେଇ କେନ୍ଦ୍ରୀକୃତ ଜନଅଭିଯୋଗ ନିବାରଣ ଓ ନିରୀକ୍ଷଣ ପ୍ରଣାଳୀରେ ୧୬୩୧ ଅଭିଯୋଗ ପ୍ରାପ୍ତ ହୋଇଛି । ପ୍ରଶ୍ନ ହେଉଛି ହାଇକୋର୍ଟରେ ବିଚାରପତିଙ୍କ ନିଯୁକ୍ତି କରୁଥିବା କଲେଜିୟମ ସିଷ୍ଟମ ଅନେକ ବିସଙ୍ଗତି ସତ୍ତ୍ୱେ ଏଯାଏ ଅସ୍ତିତ୍ୱରେ ଅଛି କାହିଁକି ? ବିସଙ୍ଗତକୁ ସ୍ୱୀକାର କରାଯିବା ସତ୍ତ୍ୱେ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରାଯାଇ ପାରିନାହିଁ । ଏକ ସମୟରେ ମୋଦୀ ସରକାର ରାଷ୍ଟ୍ରୀୟ ନ୍ୟାୟିକ କମିଶନ ଗଢ଼ିବା ଲାଗି ଆଇନ ପ୍ରଣୟନ କରିଥିଲେ କିନ୍ତୁ ସୁପ୍ରିମକୋର୍ଟ ତାହାକୁ ଅସାମ୍ବିଧାନିକ ଘୋଷଣା କରି ରଦ୍ଦ କରିଦେଇଥିଲା । କ'ଣ ଜଜଙ୍କ ନିଯୁକ୍ତି ଏମାନେ ହିଁ କରିବାକୁ ଏପରି ନିର୍ଣ୍ଣୟ ନିଆଗଲା ? ଅନ୍ୟ କୌଣସି ଗଣତାନ୍ତ୍ରିକ ଦେଶରେ ଏପରି ବ୍ୟବସ୍ଥା ନାହିଁ । ଏ ବ୍ୟବସ୍ଥା ନ୍ୟାୟପାଳିକାର ପ୍ରତିଷ୍ଠାରେ ଆଞ୍ଚ ଆଣୁଛି । ଲୋକଙ୍କ ଭରସା କମୁଛି । ନ୍ୟାୟପାଳିକାରେ ଦୁର୍ନୀତିକୁ ଅସ୍ୱୀକାର କରିହେବ ନାହିଁ । ତାହାକୁ ଅସ୍ୱୀକାର କରିବା ଭୁଲ ହେବ । ❐❐

# ଅସମାହିତ ପ୍ରଶ୍ନ

ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ୍ୟ ବଢୁଛି । ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ । ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ । ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି ? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି ? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅ ମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି ? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହକୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି ? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି ? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ । ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି ? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି ? କୋଭିଡ୍-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି ? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି । ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି ? ବଡ଼ ଧରଣର ଲଣ୍ଡ୍ରି (ଯେଉଁଠାରେ ଲୁଗା ସଫା ହୁଏ) ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି ? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼ ? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ୍ୟ ସେତିକି ଦିନ ଛୁଟି ପାଇବେ । କିନ୍ତୁ ବିବାହ ପରେ ସେ ମାର୍ଟିନଟି ଲିଭ ବାରମ୍ବାର ନେଇପାରିବେ କି ? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଜୁର୍ଯ୍ୟ ହୋଇପାରିବ କି ? ପରିଶେଷରେ ଏହା କୁହାଯାଇପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି ?

**ଭବାଶିଷ ଦାସ**
ସିଡିଏ, କଟକ

# ଶୂନ୍ୟ ମାଧ୍ୟାକର୍ଷଣରେ ଅନୁସନ୍ଧାନ

**ଅସିତ ମହାନ୍ତି**

ସୁନୀତା ୱିଲିୟମ୍ସ ସ୍ପେସ୍‌ଏକ୍ସର କ୍ରୁ ଡ୍ରାଗନ୍ ମହାକାଶଯାନରେ ପୃଥିବୀକୁ ଫେରିଥିଲେ, ଯାହାର ନାମ 'ଫ୍ରିଡମ୍' । ବୋଇଂ ଷ୍ଟାରଲାଇନର କ୍ୟାପସୁଲ ସହିତ ବୈଷୟିକ ସମସ୍ୟା ହେତୁ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ ରେ ନଅ ମାସ ବିତାଇବା ପରେ, ସେ ଏବଂ ତାଙ୍କ ସହକର୍ମୀ ବୁଚ୍ ୱିଲମୋର ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ । ମହାକାଶଯାନ ଆଇ. ଏସ୍. ଏସ୍. ରୁ ଅବତରଣ କରିଥିଲା ଏବଂ ଫ୍ଲୋରିଡା ଉପକୂଳରୁ ସୁରକ୍ଷିତ ଭାବେ ତଳକୁ ଖସିଯିବା ପୂର୍ବରୁ ୧୭ ଘଣ୍ଟାର ଯାତ୍ରା ଶେଷ କରିଥିଲା । ପୁନରୁଦ୍ଧାର ଦଳ ମହାକାଶଚାରୀମାନଙ୍କୁ କ୍ୟାପସୁଲରୁ ବାହାରିବା ସମୟରେ ସାହାଯ୍ୟ କରିଥିଲେ, ଯାହା ସେମାନଙ୍କର ସମ୍ପ୍ରସାରିତ ମିଶନର ସମାପ୍ତିକୁ ଚିହ୍ନିତ କରିଥିଲା । ମହାକାଶଚାରୀ ବୁଚ୍ ୱିଲମୋର୍ ଏବଂ ସୁନୀତା ୱିଲିୟମ୍ସ ୯ ମାସ ୧୩ ଦିନ ମହାକାଶରେ ରହିବା ପରେ ପୃଥିବୀକୁ ସକୁଶଳ ଫେରି ଆସିଛନ୍ତି । ତାଙ୍କ ସହିତ ଅନ୍ୟ ଦୁଇ କ୍ରୁ-୯ ମହାକାଶଚାରୀ, ନିକ୍ ହେଗ୍ ଏବଂ ଆଲେକଜାଣ୍ଡର ଗୋର୍ବୁନୋଭ୍ ମଧ୍ୟ ଥିଲେ । ପ୍ରଶ୍ନ ହେଉଛି, ସୁନୀତା ୱିଲିୟମ୍ସ ଦୀର୍ଘ ସମୟ ଧରି, ୮ ଦିନରୁ ୯ ମାସ ପର୍ଯ୍ୟନ୍ତ ଆଇଏସଏସ (ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍) ରେ କ'ଣ କରିଥିଲେ ? ବାସ୍ତବରେ, ସେ ତାଙ୍କ ସମୟକୁ ବହୁତ ଭଲ ଭାବରେ ବ୍ୟବହାର କରିଥିଲେ ଯାହା ଆଗାମୀ ଦିନରେ ମହାକାଶଚାରୀମାନଙ୍କୁ ସାହାଯ୍ୟ କରିବ । ଶୂନ୍ୟ ମାଧ୍ୟାକର୍ଷଣରେ ମହାକାଶରେ ଦୀର୍ଘ ୯ ମାସ ବିତାଇବା ପ୍ରକୃତରେ ଏକ ସଂଘର୍ଷ ଥିଲା । ଏହା ଇତିହାସରେ ଲିପିବଦ୍ଧ ହୋଇ ରହିବ ।

ଶୂନ୍ୟ ମାଧ୍ୟାକର୍ଷଣରେ ସାଲାଡ଼ ପତ୍ର ଲଗାଇବା ଠାରୁ ଆରମ୍ଭ କରି ୬୨ ଘଣ୍ଟାର ସ୍ପେସୱାକ୍ ରେକର୍ଡ ସ୍ଥାପନ କରିବା ପର୍ଯ୍ୟନ୍ତ, ସୁନୀତା ୱିଲିୟମ୍ସ ମହାକାଶରେ ନିଜ ସମୟର ସର୍ବୋତ୍ତମ ଉପଯୋଗ କରିଥିଲେ । ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍‌ରେ ନଅ ମାସ ରହିବା ସମୟରେ ସୁନୀତା ୱିଲିୟମ୍ସ ବୈଜ୍ଞାନିକ ଅନୁସନ୍ଧାନ ଏବଂ ଷ୍ଟେସନ ରକ୍ଷଣାବେକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ତାଙ୍କର ସମ୍ପ୍ରସାରିତ ମିଶନ ତାଙ୍କୁ ଦୀର୍ଘକାଳୀନ ମହାକାଶ ଉଡ଼ାଣ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷଣରେ



ଅଂଶଗ୍ରହଣ କରିବାକୁ ଅନୁମତି ଦେଇଥିଲା, ଯାହା ମାନବ ଶରୀର ଉପରେ ଦୀର୍ଘକାଳୀନ ମହାକାଶ ଯାତ୍ରାର ପ୍ରଭାବକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ ଆଇଏସଏସ ରେ ରହିବା ସମୟରେ ୧୫୦ ରୁ ଅଧିକ ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ରେ ସମୟ ଉପଯୋଗ କରିଥିଲେ ଏବଂ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ସେ ଷ୍ଟେସନ ପରିଚାଳନାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯେଉଁଥିରେ ସ୍ପେସୱାକ୍ କରିବା ଏବଂ ନୂତନ କ୍ରୁ ସଦସ୍ୟଙ୍କ ଆଗମନ ଏବଂ ଏକୀକରଣକୁ ସମର୍ଥନ କରିବା ଅନ୍ତର୍ଭୁକ୍ତ । ତାଙ୍କର କାର୍ଯ୍ୟ ମହାକାଶରେ ରହିବା ଏବଂ କାର୍ଯ୍ୟ କରିବାର ଆହ୍ୱାନ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି, ଯାହା ଚନ୍ଦ୍ର ଏବଂ ମଙ୍ଗଳ ଗ୍ରହକୁ ଭବିଷ୍ୟତର ମିଶନ ପାଇଁ ପଥ ପରିଷ୍କାର କରିଛି । ଏହି ମିଶନ ସମୟରେ ସୁନୀତା ୱିଲିୟମ୍ସଙ୍କ ନମନୀୟତା ଏବଂ ନେତୃତ୍ୱକୁ ବ୍ୟାପକ ଭାବେ ସ୍ୱୀକୃତି ଏବଂ ପାଳନ କରାଯାଇଛି । ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଆନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ ରେ ରହିବା ସମୟରେ ଅନେକ ଆଶ୍ଚର୍ଯ୍ୟଜନକ ପରୀକ୍ଷଣରେ ସମୟ ବିତାଇ ଥିଲେ । ସୁନୀତା ଗତ ବର୍ଷ ଠାରୁ ମହାକାଶରେ ଥିଲେ ଏବଂ ତାଙ୍କୁ 'ଷ୍ଟ୍ରେଣ୍ଡେଡ ଆଷ୍ଟ୍ରୋନଟ୍' ମଧ୍ୟ କୁହାଯାଏ । ସେ ଗବେଷଣା କାର୍ଯ୍ୟରେ ୯୦୦ ଘଣ୍ଟାରୁ ଅଧିକ ସମୟ ବିତାଇଛନ୍ତି । ଏପର୍ଯ୍ୟନ୍ତ, ସେ ତିନୋଟି ମହାକାଶ ଅଭିଯାନରେ ୬୦୦ ଦିନରୁ ଅଧିକ ସମୟ ବିତାଇଥିଲେ ଏବଂ ମୋଟ ୬୨ ଘଣ୍ଟା ୯ ମିନିଟ୍ ପାଇଁ ସ୍ପେସୱାକ୍ କରିଥିଲେ, ଯାହା କୌଣସି ମହିଳା ମହାକାଶଚାରୀଙ୍କ ପାଇଁ ସର୍ବାଧିକ । ମିଶନ ସମୟରେ, ସେ ବୋଇଂ ଷ୍ଟାରଲାଇନର ମଧ୍ୟ ଉଡ଼ାଇଥିଲେ, ଯାହାକୁ ସେ ନିଜେ ନିର୍ମାଣ କରିବାରେ ସାହାଯ୍ୟ କରିଥିଲେ ଏବଂ ନାସାର ୪.୨ ବିଲିୟନ ଡଲାର ଖର୍ଚ୍ଚ ହୋଇଥିଲା । ଆଇ. ଏସ୍. ଏସ୍. ରେ, ସେ ଅନେକ ଉପକରଣ ବଦଳାଇ ଥିଲେ, ସଫା କରିଥିଲେ ଏବଂ ଅନେକ ଆବର୍ଜନାକୁ ଭୂମିକୁ ଫେରାଇ ଆଣିବାରେ ସାହାଯ୍ୟ କରିଥିଲେ । ସେ ୧୫୦ ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ଜଡିତ ଥିଲେ, ଯେଉଁଥିରେ ୯୦୦ ଘଣ୍ଟାରୁ ଅଧିକ ଗବେଷଣା ଅନ୍ତର୍ଭୁକ୍ତ ଥିଲା । ସୁନୀତା ଜାନୁଆରୀ ୩୦ ରେ ପାଞ୍ଚ ଘଣ୍ଟା ୨୬ ମିନିଟର ସ୍ପେସୱାକ୍ ଶେଷ କରିଥିବାବେଳେ ଜାନୁଆରୀ ୧୬ ରେ ସେ ଛଅ ଘଣ୍ଟା ସ୍ପେସୱାକ୍ କରିଥିଲେ । ଭବିଷ୍ୟତର ମହାକାଶଚାରୀମାନଙ୍କ ପାଇଁ ଖାଦ୍ୟ ବୃଦ୍ଧି କରିବାର ସମ୍ଭାବନା ଅନୁସନ୍ଧାନ କରିବା ପାଇଁ ସେ ମହାକାଶରେ ଉଦ୍ଭିଦ ଉପରେ ଗବେଷଣା କରିଥିଲେ । ଏହା ବ୍ୟତୀତ ସେ ଆଇ. ଏସ୍. ଏସ୍. ରେ ଜଳ ପୁନରୁଦ୍ଧାର ପ୍ରଯୁକ୍ତି ଉପରେ ମଧ୍ୟ କାର୍ଯ୍ୟ କରିଥିଲେ, ଯାହାଦ୍ୱାରା ଭବିଷ୍ୟତର ମହାକାଶ ଅଭିଯାନରେ ଜଳକୁ ପୁନଃଚକ୍ରଣ କରାଯାଇ ପାରିବ । ଦୀର୍ଘ ସମୟ ଧରି ଗଚ୍ଛିତ ଖାଦ୍ୟରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବକୁ ପୂରଣ କରିବା ପାଇଁ ସେ ମହାକାଶରେ ପୋଷଣ ବଜାୟ ରଖିବା ପାଇଁ ବାୟୋନିୟୁଟ୍ରିଏଣ୍ଟ ଟେକ୍ନୋଲୋଜି ଉପରେ ମଧ୍ୟ କାର୍ଯ୍ୟ କରିଥିଲେ । ପୁଷ୍ଟିକର ପରିପୂରକ ଉତ୍ପାଦନ ପାଇଁ ସେମାନେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ଅଭିବୃଦ୍ଧି ପ୍ୟାକେଟ୍ ସୃଷ୍ଟି କରିଥିଲେ । ପ୍ରତ୍ୟାବର୍ତ୍ତନ ଯାତ୍ରା ଶେଷରେ ଏକ ସ୍ପେସ୍‌ଏକ୍ସ କ୍ରୁ ଡ୍ରାଗନ୍ ମହାକାଶଯାନ ଦ୍ୱାରା ସୁଗମ ହୋଇଥିଲା, ଯାହା ସେମାନଙ୍କର ମହାକାଶ ଅଗ୍ନିପରୀକ୍ଷାର ସମାପ୍ତିକୁ ଚିହ୍ନିତ କରିଥିଲା । ତଥାପି, ମାଇକ୍ରୋଗ୍ରାଭିଟିର ଦୀର୍ଘକାଳୀନ ଏକ୍ସପୋଜର ମାଂସପେଶୀ ଆଟ୍ରୋଫି, ଅସ୍ଥି ଘନତ୍ୱ ହ୍ରାସ ଏବଂ ବିକିରଣ ଏକ୍ସପୋଜର ସମେତ ଗୁରୁତ୍ୱପୂର୍ଣ୍ଣ ଶାରୀରିକ ଆହ୍ୱାନ ସୃଷ୍ଟି କରିଥିଲା ।

ଫେରିବା ପରେ, ୱିଲିୟମ୍ସ ଏବଂ ତାଙ୍କ ସହକର୍ମୀ ତୁରନ୍ତ ଡାକ୍ତରୀ ମୂଲ୍ୟାଙ୍କନ କରିଥିଲେ ଏବଂ ସେମାନଙ୍କର ଶକ୍ତି ପୁନରୁଦ୍ଧାର ଏବଂ ପୃଥିବୀର ମାଧ୍ୟାକର୍ଷଣ ସହିତ ଖାପଖୁଆଇବା ପାଇଁ ଏକ ସଂରଚିତ ପୁନର୍ବାସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ମିଶନ ୱିଲିୟମ୍ସଙ୍କ ଦୃଢ଼ତା ଏବଂ ଅନୁକୂଳତା ଉପରେ ଆଲୋକପାତ କରିଥିଲା, ଯାହା ବୈଜ୍ଞାନିକ ପ୍ରଗତିରେ ଯୋଗଦାନ ଦେବା ସହିତ ଅପ୍ରତ୍ୟାଶିତ ବାଧାଗୁଡ଼ିକୁ ଅତିକ୍ରମ କରିବାର ଦକ୍ଷତା ପ୍ରଦର୍ଶନ କରିଥିଲା । ତାଙ୍କର ଯାତ୍ରା ମାନବ ସହନଶୀଳତା ଏବଂ ଅନ୍ୱେଷଣ ପ୍ରତି ଉତ୍ସର୍ଗୀକୃତତାର ଏକ ପ୍ରେରଣା ଦାୟୀ ଉଦାହରଣ ଭାବରେ କାର୍ଯ୍ୟ କରେ ।

ସୁଜନପୁର, ଯାଜପୁର
ମୋ:୯୪୩୭୨୮୮୦୨୮

# ବନାଞ୍ଚଳର ସବୁଜଚିତ୍ର

**ଅଲେଖ ଚନ୍ଦ୍ର ସାମଲ**

ଭାରତୀୟ ଜଙ୍ଗଲ ସର୍ବେକ୍ଷଣର ସଦ୍ୟତମ ରିପୋର୍ଟର ତଥ୍ୟାନୁଯାୟୀ ୨୦୨୧-୨୩ରେ ସମଗ୍ର ଦେଶରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଯଥାକ୍ରମେ ୧୫୬ ବର୍ଗକିମି ଓ ୧,୨୮୯ ବର୍ଗ କିମି ବୃଦ୍ଧି ପାଇଛି । ପ୍ରଥମଥର ପାଇଁ ଏହି ଅଭିବୃଦ୍ଧି ହାର ଧାର୍ଯ୍ୟ ଲକ୍ଷ୍ୟ ୨୫%ରୁ ଅଧିକ ହୋଇଛି । ସଦ୍ୟତମ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଭୂଭାଗର ୨୧.୭୬% ବା ୮୧୭୩୫୭ ବର୍ଗ କିମକି ବନାଞ୍ଚଳ ହୋଇଥିବା ବେଳେ ଘଞ୍ଚ ବନାନୀ ଅଞ୍ଚଳ ପରିମାଣ ୪୧୦୧୭୫ ବର୍ଗ କିମି । ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ବୃଦ୍ଧି ପରିମାଣ ମାତ୍ର ୩.୪୧%, ଯାହା ଆଦୌ ସନ୍ତୋଷଜନକ ନୁହେଁ । ଜଳବାୟୁ ପରିବର୍ତ୍ତନ ଏବଂ ତଦଜନିତ ବିଶ୍ୱ ଉତ୍ତାପ ବୃଦ୍ଧି, ଅନାବୃଷ୍ଟି, ବାୟୁ ପ୍ରଦୂଷଣ ଆଦି ବୃଦ୍ଧି ଦୃଷ୍ଟିରୁ ଏହି ସବୁଜ ଚିତ୍ର ସନ୍ତୋଷ ଅପେକ୍ଷା ଅଧିକ ନିରୁତ୍ସାହ ସୃଷ୍ଟି କରୁଛି ବୋଲି କୁହାଯାଇପାରେ । ୨୦୨୧ରୁ ୨୦୨୩ ମଧ୍ୟରେ ୧୫୬ ବର୍ଗ କିମି ବନାଞ୍ଚଳ ବଢ଼ିଥିବାବେଳେ ୩୯୧୩ ବର୍ଗ କିମିର ଘଞ୍ଚ ବାନନୀ ଉଭାନ ହୋଇଯାଇଛି । କେବଳ ସେତିକି ନୁହେଁ ଗତ ଦଶନ୍ଧିରେ ୧୭୫୦୦ ବର୍ଗ କିମି ଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ୨୪୬୫୧ ବର୍ଗ କିମି ଘଞ୍ଚ ବନାନୀ ସୃଷ୍ଟି ହୋଇଛି ତା ତୁଳନାରେ ଅଧିକ ବନାଞ୍ଚଳ ନଷ୍ଟ ହୋଇଛି । ସେହିପରି ଘଞ୍ଚ ବନାନୀରୁ ବନାନୀ ଓ ବନାନୀରୁ କେବଳ ସବୁଜ ବଳୟ କ୍ଷେତ୍ରକୁ ଦ୍ରୁତ ପରିବର୍ତ୍ତନ ହୋଇ ଚାଲିଥିବା ଭୂଭାଗ ପରିମାଣ ଉଦବେଗଜନକ ଭାବେ ବୃଦ୍ଧି ପାଇଥିବା ରିପୋର୍ଟରେ ଉଲ୍ଲେଖ ଅଛି । ଗ୍ଲୋବାଲ ଫରେଷ୍ଟ ୱାଚର ରିପୋର୍ଟ ଅନୁଯାୟୀ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ୨.୩୩ ନିୟୁତ ଗଛ କଟା ହୋଇଛି । ୨୦୧୬ରୁ ୨୦୧୯ରେ ଦ୍ୱିଗୁଣ ଗଛ କଟା ହୋଇଛି । କୋପେନହାଗେନ ବିଶ୍ୱବିଦ୍ୟାଳୟର ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ୨୦୧୯ରୁ ୨୦୨୨ ମଧ୍ୟରେ ୫.୮ ନିୟୁତ ଗଛ କଟା ହୋଇଛି । ଭାରତ ସରକାରଙ୍କ ରିପୋର୍ଟ ଅନୁଯାୟୀ ତେଲେଙ୍ଗାନାରେ ସର୍ବାଧିକ ଗଛ କଟାଯାଉଥିବା ବେଳେ ଓଡ଼ିଶା ଏହି ତାଲିକାରେ ପଞ୍ଚମ ସ୍ଥାନରେ ରହିଛି ।

ଭାରତର ଜଙ୍ଗଲ ସର୍ବେକ୍ଷଣର ଏହି ବିରୋଧାଭାସ ଚିତ୍ର କେବଳ ପରିସଂଖ୍ୟାନରେ ନୁହେଁ, ବାସ୍ତବ କ୍ଷେତ୍ରରେ ମଧ୍ୟ ପରିଦୃଷ୍ଟ । ଦେଶରେ କଂକ୍ରିଟ ଜଙ୍ଗଲ କ୍ରମଶଃ ସହରର ସୀମା ଡେଇଁ ଗ୍ରାମାଞ୍ଚଳରେ ଦ୍ରୁତଗତିରେ ପ୍ରବେଶ କରିବାରେ ଲାଗିଛି । ଏଥିଯୋଗୁଁ ବହୁବର୍ଷର ପୁରୁଣା ଗଛ ସବୁ ବଳି ପଡୁଛନ୍ତି । ଗମନାଗମନ ଓ ଭିତ୍ତିଭୂମିର ବିକାଶ ପାଇଁ ପ୍ରତିମିନିଟରେ କେଉଁଠି ନା କେଉଁଠି ଗଛ କଟା ଚାଲିଛି । ଖଣିଜ ବିକାଶ ଆଳରେ ଘଞ୍ଚ ବନାନୀ ବିନିଷ୍ଟ ହେଉଛି ପ୍ରତିଦିନ ୪୨ ଲକ୍ଷ ଏବଂ ପ୍ରତି ମିନିଟରେ ୨୪ ଗଛ ମଣିଷର ଅନ୍ୟାନ୍ୟ ଆବଶ୍ୟକତା ପାଇଁ କଟା ହେଉଛି । ଏଭଳି ପରିସ୍ଥିତିରେ ଭାରତର ଜଙ୍ଗଲାଞ୍ଚଳ ବୃଦ୍ଧି ପରିସଂଖ୍ୟାନ ବିଶ୍ୱାସଯୋଗ୍ୟ ହେବ କେମିତି ? ଜାତୀୟ ରାଜପଥ ହେଉ କି ରାଜ୍ୟ ରାଜପଥ ସମ୍ପ୍ରସାରଣ ପାଇଁ କଟାଯାଉଥିବା ଶହ ଶହ ବର୍ଷର ପୁରୁଣା ଗଛ ବଦଳରେ ରାସ୍ତାମଝିରେ କାଗଜଫୁଲ, କନିଅର ଫୁଲ ଗଛ ଶୋଭା ପାଉଛି । ପରିସଂଖ୍ୟାନରେ ଯେଉଁ ସବୁଜ ବଳୟ ଅଞ୍ଚଳ ବୃଦ୍ଧି ପାଇଥିବା ଦର୍ଶାଯାଇଛି ତାହା କେବଳ ଉପଗ୍ରହ ମାଧ୍ୟମରେ ଉତ୍ତୋଳିତ ଚିତ୍ର ଆଧାରରେ ପ୍ରସ୍ତୁତ ହେଉଥିବାରୁ ଯାହା କିଛି ଉପଗ୍ରହ କ୍ୟାମେରାରେ ସବୁଜ ଚିତ୍ର ହେଉଛି ତାହାକୁ ପରିସଂଖ୍ୟାନବିତମାନେ ବନାଞ୍ଚଳ ବା ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୋଲି ଦର୍ଶାଉଛନ୍ତି । କିନ୍ତୁ ଗୋଟିଏ ବଡ଼ ଗଛର ବିକଳ୍ପ ଲକ୍ଷେ ଫୁଲଗଛ ଚାରା ନୁହେଁ, ଏହି ବାସ୍ତବତାକୁ ଗ୍ରହଣ କରିବାକୁ ପଡ଼ିବ । ପରିସଂଖ୍ୟାନର ବିରୋଧାଭାସକୁ ପ୍ରମାଣିତ କରୁଥିବା ଆଉ ଏକ ତଥ୍ୟ ଉପରେ ଦୃଷ୍ଟି ଦିଆଯାଉ । ସଂସଦରେ ପ୍ରଦତ୍ତ ସରକାରୀ ତଥ୍ୟାନୁଯାୟୀ, ଛତିଶଗଡ଼ ହସଦେଓ ଆରାଣ୍ଡ ଜଙ୍ଗଲାଞ୍ଚଳରେ ୨୩ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ୨ଲକ୍ଷ ୭୪ ହଜାର ଗଛ କାଟିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି । ଛତିଶଗଡ଼ର ଆରାଣ୍ଡ ବନାଞ୍ଚଳରେ ଯେଉଁ ୯୫ ହଜାର ଗଛ କଟାଯାଇଛି ତାହାର ଭରଣା ପାଇଁ ପ୍ରାୟ ୫୩ ଲକ୍ଷ ୪୦ ହଜାର ଚାରାରୋପଣ କରାଯାଇଥିବା ସରକାରୀ ଭାବେ କୁହାଯାଇଛି । ଏହିଭଳି ଭାରତର ସବୁଜ ବଳୟର ସବୁଜ ଚିତ୍ରକୁ ଜଙ୍ଗଲ ସର୍ବେକ୍ଷଣ ୨୦୨୩ ପ୍ରଦର୍ଶିତ କରୁଛି । କିନ୍ତୁ ପ୍ରାୟ ୨୦୦ ବର୍ଷର ପୁରୁଣା ଗଛର ବିକଳ୍ପ ହେବାକୁ ବର୍ତ୍ତମାନର ଏହି ଚାରା ଗୁଡ଼ିକୁ କେତେ ବର୍ଷ ଲାଗିବ ତାହା ଅନୁମେୟ । ସରକାରଙ୍କ ନୀତି ନିର୍ଦ୍ଧାରକମାନଙ୍କୁ ଏହା ଚେତାଇବା ଅନାବଶ୍ୟକ ଯେ ଅନ୍ୟୁନ ୫୦ ବର୍ଷ ପୁରୁଣା ଏକ ବୃକ୍ଷର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ୧ ଲକ୍ଷ ଚାରା ଠାରୁ କାହିଁ କେତେ ଅଧିକ । ତେଣୁ ବର୍ତ୍ତମାନ ଜଙ୍ଗଲ ବିସ୍ଥାପନ ଓ ଚାରା ସଂସ୍ଥାପନର ଯେଉଁ ନୂଆ ଧାରା ଆରମ୍ଭ ହୋଇଛି ସେଥିଯୋଗୁଁ ହିଁ ବିଶ୍ୱ ତାପମାନ ବୃଦ୍ଧି ପାଇ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନକୁ ଆହୁରି ତୀବ୍ର କରୁଛି ।

ବାଲିଚନ୍ଦ୍ରପୁର, ଯାଜପୁର

## ସଂପାଦକଙ୍କୁ ପତ୍ର

### ପିଲାମାନଙ୍କୁ ସଚେତନ କରାଯାଉ

ମହାଶୟ,

ସମାଜରେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ପୃଥିବୀର ପ୍ରତିଟି ଦେଶରେ ନିଜସ୍ୱ 'ଆଇନ' ବ୍ୟବସ୍ଥା ଅଛି । ଦେଶର ସମ୍ବିଧାନରେ ଏହା ପଞ୍ଜିକୃତ ଥାଏ । କିଛି ଦେଶରେ ଲିଖିତ ସମ୍ବିଧାନ ଥିବାବେଳେ କିଛି ଦେଶର ଅଲିଖିତ ସମ୍ବିଧାନ ଅଛି । ସମ୍ବିଧାନ ସଂଶୋଧନର ବ୍ୟବସ୍ଥା ମଧ୍ୟ ଲୋକପ୍ରତିନିଧିଙ୍କ ଦ୍ୱାରା ସମ୍ଭବ । ସ୍କୁଲରେ ପଢ଼ାଯାଉଥିବା 'ସାମାଜିକ ବିଜ୍ଞାନ' ବିଷୟରେ ଛାତ୍ର ଛାତ୍ରୀଙ୍କୁ କିଛି ଧାରଣା ଦିଆ ଯାଇଥାଏ, କିନ୍ତୁ 'ଆଇନ' ବିଷୟ ଯଦି ଅଷ୍ଟମ ଶ୍ରେଣୀର ସିଲବସରୁ ଆରମ୍ଭ କରାଯାଇ ପାରନ୍ତା ତେବେ ଆମ ପିଲାମାନେ ଆଇନ ବିଷୟରେ ସଚେତନ ହେବା ସହିତ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇପରନ୍ତେ । ଭାରତୀୟ ଦଣ୍ଡ ସଂହିତାର ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିବା କିଛି ଧାରା ଜାଣିବା ଦ୍ୱାରା କିଶୋର ଓ କୋମଳମତି ବାଳକ ବାଳିକାଙ୍କ ଜୀବନରେ ଆଇନ ପ୍ରତି ସମ୍ମାନ ଆସିବା ସହିତ କିଛିମାତ୍ରାରେ ଅପରାଧ ବି କମିଯିବ । ଅଶିକ୍ଷିତ ବାଳ ଅପରାଧୀଙ୍କୁ ସରକାରୀ ସ୍ତରରେ ଶିକ୍ଷା ଦେବା ସହିତ ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇନ ପାଠ୍ୟକ୍ରମ ଆମ ଶିକ୍ଷିତ ସମାଜକୁ ଅପରାଧ ଠାରୁ ନିଶ୍ଚିତ ଦୂରେଇ ରଖିବ । କୋମଳମତି ଛାତ୍ର ଛାତ୍ରୀ ମାନେ ଆଇନ ଓ ଦଣ୍ଡ ବ୍ୟବସ୍ଥା ବିଷୟରେ ଜାଣିବା ଭବିଷ୍ୟତ ପାଇଁ ଶୁଭଙ୍କର । ଆଇନର ପରିଧି ଭିତରେ ରହି ନିଜକୁ ସୁରକ୍ଷିତ ରଖିବା ସହିତ ସମାଜର ସୁରକ୍ଷାକୁ ବି ନଜର ଦେବା ଆମ ମାନଙ୍କ କର୍ତ୍ତବ୍ୟ, ପିଲାଟି ପ୍ରଥମେ ନିଜ ଘରୁ, ତାହା ପରେ ବିଦ୍ୟାଳୟ । ପରେ ସମାଜରୁ ନିଜ ଦେଶର ଆଇନ କାନୁନ ବିଷୟରେ ଜାଣିଥାଏ । ଅଧା ବା କିଂଚିତ ଜ୍ଞାନ ତା'କୁ ଆଇନ ବିଷୟରେ ସଚେତନ କରିବାରେ ଏତେଟା ସହାୟକ ହୁଏ ନାହିଁ ଓ ସ୍କୁଲ ଶିକ୍ଷାରେ ସ୍ୱତନ୍ତ୍ର ଭାବେ ଆଇନ ବିଷୟକୁ ଯଦି ସାମିଲ କରାଯାଇ ପାରନ୍ତା ।

ଦୁର୍ଯ୍ୟୋଧନ ନାୟକ, କଟକ

# ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

**ପ୍ରଫେସ ଉମେଶ ଚନ୍ଦ୍ର ପାତ୍ର**

୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ । ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ । ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ' । ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ । ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା । ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି - ''ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର'' ("ଶରଣ୍ୱ! ଡର ଉବଭ ରଭୟ ଷଇ: ଉକ୍ଟଙ୍କଙ୍କସ୍ୱ, ଓଭ-ଙ୍ଗରସ୍ୱଣ୍ୱ, ଉରକ୍ଷସଙ୍ଗରକ୍ୱ").ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ । ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି । ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପୋଟନ ମଧ୍ୟ ହୋଇପାରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ୍, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ । ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ । ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ । ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ । ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ । ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ । ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା ।


ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ । ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ । ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍ । ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ । ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ । ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ୍‌ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ୍ୟ । ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ । ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ । ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ ।

ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ । ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ । ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।

କଟକ
ମୋ : ୯୪୩୭୦୫୧୯୫୭



# ଅସ୍ତିତ୍ୱ ହରାଇବ ପିଲାସାଲୁଙ୍କୀ ନଦୀ !





**ଫୁଲବାଣୀ :** ଫୁଲବାଣୀ ସହରର ଜୀବନରେଖା ଭାବେ ପରିଚିତ ପିଲାସାଲୁଙ୍କୀ ନଦୀ ଫୁଲବାଣୀ ସହରର ପାନୀୟ ଜଳ ଆବଶ୍ୟକତା ସହ ଏ ଅଞ୍ଚଳର କୃଷି ଆବଶ୍ୟକତାକୁ ମଧ୍ୟ ପୂରଣ କରି ଆସୁଛି। କିନ୍ତୁ ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି ସହିତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହି ନଦୀର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଫୁଲବାଣୀ ନୁହେଁ, ପିଲାସାଲୁଙ୍କି ଓ ବଡ଼ ସାଲୁଙ୍କି ଉପରେ ନିର୍ଭର କରୁଥିବା କନ୍ଧମାଳ ଜିଲାର ବିଭିନ୍ନ ବ୍ଲକର ଅଧିବାସୀ ମଧ୍ୟ ନଦୀର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି।ବଡ଼ସାଲୁଙ୍କୀ ନଦୀର ଏହି ପ୍ରମୁଖ ଶାଖା ନଦୀ ବର୍ଷ ବର୍ଷ ଧରି ଲୋକଙ୍କ ଆବଶ୍ୟକତା ପୂରଣ କରି ଆସୁଛି। ଫୁଲବାଣୀ ସହର ଏହି ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସହରକୁ ଚତୁର୍ଦିଗରୁ ଘେରି ରହିଛି ସାଲୁଙ୍କୀ ନଦୀ। ପ୍ରାୟ ପାଞ୍ଚ କିଲୋମିଟର ଦୀର୍ଘ ନଦୀ କୂଳରେ ରହିଛି ଫୁଲବାଣୀ ସହରର ଅନେକ ଜନବସତି। ନଦୀକୂଳରେ ବହୁ ସଂଖ୍ୟାରେ ଜନବସତି ଗଢି ଉଠିବା ସାଙ୍ଗକୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ନିୟମ ଅଭାବରୁ ନଦୀ ଅନେକ ସ୍ଥାନରେ ପୋତି ହେବାକୁ ବସିଛି। ନଦୀର ଉପର ମୁଣ୍ଡରୁ ଆରମ୍ଭ କରି ତଳମୁଣ୍ଡ ପର୍ଯ୍ୟନ୍ତ ଜନବସତିର ସସସ୍ତ ଆବର୍ଜନା ନଦୀ ମଧ୍ୟକୁ ନିଷ୍କାସିତ ହେଉ ଥିବାରୁ ନଦୀ ଜଳ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି। ସହରର କିଛି ସଚେତନ ନାଗରିକଙ୍କ ଦ୍ୱାରା ସାଲୁଙ୍କୀ ବଞ୍ଚାଅ ସଂଗଠନ ସ୍ଥାପନ କରାଯାଇ ଆନ୍ଦୋଳନ କରାଯାଇଥିଲା। ୨୦୧୨ରେ ତତ୍କାଳୀନ ଅତିରିକ୍ତ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପିଲା ସାଲୁଙ୍କୀର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସେତେବେଳେ ପୌର ପରିଷଦ ପକ୍ଷରୁ ପିଅନପଡାଠାରୁ ଆରମ୍ଭ କରି ନଦୀ କୂଳେ କୂଳେ ଏକ ସ୍ୱେରେଜ ଲାଇନ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଆ ଯାଇଥିଲା। ସହରର ସମସ୍ତ ଆବର୍ଜନା ଓ ଦୂଷିତ ଜଳ ଏହି ସ୍ୱେରେଜ ମାଧ୍ୟମରେ ସଂଗୃହୀତ ହୋଇ ବିଶୋଧନ କରାଯିବା ପ୍ରସ୍ତାବ ରହିଥିଲା। କିନ୍ତୁ ଏ ପ୍ରସ୍ତାବ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ପୌର ପରିଷଦ ପକ୍ଷରୁ କେବଳ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ସ୍ଥାପିତ ହୋଇଛି। ପ୍ରଶାସନରୁ ନିରାଶ କିଛି ସମାଜସେବୀ ସାଲୁଙ୍କୀ ନଦୀର ସୁରକ୍ଷା ପାଇଁ ଅଦାଲତର ଆଶ୍ରୟ ନେଇଥିଲେ। ଫୁଲବାଣୀ ସ୍ଥାୟୀ ଲୋକ ଅଦାଲତ ଏହାର ବିଚାର କରି ଗତବର୍ଷ ନଦୀ ଜଳକୁ ଦୂଷିତ ହେବାରୁ ବଞ୍ଚାଇବା ପାଇଁ ଏକ ସ୍ୱେରେଜ ବ୍ୟବସ୍ଥା ନିର୍ମାଣ ପାଇଁ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରିଷଦ ପକ୍ଷରୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ନଦୀର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଥିବା ସାମାଜିକ କର୍ମୀ ଅଶୋକ ପରିଡା କହିଛନ୍ତି। ଏବେ ବି ସହରର ବର୍ଜ୍ୟ ଜଳ ନଦୀରେ ମିଶୁଛି। ଏ ନେଇ ସହରବାସୀଙ୍କୁ ସଚେତନ କରିବା ଏବଂ ଆବଶ୍ୟକ ସ୍ଥଳେ ଆଇନ ଉଲ୍ଲଙ୍ଘନ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସେଭଳି କିଛି ହେଉନାହିଁ। ପୂର୍ବରୁ ନଦୀଖଣ୍ଡି ସାହିଠାରେ ଥିବା ଡ୍ୟାମ ନିକଟରେ ଜଳଯୋଗାଣ ବିଭାଗ ପକ୍ଷରୁ ପମ୍ପ ହାଉସ ନିର୍ମାଣ କରାଯାଇ ସହରକୁ ପାନୀୟ ଜଳ ଯୋଗାଣ ହେଉଥିଲା। କିନ୍ତୁ ଏହି ସ୍ଥାନରେ ନଦୀ ପୋତି ହୋଇ ଯାଉଥିବାରୁ ପମ୍ପ ହାଉସକୁ ସରକାରୀ ମହାବିଦ୍ୟାଳୟ ନିକଟକୁ ସ୍ଥାନାନ୍ତର କରାଯାଇଛି। ଧୀରେ ଧୀରେ ସେଠାରେ ମଧ୍ୟ ନଦୀ ପୋତି ହେବାକୁ ବସିଲାଣି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚରାଯିବାରୁ ସେ କହିଛନ୍ତି, ନଦୀ ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ସହରରେ ଶତ ପ୍ରତିଶତ ପାଇଖାନା ନିର୍ମାଣ କରାଯାଇଛି। କୌଣସି ବ୍ୟକ୍ତି ଘରର ପ୍ରଦୂଷିତ ଜଳ କିମ୍ବା ବର୍ଜ୍ୟବସ୍ତୁ ନଦୀକୁ ଛାଡିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ୱେରେଜ ଲାଇନ ନିର୍ମାଣ ପାଇଁ ସର୍ଭେ କାମ ଚାଲିଥିବା ସେ କହିଛନ୍ତି।

---





# ଖଣି ପାଇଁ ଲୋପ ପାଇବ ଶାଳ ଜଙ୍ଗଲ



**କଣିହାଁ:** କଣିହାଁ ଅଞ୍ଚଳରେ ଖଣି ପାଇଁ ବଳି ପଡୁଛି ଶାଳ ଜଙ୍ଗଲ। ପରବର୍ତ୍ତୀ ସମୟରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଖଣି ବିଭାଗ ପକ୍ଷରୁ ଉଦ୍ୟମ ହେଉନାହିଁ। ଏହାକୁ ନେଇ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କଣିହାଁ ଓପନ୍କାଷ୍ଟ କୋଇଲା ଖଣି ଓ ଗୋପାଳଜୀ କୋଇଲା ଖଣି ଖନନ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବା ପରେ ଗତ କିଛିବର୍ଷ ହେଲା ଖଣିରୁ କୋଇଲା ଉତ୍ତୋଳନ କରାଯାଉଛି। ଏଥି ଯୋଗୁ ଖଣି ନିକଟରେ ଥିବା ଏକର ଏକର ଶାଳ ଜଙ୍ଗଲ ବଳି ପଡ଼ିବା ଆଶଙ୍କା ଦେଖାଦେଇଛି। କଣିହାଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜରଡ଼ା ଗାଁ ନିକଟରେ ଥିବା ୪୮ ହେକ୍ଟର ସଂରକ୍ଷିତ ଜଙ୍ଗଲ ଏବଂ ଜରଡ଼ା ମଠରଗୁଡି ନାମରେ ଥିବା ଏକ ଜଙ୍ଗଲକୁ ଅଧିଗ୍ରହଣ କରାଯାଇଛି। ଖଣି ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରୁ ଗାଁର ଲୋକମାନେ କାଠ ସଂଗ୍ରହ କରିଥାନ୍ତି। ଗୃହପାଳିତ ପଶୁ ଜଙ୍ଗଲରେ ଚରାବୁଲା କରିଥାନ୍ତି। ବନବିଭାଗ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବନ ସୁରକ୍ଷା ସମିତି ଗଠନ କରାଯାଇ ଜଙ୍ଗଲର ସୁରକ୍ଷା ସହ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରାଯାଉଛି। ସେହିପରି କଣିହାଁ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ସ୍ଥାନୀୟ ପଥରମୁଣ୍ଡା ଗ୍ରାମବାସୀଙ୍କ ରକ୍ଷିତ ସଂରକ୍ଷିତ ଜଙ୍ଗଲକୁ ଖଣି କର୍ତ୍ତୃପକ୍ଷ ଅଧିଗ୍ରହଣ ମଧ୍ୟ କରିସାରିଛନ୍ତି। ଗୋପାଳଜୀ କୋଇଲା ଖଣି ଦ୍ୱାରା କଣିହାଁ ବ୍ଲକ୍ର କଂସମୁଣ୍ଡା ଗାଁ ନିକଟରେ ଥିବା ପ୍ରାୟ ୨୭ ହେକ୍ଟର ଗୋହିରାଦଣ୍ଡା ସଂରକ୍ଷିତ ଜଙ୍ଗଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। କଣିହାଁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସୃଷ୍ଟି ହୋଇଥିବା ୨୫ ହେକ୍ଟର ପିତାଲ ରଗୁଡ଼ି ଜଙ୍ଗଲ ରହିଛି। ଏହା କୋଇଲା ଖଣି ଦ୍ୱାରା ନଷ୍ଟ ହେବାକୁ ଯାଉଥିବା ଜଣାପଡ଼ିଛି। ଜଙ୍ଗଲ ନଷ୍ଟ ହେଲେ ସ୍ଥାନୀୟ ଅଞ୍ଚଳର ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ସହ ଲୋକମାନେ ଜଙ୍ଗଲରୁ ଆଉ ଜାଳକାଠ ସଂଗ୍ରହ କରି ପାରିବେ ନାହିଁ। ଜଙ୍ଗଲରୁ ମିଳୁଥିବା ଔଷଧୀୟ ବୃକ୍ଷ ଲୋପ ପାଇବା ସହ ଶାଳପତ୍ର, ଟୋଲ, ମହୁଲ ଫୁଲ ପାଇବାରୁ ବଞ୍ଚିତ ହେବେ। ଖଣି ପାଇଁ ଜଙ୍ଗଲ କାଟିଲେ ପରିବେଶ ସନ୍ତୁଳନ ବିଗିଡ଼ିବ। ବନ୍ୟପ୍ରାଣୀମାନେ ସେମାନଙ୍କର ବାସସ୍ଥାନ ହରାଇବେ। ତେଣୁ ଜଙ୍ଗଲ ନଷ୍ଟ କରିବା ପୂର୍ବରୁ ଖଣି ନିକଟବର୍ତ୍ତୀ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

---

# ୧୩୩ ଗାଁକୁ ପାନୀୟ ଜଳ ଯୋଗାଣ ପ୍ରହସନ

**କଟକ:** ଗୋଟିଏ ପଟେ ଓଡ଼ିଶାର ବଡ଼ ନଦୀ ମହାନଦୀ। ଆଉ ଗୋଟିଏ ପଟେ ଦେବୀ, ବିଲୁଆଖାଇ ଭଳି ନଦୀ। ମାଳମାଳ ପାନୀୟଜଳ ପ୍ରକଳ୍ପ ଠିଆହୋଇଛି। ମାତ୍ର ଗ୍ରୀଷ୍ମ ଆରମ୍ଭରୁ ଜଳ ସଂକଟ ଉତ୍କଟ ହେବାରେ ଲାଗିଲାଣି। ପାଣି ଟୋପେ ପାଇଁ ଲୋକେ ତହଳବିକଳ ହେଉଛନ୍ତି। ନଦୀନାଳ ଓ କେନାଲ ଘେରା ଜଗତସିଂହପୁର ଭଳି ଏକ ଶିଳ୍ପସମୃଦ୍ଧ ଜିଲ୍ଲାରେ ଏଭଳି ସଂକଟଜନକ ପରିସ୍ଥିତି ଉପୁଜିବା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

୨୦୧୧ ଜନଗଣନା ଅନୁସାରେ, ଜଗତସିଂହପୁର ଜିଲ୍ଲାରେ ମୋଟ ୧୧,୩୬,୬୦୪ ଲୋକ ବସବାସ କରୁଥିବା ବେଳେ ଏବେ ଏହା ବଢ଼ି ପ୍ରାୟ ୧୨ ଲକ୍ଷ ୨୦ ହଜାରରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ପ୍ରାୟ ୧୧ ଲକ୍ଷ ପାଖାପାଖି ଲୋକ ବସବାସ କରୁଥିବା ବେଳେ ସହରାଞ୍ଚଳରେ ଦୁଇଲକ୍ଷ ଲୋକ ବାସ କରୁଛନ୍ତି। ତଥ୍ୟ କହୁଛି, ଗୋଟିଏ ୫ ଜଣିଆ ପରିବାର ପାଇଁ ଦିନକୁ ପାଖାପାଖି ୨୮୦ ଲିଟର ଜଳ ଆବଶ୍ୟକ। ଏହି ହିସାବ ଆଧାରରେ ଯଦି ଦେଖାଯାଏ ତେବେ ଜିଲ୍ଲାର ଲୋକଙ୍କ ପାଇଁ ପ୍ରାୟ ୭୦୦ ହଜାର ଗ୍ୟାଲୋନ୍ ଜଳ ଆବଶ୍ୟକ। ମାତ୍ର ସେତିକ ଜଳ ମିଳି ପାରୁନାହିଁ। ଭୂତଳ ଜଳ ହ୍ରାସ ପାଇ ପାଇଚାଲିଛି। ଜିଲ୍ଲାର କେତେକ ନଦୀ ମଧ୍ୟ ମରିଗଲାଣି। ଦେବୀ ନଦୀରେ ଧାରେ ପାଣି ଚାଲିଛି। ବିଲୁଆଖାଇ ଶୁଖିଲା ପଡ଼ିଛି। ଭୌ?ଗୋଳିକ ସ୍ଥିତି ଅନୁଯାୟୀ ଜଗତସିଂହପୁର ଜିଲ୍ଲା ୮୬ ଡିଗ୍ରି ୩ ଇଞ୍ଚରୁ ୮୬ ଡିଗ୍ରି ୪୫ ଇଞ୍ଚ ପୂର୍ବ ଦ୍ରାଘିମା ଏବଂ ୧୯ ଡିଗ୍ରି ୫୮ ଇଞ୍ଚରୁ ୨୦ ଡିଗ୍ରି ୨୩ ଇଞ୍ଚ ଉତ୍ତର ଅକ୍ଷାଂଶ ମଧ୍ୟରେ ଅବସ୍ଥିତ। ଉତ୍ତରରେ କେନ୍ଦ୍ରାପଡ଼ା, ଦକ୍ଷିଣରେ ପୁରୀ, ପୂର୍ବରେ ବଙ୍ଗୋପସାଗର ଏବଂ ପଶ୍ଚିମରେ କଟକ ଜିଲ୍ଲା ଅବସ୍ଥିତ। ରାଜ୍ୟର ୪ ପ୍ରମୁଖ ନଦୀ ଯଥା ମହାନଦୀ, କାଠଯୋଡି, ଦେବୀ ଓ ବିଲୁଆଖାଇ ଏହି ଜିଲ୍ଲାରେ ପ୍ରବାହିତ। ମହାନଦୀ ଜଗତସିଂହପୁର ଜିଲ୍ଲାରେ ସୁଦୀର୍ଘ ଭାବେ ପ୍ରବାହିତ ଏବଂ ତାଳଦଣ୍ଡା କେନାଲ ଓଡ଼ିଶାର ସବୁଠାରୁ ଲମ୍ବା ଓ ବଡ଼ କେନାଲ। ୧୮୬୯ ମସିହାରେ ମହାନଦୀର କଟକ ନିକଟରୁ ପାରାଦୀପ ପର୍ଯ୍ୟନ୍ତ ଏହି କେନାଲ ଖୋଳାଯାଇଥିଲା। ଏହି କେନାଲ ଥିଲା ଜଗତସିଂହପୁରର ଜୀବନରେଖା। ଏହାଛଡ଼ା ମାଛଗାଁ କେନାଲ୍ ମଧ୍ୟ ରହିଛି। କେବଳ ସେତିକି ନୁହେଁ, ଜିଲ୍ଲାରେ ପ୍ରାୟ ୧୦ଟି ପୋଖରୀ ରହିଛି। ଏଥିମଧ୍ୟରୁ ପ୍ରାୟ ଅଧିକାଂଶ ପରିତ୍ୟକ୍ତ। ଏସବୁର ପୁନରୁଦ୍ଧାର କରାଯାଉ ନାହିଁ। ଜିଲ୍ଲାରେ ୨୪୪ଟି ପାନୀୟଜଳ ପ୍ରକଳ୍ପ, ୧୩୧୮୯ଟି ନଳକୂଅ, ୨୪ଟି ସୌ?ରଶକ୍ତିଚାଳିତ ପ୍ରକଳ୍ପ, ୧୦୪ଟି ଓଭରହେଡ୍ ଟାଙ୍କି ରହିଛି। ଏହାବ୍ୟତୀତ ଆହୁରି କେତୋଟି ଛୋଟବଡ଼ ପ୍ରକଳ୍ପ ରହିଛି। ମାତ୍ର ସବୁଠାରୁ ବଡ଼ କଥା ହେଉଛି ପାଣି ପାଇଁ ଜିଲ୍ଲାବାସୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଜିଲ୍ଲାର ବାଲିକୁଦାଠାରେ ୨୦୧୮ ମସିହାରେ ୧୩୭ କୋଟି ଟଙ୍କା ବିନିମୟରେ ଏକ ମେଗା ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ଲକ୍ଷ୍ୟ ଥିଲା ସମୁଦ୍ର ଉପକୂଳବର୍ତ୍ତୀ ଏରସମା, ବାଲିକୁଦା ଓ ନାଉଗାଁ ବ୍ଲକ୍ର ୧୩୩ଟି ଗାଁକୁ ପାନୀୟଜଳ ଯୋଗାଇବା। ମାତ୍ର ପ୍ରକଳ୍ପଟି ଯେଉଁଠି ଓ ଯେଉଁ ଢଙ୍ଗରେ ନିର୍ମାଣ କରାଗଲା ତାହା ପାଣି ଯୋଗାଇବାରେ ସଫଳ ହୋଇ ପାରୁନାହିଁ। ଏବେ ବି ଅନେକ ଗାଁକୁ ପାଣି ଯାଉନାହିଁ। ଯେଉଁମାନେ ପାଣି ପାଉଛନ୍ତି, ତାହା ଯଥେଷ୍ଟ ହେଉନାହିଁ। ଏ କଥା ବିଧାନସଭା ପର୍ଯ୍ୟନ୍ତ ଯାଇଛି। କୋଟିକୋଟି ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପଟି ଦୂରଦୃଷ୍ଟି ଅଭାବରୁ ଆଉ କିଛି ଦିନ ପରେ ଅକାମୀ ମଧ୍ୟ ହୋଇଯାଇପାରେ। ବିଶେଷ କରି ଏରସମା ଅଞ୍ଚଳରେ ପାଣି ସମସ୍ୟା ଉତ୍କଟ ହେଉଛି। ସମୁଦ୍ରକୂଳ ଅଞ୍ଚଳ ହୋଇଥିବାରୁ ଭୂତଳ ଜଳ ପାନୀୟ ଉପଯୋଗୀ ହୋଇ ପାରୁନାହିଁ। ପ୍ରାୟ ସବୁ ନଳକୂଅରୁ ଲୁଣି ପାଣି ବାହାରୁଛି। ଅନ୍ୟ ଅଞ୍ଚଳରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ନାଉଗାଁ ବ୍ଲକ୍ର କେତେକ ଗାଁରେ ଓଭରହେଡ୍ ଟାଙ୍କି ନର୍ମାଣ କରାଯାଇଛି। ମାତ୍ର ପାଣି ଆସୁନାହି। ସେହିପରି 'ବସୁଧା' ଯୋଜନାରେ ନିର୍ମାଣ ହୋଇଥିବା କେତେକ ଟାଙ୍କି ମୃତବତ ପଡ଼ିଛି। ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏଭଳି ପରିସ୍ଥିତି ଯଦି ଲାଗି ରହେ ତେବେ ବେଙ୍ଗାଲୁରୁ ସହର ଭଳି ଉତ୍କଟ ଜଳ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।



# ବିକଶିତ ଭାରତ ପାଇଁ ମତାମତ କାର୍ଯ୍ୟକ୍ରମ

ସମ୍ବଲପୁର, (ହି.ସ.) - ଜାତୀୟ ସେବା ଯୋଜନା, ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରାଳୟ ତରଫରୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜାତୀୟ ସେବା ଯୋଜନା ପ୍ରଭାଗ ଏବଂ ନେହେରୁ ଯୁବ କେନ୍ଦ୍ର, ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଆଜି ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ଓ ଜୈବ ସୂଚନା ବିଭାଗର ସମ୍ମିଳନୀ ପ୍ରକୋଷ୍ଠରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ମନୋନୀତ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ବିକଶିତ ଭାରତ ପାଇଁ ମତାମତ ଗ୍ରହଣ କରାଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳ ସଂଗୀତ ଗାନ, ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ନେହେରୁ ଯୁବ କେନ୍ଦ୍ର ସମ୍ବଲପୁରରେ ଏହି ଯୁବ ମତାମତ ଚୟନ ପ୍ରକ୍ରିୟା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ମୁଖ୍ୟ ଅତିଥି ପ୍ରୋଫେସର ତୁଷାର କାନ୍ତି ଦାସ ମହୋଦୟ ,ବରେଣ୍ୟ ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ, ଏନ୍ ଏସ୍ ଏସ୍ ସଂଯୋଜକ ଡଃ ବୀରେନ୍ଦ୍ର ବେହେରା, ନେହେରୁ ଯୁବ କେନ୍ଦ୍ରର ଅଧିକାରୀ ଶ୍ରୀଯୁକ୍ତ ମାରିଆଦସ ବିଲୁଙ୍ଗ ଏବଂ ଜିଲ୍ଲା ସଂଯୋଜକ ଏନ୍ ଏସ୍ ଏସ୍ ସମ୍ବଲପୁରର ଶ୍ରୀ ଶାନ୍ତନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ବୀରେନ୍ଦ୍ର ବେହେରା ସାଗତ ଭାଷଣ ଦେଇଥିବାବେଳେ ମଂଚାସୀନ ଅତିଥିମାନେ ନିଜର ନିଜର ବକ୍ତବ୍ୟ ମାଧ୍ୟମରେ ଦେଶର ଉନ୍ନତିରେ ଯୁବ ଗୋଷ୍ଠୀଙ୍କ ଭୂମିକା ଉପରେ ମତବ୍ୟକ୍ତ କରି, ଭବିଷ୍ୟତରେ ଦେଶର ଉନ୍ନତିର ମୁଖ୍ୟ ସ୍ରୋତରେ ଭାଗ ନେବା ପାଇଁ ପ୍ରେରଣା ଦେଇଥିଲେ ।ସଭା କାର୍ଯ୍ୟର ଶେଷ ପର୍ଯ୍ୟାୟରେ ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ବେଲମତି କୁମୁରା ଓ ବିନୋଦ ପୃଷ୍ଟେ ସଂଯୋଜନା ଓ ସଭା ପରିଚାଳନା କରିଥିଲେ । ଏହା ପରେ ପରେ ବିକଶିତ ଭାରତ ପାଇଁ ଯୁବ ସଂସଦର ଯୁବ ମତାମତ ଚୟନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏଥିରେ ବିଚାରକ ମଣ୍ଡଳୀ ଭାବରେ ଶ୍ରୀଯୁକ୍ତ ରାଜେନ୍ଦ୍ର ପଣ୍ଡା, ପୂର୍ବତନ ଶିକ୍ଷକ ମୋହନ ସାହୁ, କଳାପାଣି ମହାବିଦ୍ୟାଳୟର ପ୍ରୋଫେସର ସଂଜ୍ଞୟ କୁମାର ପଟ୍ଟନାୟକ, ପୂର୍ବତନ ପ୍ରୋଫେସର ପରିବେଶ ବିଜ୍ଞାନ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ଼ଃ ରୋଷନୀ ଖୁଜୁର, ସହଯୋଗୀ ପ୍ରଫେସର ଡ଼ଃ ଏ. କେ. କୁଲୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦ୍ଘାଟନୀ ପର୍ବ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଓ ସମ୍ବଲପୁର ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ମନୋନୀତ ଛାତ୍ରଛାତ୍ରୀ ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ



ରାଉରକେଲା(ପିପିଏସ୍): ରାଉରକେଲା ସହରର ପାନପୋଷଠାରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି । କବିତା ହେଉଛି ନିଜ ଅଭିବ୍ୟକ୍ତି ପ୍ରକାଶ କରିବାର ଏକ ସୁନ୍ଦର ସ୍ୱରୂପ ତଥା ଆଲୋଚନା ଓ ଶାନ୍ତିର ଏକ ଶକ୍ତିଶାଳୀ ଉତ୍ପ୍ରେରକ । ଏହା ଯେପରି ଅନୁଭବ ଓ ଭାବପ୍ରବଣତା ସୃଷ୍ଟି କରିପାରେ ସାହିତ୍ୟର ଅନ୍ୟ କୌଣସି ବିଭାଗ ସେପରି କରିନଥାଏ । ତେଣୁ ପୃଥିବୀର କୋଣ ଅନୁକୋଣରେ କାବ୍ୟିକ ପରିପ୍ରକାଶ ମାଧ୍ୟମରେ ଭାଷାଗତ ବିବିଧତାକୁ ସମର୍ଥନ କରି ବିପଦଗ୍ରସ୍ତ ଭାଷାଗୁଡ଼ିକର ପୁନରୁତ୍ଥାନ ଉଦ୍ଦେଶ୍ୟରେ ଏପରି ଦିବସ ପାଳନ କରାଯାଉଛି । କବିଙ୍କୁ ସମ୍ମାନିତ କରିବା, କବିତା ଲେଖା, ପଢ଼ା ଓ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ନାଟକ, ନୃତ୍ୟ, ସଂଗୀତ ଓ ଚିତ୍ରକଳାରେ କବିତାକୁ ସମନ୍ୱିତ କରିବା ଏବଂ କବିତା ଆନ୍ଦୋଳନକୁ ସୁଦୃଢ଼ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହି ଅବସରରେ ଉଭୟ ପ୍ରାଚୀନ ଓ ଆଧୁନିକ କବିତାଗୁଡ଼ିକୁ ସମ୍ମାନ ପ୍ରଦର୍ଶନ ସହ କବିତା ଆବୃତ୍ତି ପରମ୍ପରାକୁ ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱାରୋପ କରାଯାଉଛି । ଏହି କ୍ରମରେ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ହିନ୍ଦୀ ଏବଂ ଇଂରାଜୀ ସାହିତ୍ୟ ବିଭାଗ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ ସେଠୀ ପୌରହିତ୍ୟ କରିଥିଲାବେଳେ ବକ୍ତାଭାବେ ଓଡ଼ିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ଯୋଗଦେଇଥିଲେ । ଶ୍ରୀ ସେଠୀ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲାବେଳେ ଶୁଭନାଥ ସା ସାହିତ୍ୟ ଓ ସମାଜ ପ୍ରତି କବିତାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ମହେନ୍ଦ୍ର ମିଶ୍ରଙ୍କ ସମେତ ଅଧ୍ୟାପିକା ଧରିତ୍ରୀ ପାଇକରାୟ ଓ ପ୍ରିୟଙ୍କା କଂସାରୀ ପ୍ରମୁଖ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ନେଇ କବିତା ପାଠ କରିଥିଲେ । ଏହି ଅବସରରେ ସ୍ନାତକୋତ୍ତର ବର୍ଗର ଛାତ୍ର ଦୁଷ୍ମନ୍ତ ଦୀପ୍, ଅଜୁ ମେହେର ଏବଂ ଛାତ୍ରୀ ଶେଫାଳିନା ବେହେରା ଓ କରିସ୍ମା ସୁରିଜୁଲିଆଙ୍କ ସମେତ ଯୁକ୍ତ ଦୁଇ ବର୍ଗର ସୁରେଶ ଓ ସୋନାଲି ପ୍ରମୁଖ ଭିନ୍ନ ଭିନ୍ନ କବିତା ପାଠ କରିଥିଲେ । ସ୍ନାତକୋତ୍ତର ବର୍ଗର ଛାତ୍ରୀ ବିଷ୍ଣୁପ୍ରିୟା ଓ ପୂଜାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଶମା ମୋଦି, ଇଂରାଜୀ ବିଭାଗର ଅଧାପିକା ଅନିତା ଜୈନ ଓ ହିନ୍ଦୀ ବିଭାଗର ନମିତା ସାଇଁଙ୍କ ସମେତ ଅଧାପିକା ମେରି କାଶ୍ମିରୀ ନାଗ ଏବଂ ଅନ୍ୟ ଅଧାପକ ଓ ଅଧାପିକାମାନେ ଉପସ୍ଥିତ ଥିଲେ । ଏହା ସହିତ ମହାବିଦ୍ୟାଳୟର ଯୁକ୍ତ ଦୁଇ, ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ଛାତ୍ର ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



କେସିଙ୍ଗା : କେସିଙ୍ଗା ବ୍ଲକ୍‌ର ବୋରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରୀମା ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ରାମେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାହୁ, ଦେବାଧି ନାୟକ, ବ୍ୟୋମକେଶ ବଗର୍ତ୍ତି, ଖବରଦାତା ବଳରାମ ନାଏକ, ସ୍କୁଲ କମିଟି ସଭାପତି ଦୁମକାନ୍ତି ସାଇଁ, ସିଆର୍‌ସିସି ଧୀରେନ୍ଦ୍ର ପଧାନ, ଲାବନ୍ୟ ସାଇଁ, ପ୍ରଦୀପ ପଧାନ ଯୋଗଦେଇଥିଲେ । ଶିକ୍ଷକ ଯୋଗେଶ୍ୱର ବାଗ, ରୋହିତ ସାହୁ, ସ୍କୁଲ କମିଟି ସଭ୍ୟା ତରୁଲତା ଜାନୀ, ବୁଧବାରୀ ମାଝି, ଶିକ୍ଷୟିତ୍ରୀ ସୁପ୍ରଭା ଜାଲ, ଶୁଚିସ୍ମିତା ସୁବୁଦ୍ଧି, ସୁନିତା ପଧାନ ଏବଂ ବାହାରୁ ଆସିଥିବା ଶିକ୍ଷକମାନେ ଉପସ୍ଥିତ ଥିଲେ । ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଫରେଷ୍ଟର ଓ ଫରେଷ୍ଟଗାର୍ଡ ସମ୍ମାନିତ

ଦେବଗଡ଼ (ପିପିଏସ୍)- ପରିବେଶ ପରିବେଶ ସୁରା ଏବଂ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦେବଗଡ଼ ବନଖଣ୍ଡର ଜଣେ ଫରେଷ୍ଟର ଓ ୩ ଜଣ ଫରେଷ୍ଟଗାର୍ଡ ରାଜ୍ୟସ୍ତରରେ ସମ୍ମାନୀତ ହୋଇଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ଦେବଗଡ଼ ବନଖଣ୍ଡ ଅଧିନସ୍ଥ ପାଲଲହଡ଼ା ଫରେଷ୍ଟ ସେକ୍ସନର ଫରେଷ୍ଟର ଶ୍ୟାମସୁନ୍ଦର ବେହେରା, ଦେବଗଡ଼ ବନାଂଚଳ କଂସର ଫରେଷ୍ଟ ସେକ୍ସନ କଂସର ବିଟ୍ ଫରେଷ୍ଟଗାର୍ଡ କାର୍ତିକେଶ୍ୱର ଦେହୁରୀ, ରିଆମାଳ ବନାଂଚଳ ରିଆମାଳ ଫରେଷ୍ଟ ସେକ୍ସନ ରିଆମାଳ ବିଟ୍‌ର ସୁନୀଲ କୁମାର ବେହେରା ଓ ପାଲଲହଡ଼ା ବନାଂଚଳ ଦାମରା ବିଟ୍ ଫରେଷ୍ଟଗାର୍ଡ ନିରନ ବେହେରା ଏହି ରାଜ୍ୟ ସ୍ତରୀୟ ସମ୍ମାନ ହାସଲ କରିଛନ୍ତି । ଉପରୋକ୍ତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇ ୧୦ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ ।

# ଚୋରାମଦ ଜବତ,୨ ଗିରଫ

କୋକସରା : କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନମ୍ବର ଜାତୀୟ ରାଜପଥ ବୋବରିଆ ଛକରେ ଥିବା ଏକ ଢ଼ାବା ଓ କାଉଡୋଳା ଗ୍ରାମରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରିଥିଲା । ଢ଼ାବାରୁ ବିପୁଳ ପରିମାଣର ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଢ଼ାବାରେ କାମ କରୁଥିବା କର୍ମଚାରୀ ଜୟପାଟଣା ବ୍ଲକ ଜୋର ଖଣ୍ଡିପଡାର ଜଗବନ୍ଧୁ ରାଉତ (୩୨) ଓ କାଉଡୋଳା ଗ୍ରାମର ରୁଦ୍ର ସତନାମୀ (୫୫) । ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଢ଼ାବାରେ ବେଆଇନଭାବେ ମଦ ବ୍ୟବସାୟ ହେଉଥିବା ସୂଚନା ପାଇ କଳାହାଣ୍ଡି ଜିଲା ଅବକାରୀ ଏସ୍‌ପି ରଞ୍ଜନ କୁମାର ନାଏକ ଓ ଅବକାରୀ ଅଧିକ୍ଷକ ସାଗରିକା ପ୍ରଧାନଙ୍କ ନିର୍ଦ୍ଦେଶରେ କୋକସରା ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା । ଏଥିସହ ରୁଦ୍ରଙ୍କ ଗାଁ କାଉଡୋଳାରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଉଭୟ ସ୍ଥାନରୁ ବିପୁଳ ପରିମାଣର ମଦ ଓ ୩୨୧୦ଶହ ଟଙ୍କା ଜବତ ହୋଇଥିଲା । ଏହି ଚଢ଼ାଉରେ ଧର୍ମଗଡ଼ ଅବକାରୀ ଆଇଆଇସି ସୁଧାଂଶୁ ମୁଣ୍ଡା, କୋକସରା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ, କନେଷ୍ଟବଳ ଖୁଶିରାମ କଟା, ନିରଞ୍ଜନ ବେହେରା, କର୍ଣ୍ଣ ବାଗ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ ।

# ଜିଲ୍ଲାସ୍ତରୀୟ ସଂଯୋଜନା ଓ ସମନ୍ୱୟ କର୍ମଶାଳା

ବଲାଙ୍ଗିର: ବଲାଙ୍ଗୀରସ୍ଥିତ ପଞ୍ଚାୟତ ସମ୍ବଳ କେନ୍ଦ୍ର ଠାରେ ୱାଏସସି ଓ ଲେହେର ଅନୁଷ୍ଠାନ ତରଫରୁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଲମ୍ବୋଦର ଦୀପ ଙ୍କ ଅଧକ୍ଷତାରେ କର୍ମଶାଳା ପରିଚାଳନା କରାଯାଇଥିଲା ।ଏହି କର୍ମଶାଳାରେ ୱାଏସସିର ନିର୍ଦ୍ଦେଶକ ଉମେଶ ପୁରୋହିତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ଶିଶୁମାନଙ୍କ ସୁରକ୍ଷା,ଯନ୍ କ୍ଷେତ୍ରରେ ସମସ୍ତ ସ୍ୱେଚ୍ଛାସେବୀ ଓ ସରକାରୀ ଅନୁଷ୍ଠାନ ମାନଙ୍କୁ ନେଇ ଏକ ସମନ୍ୱୟ ଓ ସଂଯୋଜନା ପାଇଁ ଉଦ୍ୟମ କରିବା ପାଇଁ ଅବଗତ କରାଇଥିଲେ ।ଏହି ଅବସରରେ ଜିଲ୍ଲା ପୋଲିସର ଡିଏସପି ଏକେ ମଲ୍ଲିକ ଉପସ୍ଥିତ ରହି ଶିଶୁ ଚାଲାଣ ଏବଂ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଉପରେ ଏକ ସଚେତନତା ସୃଷ୍ଟି କରିବାପାଇଁ ପରାମର୍ଶ ଦେଇଥିଲେ ।ଜିଲ୍ଲା ସ୍ତରର ଶ୍ରମ ବିଭାଗର ଏ ଡିଏଲ୍‌ଓ ବିନୋଦ ନାୟକ,କେଶବ ବେହେରା ଉପସ୍ଥିତ ରହି ଦେଶାନ୍ତର ଶିଶୁ ଶ୍ରମିକ ମାନଙ୍କର ସମସ୍ୟା ଉପରେ ବିଶଦ ଭାବରେ ଜଣାଇଥିଲେ ।ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ୍ କିଶୋର ନ୍ୟାୟ ଆଇନ୍ ଉପରେ ଅବଗତ କରିଥିଲେ, ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଅଣ ଆନୁଷ୍ଠାନିକ ଉପରେ ଥିବା ଶିଶୁଙ୍କ ଯନ୍ ପାଇଥିବା ବିଭିନ୍ନ ଯୋଜନା ଯଥା ପନସରସିପ୍, ଫୋଷ୍ଟର୍ କେୟାର, ଯଶୋଦା,ଗ୍ରୀନ ପାସେଜ୍ ଉପରେ ଜଣାଇବା ସହ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଉପରେ ୫ % ଅନୁଦାନ ପଞ୍ଚାୟତ ଅନ୍ ଟାଏଡ୍ ପାଣ୍ଠି ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ଥିବାର ଜଣାଇଥିଲେ ।ରେଲଓ୍ୱେ ର ଜିଆର୍ ପି ପୋଲିସ ରୁ ହେମନ୍ତ ପ୍ରସାଦ ପଧାନ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।ଏହି ଅବସରରେ ପଲ୍ଲୀ ଆଲୋକ ପାଠାଗାର, ଏଡ୍ ଏଡ୍ ଏକ୍ସନ,ୱାସି ଡି ଏ ର,ଗ୍ରାମ ମଙ୍ଗଳ ପାଠାଗାର,ଆଶ୍ରା, ପାର୍ବତିଗିରି ବାଳ ନିକେତନର ପ୍ରତିନିଧି ଏବଂ ଆକ୍ସନ ଏଡ୍ ର ଘାସିରାମ ପଣ୍ଡା ଅନ୍ ଲାଇନ ରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୟୁଥ୍ ସର୍ଭିସ ସେଣ୍ଟର ର ସଂଯୋଜିକା ଚନ୍ଦ୍ରକାନ୍ତି ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୨୭ରେ ବିଧାନସଭା ଘେରାଉକୁ ନେଇ ବଲାଙ୍ଗିର ଜିଲ୍ଲା କଂଗ୍ରେସ୍‌ର ପ୍ରସ୍ତୁତି

ବଲାଙ୍ଗିର : ସ୍ଥାନୀୟ ବଲାଙ୍ଗିର ଜିଲ୍ଲା କଂଗ୍ରେସ ଭବନ ଠାରେ ପିସିସି ତରଫରୁ ନିଯୁକ୍ତ ବଲାଙ୍ଗିର ଜିଲ୍ଲା ପ୍ରଭାରି ଚିନ୍ମୟ ସାହୁ ଯୋଗ ଦେଇ ଆସନ୍ତା ୨୭ ତାରିଖରେ କଂଗ୍ରେସ ଦଳ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ଘେରାଓ ଓ ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତାଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ଓଡିଶା ରେ ବିଜେପି ଦଳ କ୍ଷମତାକୁ ଆସିବା ପରେ ରାଜ୍ୟର ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିଶେଷ ଭାବରେ ବୃଦ୍ଧି ପାଇଛି । ଯଦି ଏହି ଧାରା ଚାଲୁ ରହେ ତେବେ ଓଡିଶା ରେ ମହିଳା ଅତ୍ୟାଚାର ପାଇଁ ଅନେକ ଅଲୋଡା ରେକର୍ଡ ସୃଷ୍ଟି କରିବ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଖି ଆଗରେ ରଖି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶଙ୍କ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ରାଜ୍ୟରୁ ସବୁ ପ୍ରାନ୍ତରୁ କଂଗ୍ରେସ କର୍ମୀ ଏକାଠି ହୋଇ ବିଧାନସଭା ଘେରାଓ କରିବା କାର୍ଯ୍ୟକ୍ରମ ରହିଛି । ଆଜିର ଏହି ଆଲୋଚନା ତଥା ପ୍ରସ୍ତୁତି ବୈଠକରେ ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ କାମନା କରିବା ସହ ସମସ୍ତେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରିଥିଲେ । ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ରଙ୍କ ସଭାପତିତ୍ୱରେ ଏବଂ କାର୍ଯ୍ୟକାରୀ ସଭାପତି ସନ୍ତକ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଟିଟିଲାଗଡ ବିଧାନସଭା ପ୍ରାର୍ଥୀ ବିରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା, କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ନାରୀ ନେତ୍ରୀ ମିଳନୀ ସାହୁ, ମୀରା ମଣ୍ଡଳ, ନାସୀର ଖାନ, ଅଙ୍କିତ ସାହୁ, ଛାତ୍ର କଂଗ୍ରେସ ପ୍ରବକ୍ତା ନିତିଶ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁ, ମନମୋହନ ପଟେଲ, ରାମପ୍ରସାଦ ମିଶ୍ର, ନିଳାଂଚଳ ପ୍ରଧାନ, ଅରବିନ୍ଦ ସାହୁ, ସରୋଜ ରଥ, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ସଂଜୟ ମିଶ୍ର, ଲଳିତ ପଟେଲ, ସାଧୁ ମେହେର, ହରି ନନ୍ଦ, ବିରୋଧ ତାଣ୍ଡି, ଚିନ୍ମୟ ପ୍ରଧାନ, ମହୁଆ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷାରେ ବୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ

ଜି.ଉଦୟଗିରି : ଜି.ଉଦୟଗିରି ସହରରେ ଅଦିନିଆ ବର୍ଷା ଯୋଗୁ ରାସ୍ତା ଘାଟ ଅବସ୍ଥା ବେହାଲ ହୋଇଥିବା ବେଳେ ଭଞ୍ଜ ମାର୍କେଟ କମ୍ପ୍ଲେକ୍ସ ବର୍ଷା ପାଣିରେ ଉବୁଟୁବୁ ହୋଇଛି । ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବା ବେଳେ ବର୍ଷା ଜଳ ନିଷ୍କାସନରେ ବାଧାପ୍ରାପ୍ତ ହେବା ସହିତ ଦୋକାନ ଭିତରେ ପାଣି ପଶିଛି । ବହୁ ଦୋକାନରେ ପାଣି ପଶିଥିବା ବେଳେ ଲକ୍ଷାଧିକ ଟଙ୍କାର ଇଲୋକଟ୍ରୋନିକ୍ସ ଜିନିଷ କ୍ଷତି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଅନେକ ଦୋକାନର ଏହିଭଳି ଅବସ୍ଥା ହୋଇଥିବା ଯୋଗୁ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ବହୁ ପୁରାତନ ମାର୍କେଟ କମ୍ପ୍ଲେକ୍ସରେ ଡ୍ରେନେଜ ବ୍ୟବସ୍ଥା ପ୍ରତି ଧ୍ୟାନ ନ ଦେବା, ନିୟମିତ ବ୍ୟବଧାନରେ ମରାମତି କରାନଯିବା କଥା ବ୍ୟବସାୟୀ ମାନେ ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି । ତେଣୁ ଆଗକୁ ଅଧିକ ବର୍ଷା ହେବାର ପାଣିପାଗ ବିଭାଗ ସତର୍କ କରୁଥିବା ଯୋଗୁ ଯୁଦ୍ଧ କାଳିନ ଭିତିରେ ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ଦାବି ହୋଇଛି ।

# ଆତ୍ମରକ୍ଷା ତାଲିମ୍ ଶିବିର

କେସିଙ୍ଗା, : କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାନୀ ଉତ୍ସବରେ ଅନେକ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଅଧକ୍ଷ ପାଢ଼ୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ଦାୟିତ୍ୱର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ । ମାଷ୍ଟର ଟ୍ରେନର ତପସ୍ୱିନୀ ମାଝି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିରର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ଦୋରା ଏହି ଅବସରରେ ଉପସ୍ଥିତ ଥିଲେ । ଶେଷରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଗ୍ରାମ୍ୟ ଜଙ୍ଗଲରେ ଜବରଦଖଲକାରୀଙ୍କ ଚାଷକ୍ଷେତ୍ର ପ୍ରସ୍ତୁତିକୁ ବିରୋଧ

ସମ୍ବଲପୁର, (ହି.ସ.) - ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ନୁଆଁଡ଼ିହି ଗ୍ରାମ୍ୟ ଜଙ୍ଗଲକୁ କିଛି ଦୁର୍ବୃତ୍ତ ଜବରଦଖଲ କରି ସେଠାରେ ଚାଷଜମି ପ୍ରସ୍ତୁତି କରୁଥିବାରୁ ଏହାକୁ ଗ୍ରାମର ଲୋକେ ତୀବ୍ର ପ୍ରତିବାଦ କରିଛନ୍ତି । ଏପରିକି ସମ୍ପୃକ୍ତ ଜବରଦଖଲକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇଛନ୍ତି । ସୂଚନାନୁଯାୟୀ ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଟାଙ୍ଗରାଣୀ ସର୍କଲ ନୁଆଁଡିହି ଗ୍ରାମର ଶାଗ ଟୁଁଗୁରୁ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲକୁ ନୁଆଁଡ଼ିହି ଗ୍ରାମବାସୀ ପୂର୍ବ ପୁରୁଷରୁ ରକ୍ଷଣାବେକ୍ଷଣ କରିବା ସହିତ ଜଗି ଆସୁଛନ୍ତି । ଏବେ ଉକ୍ତ ସଂରକ୍ଷିତ ଜଙ୍ଗଲରୁ ଦେଢ଼ ଏକରୁ ଅଧିକ ଜମି ଭୋଜପୁର ପଞ୍ଚାୟତ ସାଉନ୍ତିମାଲ ଗ୍ରାମର ରେଶ ଛତ୍ରିଆଙ୍କ ପୁଅ ମନୋଜ ଛତ୍ରିଆ ବେଆଇନ ଭାବେ ଜବରଦଖଲ କରି ଚାଷ ଜମି କ୍ଷେତ୍ର ପ୍ରସ୍ତୁତି କରୁଥିବା ଘଟଣାକୁ ଗ୍ରାମବାସୀ ନାପସନ୍ଦ କରିବା ସହ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଗ୍ରାମବାସୀଙ୍କ କହିବାନୁଶାରେ ଜଙ୍ଗଲର ଯେଉଁ ସ୍ଥାନରେ ଚାରା ରୋପଣ ପାଇଁ ଗାତ୍ ଖୋଳା ଯାଇଥିଲେ ଏବେ ସମସ୍ତ ଗାତ୍‌କୁ ଜେସିବି ମେସିନ ଲଗାଇ ଅଭିଯୁକ୍ତ ଜଣଙ୍କ ଚାଷ ଜମି ନିର୍ମାଣ କରିଛି କ୍ଷ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲ କମିଟି ମେମ୍ବର ବିନୋଦ ବାଘଙ୍କ କହିବା ଅନୁଯାୟୀ ଉକ୍ତ ସ୍ଥାନରେ ଭେନ୍ଦୁ, ମହୁଲ ଓ ଶାଳଗଛ ଭଳି ବହୁ ମୂଲ୍ୟବାନ ଗଛ ଥିଲା । ମାତ୍ର ଅଭିଯୁକ୍ତ ମନୋଜ ଛତ୍ରିଆ ଏହି ସବୁ ଗଛକୁ କାଟି ସେଠାରେ ବେଆଇନ ଭାବେ ଜମି ତିଆରି କରୁଥିବା ଦେଖି ମୁଁ ଏହାର ପ୍ରତିବାଦ କରିଥିଲି । ମୋର ପ୍ରତିବାଦରେ ସେ ସଂଶୋଧନ ହେବା ବଦଳରେ ଓଲଟି ମୋତେ ପାଟି ବନ୍ଦ କରିବାକୁ ତାଗିଦ୍ କରି ଆବଶ୍ୟକ ପଡିଲେ ହାଇକୋର୍ଟକୁ ଟାଣି ନେବାର ତାକତ୍ ରଖିଛି ବୋଲି ଧମକ ଦେଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ କେବଳ ଏତିକିରେ ସରିନି, ବଡ଼ମାଳ ପଂଚାୟତରେ ତିଆରି ହେବାକୁ ଥିବା ମାର୍କେଟ ୟାର୍ଡ଼ ଜମିରୁ ମଧ୍ୟ ଅଭିଯୁକ୍ତ ଜବରଦଖଲ କରିଛି । ଏସମ୍ପର୍କରେ ସ୍ଥାନୀୟ ତହସିଲଦାର ଏବଂ ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରାଇଛି । ପୋଲିସ ଓ ତହସିଲରୁ ନ୍ୟାୟ ନମିଳିବାରୁ ଗ୍ରାମବାସୀ ବାଧ୍ୟ ହୋଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ସମସ୍ତ ଘଟଣା ଅବଗତ ହେବା ପରେ ଉପଜିଲ୍ଲାପାଳ ଦେଇଥିବା ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଜମନକିରାରେ ପ୍ରାଶାସନିକ ହଲଚଲ ଦେଖିବାକୁ ମିଳିଛି । ତହସିଲଦାର ପ୍ରବୀଣା ବିଲୁଙ୍ଗ ଓ ଅତିରିକ୍ତ ତହସିଲଦାରଙ୍କ ସମେତ ପୋଲିସ ଅଧିକାରିଣୀ ପଦ୍ମାଳୟା ସାହୁଙ୍କ ସହ ତାଙ୍କ ଷ୍ଟାଫ, ବନବିଭାଗ ଫରେଷ୍ଟର ହେମନ୍ତ କୁମାର ମିଶ୍ର, ଟାଙ୍ଗରାଣୀ ରାଜସ୍ୱ ନୀରିକ୍ଷକ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ଜାଗା ଚିହ୍ନଟ କରାଯାଇଥିଲା କ୍ଷ ଏହି ଜାଗାଟି ନୁଆଁଡ଼ିହି ଗ୍ରାମର ସୀମାରେ ରହିଥିବାରୁ ଜବରଦଖଲ କାରୀ ମନୋଜ ଛତ୍ରିଆର ପରିବାରକୁ କଟକଣା ଲଗାଯିବା ସହ ସମସ୍ତଙ୍କ ଉପସ୍ଥିତିରେ ଅଧିକାରୀମାନେ ସୀମା ଚିହ୍ନଟ କରି ଜଙ୍ଗଲ ସଂରକ୍ଷଣ ପାଇଁ ଉକ୍ତ ଜମିକୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଛି । ସରକାରୀ ହେଉ ବା ବେସରକାରୀ ଜମିଜମାକୁ ବେଆଇନ ଜବରଦଖଲ ସମ୍ପର୍କିତ ଅଭିଯୋଗ ପାଇବା ପରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ କାଳକ୍ଷେପଣ ନୀତିରେ ଅଣଦେଖା କରୁଥିବା ଯୋଗୁଁ ଆଜି ଗ୍ରାମ୍ୟ ସଂରକ୍ଷଣ ଜଙ୍ଗଲରେ ଜବରଦଖଲ ଭଳି ସଂକ୍ରମଣ ଅପରାଧ ଘଟିଲା । ସେହିପରି ବେଆଇନ ଜବରଦଖଲକୁ ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣଙ୍କ ପାଲଟା ଧମକ ଦେବା ସମ୍ପ୍ରତି ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ଜବରଦଖଲ ଅଭିଯୋଗ ପାଇବା ପରେ ଯଦି ପୋଲିସ ଓ ତହସିଲ କର୍ତ୍ତୃପକ୍ଷ ଉଚିତ ସମୟରେ ଉଚିତ୍ ପଦକ୍ଷେପ ନେଇ ପାରିଥାଆନ୍ତେ, ତେବେ ଉପ ଜିଲ୍ଲାପାଳଙ୍କ ବହୁ ମୂଲ୍ୟବାନ ସମୟ ଏବେ ନଷ୍ଟ ହୋଇନଥାଆନ୍ତା ବୋଲି କିଛି ସଚେତନ ଗ୍ରାମବାସୀ ଗଣମାଧ୍ୟମକୁ କହିଛନ୍ତି ।

# ଯୁବକର ଚିକିତ୍ସା ପାଇଁ ସହାୟତାର ହାତ ବଢାଇଲେ ବିଧାୟକ ଓ ବିଭିନ୍ନ ସଙ୍ଗଠନ

ମାଲକାନଗିରି , (ପିପିଏସ୍): ମାଲକାନଗିରିର ଅସୁସ୍ଥ ଯୁବକ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ବେଳେ ତାଙ୍କୁ ସହାୟତାର ହାତ ବଢାଇବା ପାଇଁ ଆଗକୁ ଆସିଛନ୍ତି ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାୟକ । ସୂଚନା ଅନୁଯାୟୀ ହୋଲି ଦିନ ମାଲକାନଗିରି ସଦର ଆଶ୍ରିବାଦ କଲୋନୀର ଯୁବକ ଚିତ୍ରସେନ ପଲେଇ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ଖସି ଗୁରୁତର ହୋଇଥିଲେ । ତୁରନ୍ତ ସେଠାରେ ଉପସ୍ଥିତ ଥିବା କିଛି ସାମ୍ବାଦିକ ଓ ଯୁବକ ମାନେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସମ ହସ୍ପିଟାଲକୁ ପଠା ଯାଇଥିଲା । ତେବେ ସେଠାରେ ଚିତ୍ରଙ୍କ ଚିକିତ୍ସା ଜାରି ରହିଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ତାଙ୍କର ସଫଳ ଅସ୍ତ୍ରପୋଚାର ହୋଇଛି । ହେଲେ ଚିତ୍ରଙ୍କୁ ଆହୁରି କିଛିଦିନ ସେଠାରେ ଚିକିତ୍ସା ହେବାକୁ ଡାକ୍ତର ପରମର୍ଶ ଦେଇଥିବା ବେଳେ ତାଙ୍କ ନିକଟରେ ଅର୍ଥଭାବ ଥିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ । ଏପରି ସମୟରେ ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ତାଙ୍କ ନିକଟରେ ପହଂଚି ସହାୟତା ପାଇଁ ଆଶ୍ୱାସନ ଦେଇଛନ୍ତି । ଏହା ସହ ଶ୍ରୀ ମାଡକାମୀ ଚିତ୍ରଙ୍କୁ ସହୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଭେଟି ସିଏମ ରିଲିଫ ପାଣ୍ଠିରୁ ସାହାଯ୍ୟ ଯୋଗାଇବାକୁ ଆଲୋଚନା କରିଛନ୍ତି । ସୂଚନା ଥାଉକି ଚିତ୍ର ଜଣେ ଚାହା ଦୋକାନୀ ହୋଇଥିବା ବେଳେ ସ୍ୱଳ୍ପ ରୋଜଗାର ମଧ୍ୟରେ ସେ ନିଜର ପରିବାର ଚଳଉ ଥିଲେ । ଏହି ଦୁର୍ଘଟଣା ତାଙ୍କ ପାଇଁ ଅନେକ ସମସ୍ୟା ଆଣି ଦେଇଥିବା ବେଳେ ତାଙ୍କୁ ବିଭିନ୍ନ ସଙ୍ଗଠନ ସହାୟତାର ହାତ ବଢାଇବାକୁ ଆଗକୁ ଆସିଛି ।

### ଅଧା ସ୍କୁଲରେ ନାହାନ୍ତି ପିଅନ, ରାତ୍ରି ଜଗୁଆଳ

# ଚୋରଙ୍କ ଟାର୍ଗେଟ୍‌ରେ ସ୍କୁଲ, ସୁରକ୍ଷା ଲୋଡ଼ା

## ଖାଲିପଡ଼ିଛି ଅନେକ ହାଇସ୍କୁଲରେ ପିଅନ ପଦବୀ

ଅସ୍ତରଙ୍ଗ (ପିପିଏସ୍): ସରକାରୀ ବିଦ୍ୟାଳୟରେ ଚେହେରା ବଦଳିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ମାର୍ଟ କ୍ଲାସରୁମ୍ ଠୁ ନେଇ ଲାଇବ୍ରେରୀ ଓ ଅତ୍ୟାଧୁନିକ ବିଜ୍ଞାନଗାର ନିର୍ମାଣ କରାଯାଇଛି। ପାଇଖାନାରୁ ନେଇ ଶ୍ରେଣୀ ଗୃହ ଯାଏଁ ଦାମୀ ସାମଗ୍ରୀ ଖଞ୍ଜାଯାଇଛି। ମାତ୍ର ଉଦ୍‌ବେଗର ବିଷୟ, ପରିଚାଳନାଗତ ତ୍ରୁଟି ଓ ଜଗାରଖା ପାଇଁ କେହି ନଥିବାରୁ ଧୀରେ ଧୀରେ ସରକାରୀ ସମ୍ପତ୍ତି ଚୋରି ହେବାରେ ଲାଗିଛି। ପାଇଖାନା ଟ୍ୟାପ ଠୁ ଏଲଇଡି ଟିଭି ଯାଏଁ ଦୁର୍ବୃତ୍ତ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଚୋର ମାତିଥିବା ବେଳେ ସ୍କୁଲକୁ ଟାର୍ଗେଟ କରୁଛନ୍ତି। ଜଗିବାକୁ କେହି ନଥିବାରୁ ସହଜରେ ଚୋରି କରି ଚମ୍ପଟ ମାରୁଛନ୍ତି।

ସେପଟେ ସରକାର ବିଦ୍ୟାଳୟର ଭିତ୍ତିଭୂମି ସିନା ବଢ଼ାଇଛନ୍ତି, ହେଲେ ସୁରକ୍ଷା ଦିଗକୁ ଅବହେଳା କରିଥିବା ଦେଖିବାକୁ ମିଳିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ଥିବା ବେଳେ ଅନେକ ବିଦ୍ୟାଳୟ ରେ ରାତ୍ର ଜଗୁଆଳ ନାହାନ୍ତି। ସେହିପରି ଅଧାରୁ ଅଧିକ ସ୍କୁଲରେ ପିଅନ ନଥିବାରୁ ରକ୍ଷଣାବେକ୍ଷଣ ବାଧାପ୍ରାପ୍ତ ହେଉଛି। ବିନା ପିଅନରେ ସ୍କୁଲ କର୍ତ୍ତୃପକ୍ଷ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ଗୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଅନେକ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି କିଛି ପୂର୍ଣ୍ଣ ଅନୁଦାନପ୍ରାପ୍ତ ଓ କିଛିଟି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଅଛି। କିଛି ସରକାରୀ ବିଦ୍ୟାଳୟ ରେ ସରକାର ରାତ୍ର ଜଗୁଆଳ ମଞ୍ଜୁର କରିଥିବାବେଳେ ଅନେକ ବିଦ୍ୟାଳୟ ରେ ରାତ୍ର ଜଗୁଆଳ ମୃତ୍ୟୁ ବରଣ କରିଥିବା ବେଳେ ଅନେକ ସ୍ଥାନରେ ମୁକୁଳା ପଡିଛି। ଯାହାକି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଚିନ୍ତା ଘାରୁଛି। ସେହିପରି ସରକାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ପିଅନ ପଦବୀ ମଞ୍ଜୁର କରିଛନ୍ତି। କେତେକ ସ୍କୁଲରେ ପିଅନ ଅବସର ନେଇଥିବା ବେଳେ ଅଧିକାଂଶ ବିଦ୍ୟାଳୟ ରେ ପିଅନ ନାହାନ୍ତି। ବହୁ ଦାବୀ ସତ୍ତ୍ୱେ ସରକାର ଏହି ପଦବୀ ପୂରଣ କରୁନାହାନ୍ତି। ରାତ୍ର ଜଗୁଆଳ ନଥିବାରୁ ଅଧିକାଂଶ ବିଦ୍ୟାଳୟରୁ ଚୋରି ହେଉଛି। ସୌଖିନି ସାମଗ୍ରୀ ଦୁର୍ବୃତ୍ତ ଚୋରାଇ ନେଉଛନ୍ତି। ବିଦ୍ୟାଳୟରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତି ଥିବାରୁ ରାତ୍ର ଜଗୁଆଳ ନିତ୍ୟାନ୍ତ ଆବଶ୍ୟକ। ଅପରପକ୍ଷେ ବିଦ୍ୟାଳୟଗୁଡିକରେ ଖାଲି ପଡ଼ିଥିବା ପିଅନ ଓ ରାତ୍ର ଜଗୁଆଳ ପଦବୀ ପୂରଣ ନେଇ ସରକାରଙ୍କୁ ଲେଖାଯାଇଥିବା କିଛି ପ୍ରଧାନଶିକ୍ଷକ ନାମ ଗୋପନ ରଖି କହିଛନ୍ତି।

# ମା’ ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରାରେ ଆଦାନୀ ଫାଉଣ୍ଡେସନର ସହଯୋଗ



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଏଥିରେ ସହଯୋଗର ହାତ ବଢାଇଛି ଆଦାନୀ ଫାଉଣ୍ଡେସନ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଆଦାନୀ ଫାଉଣ୍ଡେସନ ତରଫରୁ ୬ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ ଏହି ଚେକ୍ ଜିଲ୍ଲାପାଳ ଶ୍ରୀ ପରିଡାଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଶ୍ରୀ ଜୈସୱାଲ କହିଛନ୍ତି ଯେ, ଏହି ସହଯୋଗ ଗଞ୍ଜାମ ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସହ ସ୍ଥାନୀୟ ପରମ୍ପରାକୁ ପ୍ରୋତ୍ସାହନ କରିବ ଯାହା ଆଦାନୀ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ମା’ ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମଙ୍ଗଳ ଯାତ୍ରା ଭଳି ଏକ ପୁରାତନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯୋଡି ହୋଇଥିବାରୁ ଆଦାନୀ ଫାଉଣ୍ଡେସନ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ଶ୍ରୀ ଜୈସୱାଲ କହିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଆଦାନୀ ଫାଉଣ୍ଡେସନର ଏହି ସହଯୋଗକୁ ପ୍ରଶଂସା କରିବା ସହ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ତଥା ଅନ୍ୟାନ୍ୟ ଜରୁରୀ ସେବାକୁ ଉନ୍ନତ କରିବା ଆଦି କ୍ଷେତ୍ରରେ ଏହି ପାଣ୍ଠିର ସୁବିନିଯୋଗ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟ ଭକ୍ତ ବନ୍ଧୁ ଶତପଥୀ ଏବଂ ସିଏସ୍ଆର ବିଭାଗ ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ।

### ଜାତୀୟ ନାଟ୍ୟ ମହୋତ୍ସବର କ୍ୟାନଫେଷ୍ଟ-୨୦୨୫ ଚତୁର୍ଥ ସନ୍ଧ୍ୟା

# ‘ଦି ବୋଟ୍ ବୟ’ ଏବଂ ‘ରଙ୍ଗଭୂମି’ ନାଟକ ମଞ୍ଚସ୍ଥ



ପାରାଦୀପ (ପିପିଏସ୍): ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କ୍ୟାନମାସ ଦ୍ୱାରା ପାରାଦୀପରେ ଆୟୋଜିତ କ୍ୟାନଫେଷ୍ଟ- ୨୦୨୫ର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ସ୍ୱର୍ଣ୍ଣକାତର ନାଟକ। ଦକ୍ଷିଣ ଭାରତ ଓ ପଶ୍ଚିମ ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। କେରଳର କୋଚିରୁ ଆସିଥିବା ଲୋକଧର୍ମୀ ନାଟକ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର ଚନ୍ଦ୍ରଦାଶନଙ୍କ ନିର୍ଦ୍ଦେଶିତ ମାଲାୟାଲାମ ଭାଷୀ ନାଟକ ‘ଦି ବୋଟ ବୟ’ ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ଉପରେ ଆଧାରିତ। ବାଜି ରାଉତ ହେଉଛନ୍ତି ସବୁଠାରୁ କମ ବୟସ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ସହିଦ। ରାତ୍ର ସମୟରେ ଇଂରେଜମାନେ ଯେତେବେଳେ ତାଙ୍କୁ ନୌକା ମାଧ୍ୟମରେ ବ୍ରାହ୍ମଣୀ ନଦୀ ପାରି କରିଦେବା ପାଇଁ ଆଦେଶ ଦେଇଥିଲେ, ସେତେବେଳେ ୧୨ ବର୍ଷର ବାଜି ରାଉତ ସାହସିକତାର ସହିତ ସେମାନଙ୍କୁ ମନା କରିଦେଇଥିଲେ, ଯାହାଦ୍ୱାରା ଖୁବ କମ ବୟସରୁ ତାଙ୍କୁ ନିଜର ମାତୃଭୂମି ପାଇଁ ଇଂରେଜ ମାନଙ୍କ ବନ୍ଧୁକ ଗୁଳିରେ ନିଜ ଜୀବନ ହରାଇବାକୁ ପଡିଥିଲା। ୧୨ ବର୍ଷର ଏହି କୁନି ସହିଦର ଜୀବନ କାହାଣୀକୁ ଅତି ସୁନ୍ଦର ଭାବେ ଲୋକଧର୍ମୀ ଅନୁଷ୍ଠାନର ଶିଶୁକଳାକାରମାନେ ନିଜର ବଳିଷ୍ଠ ଅଭିନୟ ଦ୍ୱାରା ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଥିଲେ ଓ ପ୍ରମାଣିତ କରିଥିଲେ କି ସେତେବେଳେ ଯଦି ଏପରି ସ୍ୱାଧୀନଚେତା ବ୍ୟକ୍ତି ବିଶେଷ ନଥାନ୍ତେ ହୁଏତ ଆମ ଦେଶ ସ୍ୱାଧୀନତାର ସ୍ୱାଦ ଚାଖି ପରି ନଥାନ୍ତା।

ସେହିପରି ଚତୁର୍ଥ ସଂଧ୍ୟାର ଦ୍ୱିତୀୟ ନାଟକ ଭାବେ ‘ଦି ଲୁ’, ପଦମପୁର, ଓଡିଶାରୁ ଆସିଥିବା ସମ୍ବଲପୁରୀ ନାଟକ ‘ରଙ୍ଗଭୂମି’ ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା। ନିର୍ଦ୍ଦେଶକ ଜଗନ୍ନାଥ ସେଠଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକଟି ଅନ୍ଧ ସୂର ଦାସଙ୍କ ଜୀବନୀ ଉପରେ ପର୍ଯ୍ୟବେସିତ ହୋଇଥିଲା। କାହାଣୀଟି ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ସୂର ଦାସଙ୍କ ମୁକାବିଲାକୁ ପ୍ରକାଶ କରେ, ଯେଉଁମାନେ ପ୍ରଗତିକୁ ଆଗେଇ ନେଉଥିବା ଏବଂ ପାରମ୍ପରିକ ମୂଲ୍ୟବୋଧକୁ ଆବଦ୍ଧ କରୁଥିବା ଦ୍ୱନ୍ଦପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ପ୍ରତିନିଧିତ୍ୱ କରନ୍ତି। ଏହି ନାଟକଟି ନୈତିକ, ସଚ୍ଚୋଟତା, ନ୍ୟାୟ ଏବଂ ମାନବ ଇଚ୍ଛାର ଜଟିଳତାକୁ ଅନୁସନ୍ଧାନ କରେ। ଅନୁଷ୍ଠାନର ସମସ୍ତ କଳାକାରମାନଙ୍କ ଅଭିନୟ ପାରିଦର୍ଶୀତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ। କ୍ୟାନଫେଷ୍ଟର ଏହି ସଂଧ୍ୟାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଡେପୁଟି କଂଜରଭେଟର କ୍ୟାପଟେନ ଅଲେଖ ସାହୁ ଏବଂ ପାରାଦ୍ୱୀପ ବନ୍ଦର ଲେଡ଼ିଜ କ୍ଲବର ଉପସଭାପତି ଶ୍ରୀମତୀ ବର୍ଣ୍ଣାଳି ଚେତିଆ ଯୋଗ ଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରସଂଶା କରିଥିଲେ।

### ମୋ ଉପକାରୀ ବଗିଚା ବିଫଳ

# ବଜାରରେ ଲେମ୍ବୁ ଗୋଟା ୫ଟଙ୍କା



ଅସ୍ତରଙ୍ଗ (ପିପିଏସ୍): ଗ୍ରୀଷ୍ମଋତୁରେ ଲେମ୍ବୁର ଆବଶ୍ୟକତା ସ୍ୱାଭାବିକ ଭାବେ ଅଧିକ ହୋଇଥିବାରୁ ଚାହିଦା ଅଧିକ ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଯୋଗାଣ କମ୍ ଓ ଚାହିଦା ଅଧିକ କାରଣରୁ ଲେମ୍ବୁ ଗୋଟା ପ୍ରତି ୫ଟଙ୍କା ଦରରେ ବିକ୍ରି ହେଉଛି। ଏବେ ଯେଉଁ ଲେମ୍ବୁ ବଜାର ମିଳୁଛି ତାହାର ଗୁଣାତ୍ମକ ମାନ ଓ ସୌଗନ୍ଧଯୁକ୍ତ ହୋଇଥିବାରୁ ଏହାର ଦାମ୍ ୬ରୁ ୮ଟଙ୍କାରେ ବିକ୍ରି ହେଉଛି। ଲେମ୍ବୁ ଶହ କଦଳୀ, ସଜନା ଛୁଇଁ, ଅମୃତଭଣ୍ଡା ପ୍ରତ୍ୟେକ ପରିବାର ପ୍ରାଥମିକ ଆବଶ୍ୟକତା। ଏହି ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ‘ମୋ ଉପକାରୀ ବଗିଚା’ ଯୋଜନା କାର୍ଯ୍ୟକାରୀ କରି ହଜାର ହଜାର ପରିବାରକୁ ଆର୍ଥିକ ଓ ବୈଷୟିକ ସମନ୍ୱୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏଥିପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ଉନ୍ନତ କିସମ ଲେମ୍ବୁ, କଦଳୀ, ସଜନା ଛୁଇଁ ଓ ଅମୃତଭଣ୍ଡା ଚାରା ଉତ୍ପାଦନ କରି ହିତାଧିକାରୀ ମାନଙ୍କୁ ଯୋଗାଇ ଦେଇଥିଲେ। ଯୋଜନା ୬ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟକାରୀ ହୋଇଛି। ରୋପଣ କରାଯାଇଥିବା ଚାରାଗଛକୁ ସଂଘନ ଉତ୍ପାଦ ହେବା କଥା। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଲେମ୍ବୁ ଅନ୍ୟାନ୍ୟ ଜିଲ୍ଲା ଏପରିକି ଆନ୍ଧ୍ର ରୁ ଆସୁଛି। କଦଳୀ ଓ ସଜନା ଛୁଇଁ ମଧ୍ୟ ଆନ୍ଧ୍ର ଉପରେ ଆମେ ନିର୍ଭରଶୀଳ। ହିତାଧିକାରୀ ପରିବାର ପନିପରିବା ଆବଶ୍ୟକତା ପାଇଁ ବଜାର ଉପରେ ନିର୍ଭରଶିଳତା ହ୍ରାସ ପାଇଁ ମଧ୍ୟ ଏହି ଯୋଜନା ପ୍ରଣୟନ କରାଯାଇଥିଲା। ମାତ୍ର ଯୋଜନା ପ୍ରଣୟନ ପୂର୍ବରୁ ବଜାର ଅବସ୍ଥା ଯାହା ଥିଲା ଏବେ ମଧ୍ୟ ସେହି ଅବସ୍ଥା। ରୋପଣ ହୋଇଥିବା ଚାରା ଗଛ ସବୁ ଗଲା କୁଆଡେ ତାହା କାହାରିକୁ ଜଣାନାହିଁ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୨୫ ୟୁନିଟ ରକ୍ତ ସଂଗୃହୀତ



କୋଣାର୍କ(ପିପିଏସ): କୋଣାର୍କ ଥାନା ପରିସରରେ ଆମଓଡିଶା’ଓ କୋଣାର୍କ ଥାନା ଆମ ପୋଲିସ ସମିତି ର ମିଳିତ ସ ?ହ ?ଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଥାନା ଦାଇତ୍ୱ ରେ ଥିବା ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁ ପ୍ରଥମେ ଅତିଥିଭାବେ ଫିତାକାଟି ଶିବିରର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନ ୧୦.୩୦ ମିନିଟ୍ ରୁ ରକ୍ତଦାନ ଶିବିର ଆରମ୍ଭ କରାଯାଇ ମଧ୍ୟାହ୍ନ ୨ ଘଟିକା ସୁଦ୍ଧା ଜଣେ ମହିଳା ଙ୍କ ସମେତ ୨୪ ଜଣ ପୁରୁଷ ସମୁଦାୟ ୨୫ ଜଣ ସ୍ୱେଚ୍ଛାକୃତଭାବେ ଆଜି ରକ୍ତଦାନ କରିଥିଲେ।

ଆଜିର ଏହି ରକ୍ତଦାନ ଶିବିରକୁ କୋଣାର୍କ ସମ୍ବାଦ ପ୍ରତିନିଧି ସୁକାନ୍ତ ବିଶ୍ୱାଳ ,କୋଣାର୍କ ଥାନା ଏସଆଇ ସଂଘମିତ୍ରା ଚାନ୍ଦ, ଏଏସ ଆଇଅଜିତ କୁମାର ସ୍ୱାଇଁ , ହାବିଲଦାର ପ୍ରଦୀପ କୁମାର ମିଶ୍ର,ହୋମଗାର୍ଡ ଉମେଶ ମହାପାତ୍ର, ସୁଶାନ୍ତ କୁମାର ସ୍ୱାଇଁ, ସୌମ୍ୟ ରଂଜନ ବିଶ୍ୱାଳ, ଲକ୍ଷ୍ମୀ ପ୍ରିୟ ଦର୍ଶନୀ ଛାଟୋଇ, ସୈଭାଗ୍ୟ ସ୍ୱାଇଁ, ପରିଚାଳନା କରିଥିଲେ। ରକ୍ତଦାତାମାନଙ୍କୁ ଥାନା ଅଧିକାରୀ ବସନ୍ତ ସାହୁ ଓ ସିମିଳି ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପରମିତା ନାୟକ, ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମଲ୍ଲିକ ଦୀର୍ଘ ସମୟ ଧରି ଉପସ୍ଥିତ ରହି ରକ୍ତ ଦାତା ମାନଙ୍କୁ ରକ୍ତଦାନ କରିବାରେ ଉତ୍ସାହିତ କରିଥିଲେ। ରକ୍ତଦାତା ଜିବନଦାତା ବିଶ୍ୱଜିତ୍ ସ୍ୱାଇଁ, ରଞ୍ଜିତୀ ଲେଙ୍କା,ଦୁର୍ଗା ଚରଣ ମହାନ୍ତି, ଦେବାଶିସ୍ ପ୍ରଧାନ, ବସନ୍ତ କୁମାର ପରିଡା, ଶୁଭଜିତ୍ ନାୟକ, ସୁସାନ୍ତ କୁମାର ସ୍ୱାଇଁ, ସୌମ୍ୟ ରଂଜନ ବିଶ୍ୱାଳ, ଧନେଶ୍ୱର ବେହେରା, ନରେନ୍ଦ୍ର କୁମାର ପାତ୍ର, ରୁପାଲି ସ୍ୱାଇଁ,ଆଶିଷ କୁମାର ସେଠୀ, ବିକ୍ରମ ଗୋଚ୍ଛାୟତ, ସଞ୍ଜୟ ମଲ୍ଲିକ୍, ଦୀପ୍ତି ରଞ୍ଜନ ପାତ୍ର, ନିରଞ୍ଜନ ସ୍ୱାଇଁ, ବିଜୟ ମଲ୍ଲିକ୍, ଟୁନ ଚରଣା ସାହୁ, ବଳରାମ ପ୍ରଧାନ, ସରଣ ଚିନେରା, ସନ୍ତୋଷ କୁମାର ଦାସ, ଅମିତ୍ କୁମାର ଦଳାଇ, ଗଗନ ସାହୁ, ଉମାକାନ୍ତ ଦଳାଇ, ସୁକାନ୍ତ ବିଶ୍ୱାଳ ପ୍ରମୁଖ ରକ୍ତଦାନ କରିଥିଲେ। ରକ୍ତଦାତାମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। କଟକ ସେଣ୍ଟ୍ରାଲ ରେଡ଼କ୍ରସ ର ଅଭିଜ୍ଞ ଡାକ୍ତର ଟିମି ପକ୍ଷରୁ ରକ୍ତସଂଗ୍ରହ କରାଯାଇଥିଲା।

### ଅବାଧ ନିର୍ବାଚନକୁ ଗୁରୁତ୍ୱ ଦେଉଛନ୍ତି ଭାରତୀୟ ନିର୍ବାଚନ କମିଶନ

# ମତଦାନ କେନ୍ଦ୍ରରେ ରହିବେନି ୧୨ଶହରୁ ଅଧିକ ଭୋଟର୍

ଜଗତସିଂହପୁର, (ପିପିଏସ୍) : ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର (ସିଇଓ) ଭାବରେ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମୁକ୍ତ ଓ ଅବାଧ ମତଦାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ନିର୍ବାଚନ କମିଶନର ଡ.ସୁଖବୀର ସିଂହ ସାନ୍ଧୁ ଓ ଡ.ବିବେକ ଯୋଶୀ ସହଯୋଗ କରିଛନ୍ତି। ନିର୍ବାଚନ କମିଶନ ସମସ୍ତ ଭୋଟରଙ୍କ ଅଂଶ ଗ୍ରହଣକୁ ପ୍ରୋସାହନ କରୁଛନ୍ତି। ମତଦାନ କେନ୍ଦ୍ରରେ ଭୋଟରଙ୍କ ଏକ ସୁଖଦ ଅଭିଜ୍ଞତା ସୁନିଶ୍ଚିତ କରିବା ବ୍ୟବସ୍ଥା କରିଛନ୍ତି। ଏଥିରେ ରାଜନୈତିକ ଦଳ ଓ ପ୍ରମୁଖ ଅଂଶୀଦାର ତୃଣମୂଳସ୍ତରରେ ସାମିଲ ହେଉଛନ୍ତି ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସକାଶେ ପ୍ରାୟ ୧କୋଟି ନିର୍ବାଚନ ଅଧିକାରୀଙ୍କ କ୍ଷମତା ବୃଦ୍ଧି ପାଇଁ ଡିଜିଟାଲ୍ ତାଲିମ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ପ୍ରାୟ ୫୦୦୦ଟି ସର୍ବଦଳୀୟ ବୈଠକ ମାଧ୍ୟମରେ ରାଜନୈତିକ ଦଳ ଅଂଶଗ୍ରହଣ କରିଥିଲେ। ବୈଠକରେ ଏ ପର୍ଯ୍ୟନ୍ତ କେବଳ ୮୯ଟି ପ୍ରଥମ ଅପିଲ୍ ଏବଂ କେବଳ ୧ଟି ଦ୍ୱିତୀୟ ଅପିଲ୍ ଦାଖଲ ହୋଇଛି। ୟୁଆଇଡିଏଆଇ ଏବଂ ଭାରତୀୟ ନିର୍ବାଚନ କମିଶନର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ ଶୀଘ୍ର ଆରମ୍ଭ ହେବାକୁଯାଉଛି। କମିଶନ ଦେଶବ୍ୟାପୀ ଭୋଟର ତାଲିକାରେ ଡୁପ୍ଲିକେଟ୍ ହଟାଇବେ। ୩ ମାସ ମଧ୍ୟରେ ଏକ ଦଶନ୍ଧି ଧରି ଚାଲିଥିବା ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି ଓ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଭୋଟର ତାଲିକା ନିୟମିତ ହେବ। ସମସ୍ତ ଯୋଗ୍ୟ ନାଗରିକଙ୍କ ୧୦୦% ପଞ୍ଜୀକରଣ ସୁନିଶ୍ଚିତ କରିବା, ସହଜ ମତଦାନ ଏବଂ ଏକ ସୁଖଦ ମତଦାନ ଅଭିଜ୍ଞତା ସୁନିଶ୍ଚିତ କରିବା ହେଉଛି ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ। କୌଣସି ମତଦାନ କେନ୍ଦ୍ରରେ ୧୨୦୦ରୁ ଅଧିକ ମତଦାତା ରହିବେ ନାହିଁ। ମତଦାତାଙ୍କ ଠାରୁ ୨ କିଲୋମିଟର ଦୂର ମଧ୍ୟରେ ମତଦାନ କେନ୍ଦ୍ର ରହିବା ପାଇଁ ପଦକ୍ଷେପ ନିଆଯିବ। ଏପରିକି ଦୂରତମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ ବୋଲି କାର୍ଯ୍ୟାଳୟ ସୂଚନା ଦେଇଛି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରାଙ୍କ ଦୁଇ ଦିନିଆ ସମ୍ମିଳନୀ ମାର୍ଚ୍ଚ ୪ରେ ନୂଆଦିଲ୍ଲୀରେ ହୋଇଥିଲା। ଯେଉଁଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚନ ରେଜିଷ୍ଟ୍ରେସନ ଅଧି କାରୀ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବୈଠକରେ ତୃଣମୂଳସ୍ତରରେ ରାଜନୈତିକ ଦଳ ଦ୍ୱାରା ଉଠାଯାଇଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରାଯିବ। ଏହି ପ୍ରକ୍ରିୟା ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଭାରତରେ ସମାପ୍ତ ହେବ। ଭାରତୀୟ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳଙ୍କଠାରୁ ପରାମର୍ଶ ମଧ୍ୟ ଆମନ୍ତ୍ରଣ କରିଛନ୍ତି। ସେମାନେ ୩୦ ଏପ୍ରିଲ ୨୦୨୫ ସୁଦ୍ଧା ମତାମତ ପଠାଇପାରିବେ।

### ବିଜେପି ପାରାଦୀପ ମଣ୍ଡଳର ନୂତନ କର୍ମକର୍ତ୍ତା ଘୋଷଣା

# ସୁବ୍ରତ ପ୍ରଧାନ ସଭାପତି



ପାରାଦୀପ (ପିପିଏସ୍): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ଶନିବାର ଦିନ ବିଜେପି ପାରାଦୀପ ମଣ୍ଡଳର ସଭାପତି ଭାବେ ପୁନର୍ବାର ସୁବ୍ରତ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ନୂତନ ମଣ୍ଡଳ କମିଟି ଘୋଷଣା କରାଯାଇଛି। ଏହି କ୍ରମରେ ପାରାଦୀପ ମଣ୍ଡଳ ସଭାପତି ଭାବେ ସୁବ୍ରତ ପ୍ରଧାନ, ଉପସଭାପତି ଅର୍ଜିଲା ଶିବା, ଦିଲ୍ଲୀପ କିଶୋର ବେହେରା, ଶିଶିର ନାୟକ, ସର୍ବେଶ୍ୱର ଜେନା, ନନ୍ଦିନୀ ପରିଡା, କଳ୍ପନା ଦାସ, ସାଧାରଣ ସମ୍ପାଦକ କାୟିଟି ସୋଲମୋନ ରାଜୁ, ବଜରଙ୍ଗ ସ୍ୱାଇଁ, ସମ୍ପାଦକ ବିଷ୍ଣୁ ଚୌଧୁରୀ, ଜିତେନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ହୃଷିକେଶ ଦାସ, ମିନାକ୍ଷୀ ବେହେରା, ବିଜୟଲକ୍ଷ୍ମୀ ପରିଜା, କୋଷାଧକ୍ଷା ମାମୁନି ଜେନା, ଯୁବମୋର୍ଚ୍ଚା ସଭାପତି ଭାବେ ଦିଲ୍ଲୀପ ବଳିୟାରସିଂ, ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ମାନ୍ନା, ଏସଟି ମୋର୍ଚ୍ଚା ସଭାପତି ଶ୍ରୀଧର ଛାତର, ଏସସି ମୋର୍ଚ୍ଚା ସଭାପତି ରଞ୍ଜନ ବେହେରା, ଓବିସି ମୋର୍ଚ୍ଚା ସଭାପତି ଗୌରାଙ୍ଗ ମଣ୍ଡଳ ଓ ସଂଖ୍ୟାଲଘୁ ସେଲ ର ସଭାପତି ଅବଦୁଲ ଅନିଶ ଖାନଙ୍କ ନାମ ଘୋଷଣା କରାଯାଇଛି।

# ‘ଶୁଭମ୍’ ପକ୍ଷରୁ ବିଶ୍ୱ ଜଳଦିବସ ପାଳନ ଓ ଆଲୋଚନାଚକ୍ର




ଭଦ୍ରକ (ପିପିଏସ୍) : ଜଳ ବିନା ଜୀବଜଗତ ବଂଚିବା ଅସମ୍ଭବ। ତେବେ ସେହି ଜଳ ଯଦି ପ୍ରଦୂଷିତ ହେବ ତାହା ଯିବ ଜଗତକୁ କ୍ଷତିରେ ପହଂଚାଇବ। ତେଣୁ ଜଳର ଶୁଦ୍ଧତା ଓ ସଂରକ୍ଷଣ ପ୍ରତି ସମସ୍ତେ ଯତ୍ନଶୀଳ ହୋଇ କାର୍ଯ୍ୟ କଲେ ନଦୀର ଜଳ ପ୍ରଦୂଷଣରୁ ମୁକ୍ତ ରହିବା ସହିତ ଜଳ ର ସୁବିନିଯୋଗ ହୋଇ ପାରିବ ବୋଲି ନେହେରୁ ଯୁବ କେନ୍ଦ୍ର ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିୟ ବିଶ୍ୱ ଜଳ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ କହିଛନ୍ତି। ଏହି ଉପଲକ୍ଷେ ଭଦ୍ରକ ସହରସ୍ଥିତ ମଦର୍ଶ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ଜଳ ଦିବସ ଉପଲକ୍ଷେ ଜଳ ପ୍ରଦୂଷଣର ଭୟାବହତା ଓ ଏହାର ନିରାକରଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ। ସମ୍ମାନିତ ଅତିଥି ଭାବେ ତ୍ୟାଗ ଭୂମିର ସଭାପତି ଅଜୟ ନାୟକ। ଏଲଖା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସେଠୀ. ଶିକ୍ଷାବିତ ତଥା ସମାଜସେବୀ ସୁରେନ୍ଦ୍ର ପଣ୍ଡା। ଆଇନଜୀବୀ କଳ୍ପତରୁ ପରିଡାଙ୍କ ସହିତ ବହୁ ବିଶିଷ୍ଟ ବେକ୍ତି ମାନେ ଯୋଗ ଦେଇ ଜଳ ପ୍ରଦୂଷଣ ଦ୍ୱାରା କିପରି ଯିବ ଜଗତ ବିପଦ ଆଡକୁ ଗତି କରୁଛି ସେ ବିଷୟ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଜଳର ଶୁଦ୍ଧତା ଓ ସଂରକ୍ଷଣ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜଳ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖ ନିୟ କାର୍ଯ୍ୟ କରିଥିବା ସରତ ଚନ୍ଦ୍ର ଜେନାଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେମୋଣ୍ଟ ଦିଆ ଯାଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ସଂଗଠନର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ଅତିଥିମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଭାପତି ହୃଷିକେଶ ବାରିକ ପ୍ରାରମ୍ଭିକ ସୂଚନା ଓ ଉପ ସଭାପତି ଆନନ୍ଦ ଚନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ସହିତ ଅନେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନ ବରିଷ୍ଠ ସଦସ୍ୟ ଆନନ୍ଦ ଚନ୍ଦ୍ର ପଲେଇ, ରତିକାନ୍ତ ବାରିକ, ରାଜା ପାଣିଗ୍ରାହ, ଚନ୍ଦନା ନାୟକ, ବନ୍ଦିତା ପଣ୍ଡା, ମିତା ରାଣୀ ମହାପାତ୍ର, ସୁଶୀଳାବାଳା ନାୟକ। ପୁଷ୍ପ ଲତା ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ତାଳଚେରରେ ମାଳମାଳ ଡାକ୍ତର, ଶହ ଶହ କ୍ଲିନିକ୍

### ରାଏପୁରର ନକଲି ଔଷଧ ବିକ୍ରି



ତାଳଚେର, (ପିପିଏସ୍): ସହର ଠାରୁ ଗାଁ ପର୍ଯ୍ୟନ୍ତ ଯେଉଁଠି ଦେଖିବ କ୍ଲିନିକ୍, ବଡ ବଡ ବୋଡ଼, ମାଳମାଳ ଔଷଧ ଦୋକାନ, ପ୍ରତି ଦୋକାନରେ ଡୁପ୍ଲିକେଟ ରାଏପୁର ଔଷଧ, ଭଡ଼ାରେ ଆସୁଛନ୍ତି ଶସ୍ତା ଡାକ୍ତର, ପ୍ରଚାର ହେଉଛି ପ୍ରବଳ, ପ୍ରଚାର ପତ୍ର ଖବରକାଗଜମାନଙ୍କରେ ସେଟ୍ ହୋଇ ପ୍ରତି ଘରେ, ଘରେ ଦୋକାନ ବଜାର ମଧ୍ୟରେ ପଡୁଛି, କିଏ ସୁନାମ ଧନ୍ୟ କଟକ ଏସିବି ମେଡିକାଲ ତ ଅନ୍ୟକେହି କିମ୍ବ, ଭୁବନେଶ୍ୱର ,କଲିକତା, ଦିଲ୍ଲୀ, ମାଡ୍ରାସ ପ୍ରଭୁତି ସ୍ଥାନରୁ ସ୍ପେଶିଆଲିଷ୍ଟ ଡାକ୍ତର ଆସୁଛନ୍ତି ପ୍ରଚାର କଲାଣି,ନିଜ ନିଜ ଭିତରେ ପ୍ରତିଯୋଗିତା ହୋଇ କିଏ ମାଗଣା ରୋଗୀଦେଖା ତ ଅନ୍ୟ କେହି ମାଗଣା ସମସ୍ତ ରକ୍ତ ପରୀକ୍ଷା କରିବାକୁ ପ୍ରଚାର କଲାଣି, କିଏ ସ୍ୱଳ୍ପ ଖର୍ଚ୍ଚରେ ରୋଗୀ ଦେଖିବା ପାଇଁ ଅଗ୍ରୀମ ବୁକ୍ କଲାଣି , କିଏ ପ୍ରଚାର କଲାଣି ସୁନାମଧନ୍ୟ ସ୍ନାୟୁ ଓ ମାନସିକ ରୋଗ ବିଶେଷଜ୍ଞ ରାଞ୍ଚିରୁ ଆସୁଛନ୍ତି କିଏ କହିଲା ଭାରତର ସର୍ବଶ୍ରେଷ୍ଠ ଡାଇବେଟିସ ବିଶେଷଜ୍ଞ୍ୟ ମାଗଣା ଦେଖିବେ କିନ୍ତୁ ମେଡ଼ିସିନ ଖର୍ଚ୍ଚ ରୋଗୀ ବହନ କରିବେ ,କିଏ ଆଉପାଦେ ଆଗକୁ ଯାଇ ଓଡ଼ିଶାର ବେଷ୍ଟ କାଡ଼ିଓ ଲୋଜି ଡାକ୍ତର ମାତ୍ର ଦିନକ ପାଇଁ ଆପଣଙ୍କ ସହରରେ , ସବୁ କ୍ଲିନୀଙ୍ଗ ଆଗରେ ବଡ ବଡ଼ ବୋଡ ଲାଗିଛି କେଉଁ ଦିନ ,ମେଡ଼ିସିନ, ଅର୍ଥ ପେଡିକ, ସ୍ନାୟୁ , ହାର୍ଟ ,କୁଡ଼ିନି , ନାର୍ଭ, ଯୌନ ସମସ୍ୟା, ଅନିଦ୍ରା, ଦୁଶ୍ଚିନ୍ତା, ରକ୍ତହୀନତା, ଉତ୍ତେଜନା, ଗଣ୍ଠି ବ୍ୟଥା, ଅଣ୍ଟା ବ୍ୟଥା, ସ୍ୱାଣ୍ଡି ଲାଇଟ୍,ଏମିତି ଦୁନିଆରେ କୌଣସି ପ୍ରକାର ରୋଗ ନାହିଁ ଯାହା ତାଳଚେର ହାଟତୋଟା, ଆଇଟିଆଇ, ଶର୍ମାଛକ, ହାଣ୍ଡିଧୁଆଁ, ଡେରା, ବଳାଣ୍ଡା, ଭରତପୁର, ଗୋପାଳ ପ୍ରସାଦ, ଥର୍ମାଲ,ବଲର ଛକ, ଚମ୍ପାପଶି, ମଣ୍ଡପାଳ ମେଡିକାଲ ଛକ ବିଶେଷ ଭାବେ ବର୍ତ୍ତମାନ ଆଇଟିଆଇ ଛକ ଦି ସେୟାର କ୍ଲିନିଗ,ଏଣ୍ଡ ଡ଼ାଇଗ୍ନୋଷ୍ଟିକ ଡ.ଅନିଲ କୁମାର ସାହୁ ଉତ୍ତରପ୍ରଦେଶର , ଡା. ପ୍ରକାଶ ଝା, ଡା. ଆଶୁତୋଷ ମିଶ୍ର।

ବିଦେଶୀ ମଦ ଦୋକାନ ପଛରେ, ଡା. ରଞ୍ଜନ ସାହୁ ,ପ୍ରଫେସର ସମୀର ରଞ୍ଜନ ପାଣି ଏମିତି ଶହ ଶହ ସଂଖ୍ୟାରେ ଦୁଇ ନମ୍ବର୍ ଡାକ୍ତର ଘୋରଇ କ୍ଲିନିଂ ମାଲିକ ମାନେ ବାହାରୁ ମଗେଇ ରୋଗୀ ଦେଖିବା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେହି ଡାକ୍ତର ମାନେ ପ୍ରତି ରୋଗୀକୁ ପନ୍ଦର ଶହରୁ ଦୁଇ ହଜାର ଟଙ୍କାର ମେଡ଼ିସିନ ଲେଖୁଛନ୍ତି ଓ ଔଷଧ ଦୋକାନୀ ୩୦ ରୁ ୪୦% କାଟି ବିଲ ବଢେଇ ଲୋକମାନଙ୍କୁ ରାଏପୁର ଦୁଇ ନମ୍ବର୍ ମେଡ଼ିସିନ ଦେଇ ଲୁଟୁଛନ୍ତି , ଜିଲ୍ଲା ଡ୍ରଗ ଅଧିକାରୀ ମୋଟା ଅଙ୍କର ମାସିକିଆ ପ୍ରତି ଔଷଧ ଦୋକାନରୁ ମାଲ ନେଇ ମାଲେମାଲ୍ ଦିନକ ପାଇଁ ଥରେ ହେଲେ ଔଷଧ ଦୋକାନ ଉପରେ ରେଡ ନକରିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷ ଭାବେ ଏବେ ଆଇଟିଆଇ, ଭାଘୁଆ ବୋଲ ଓ ଶର୍ମାଛକ ଔଷଧ ଦୋକାନ ଓ କ୍ଲିନିଗ ମଧ୍ୟରେ ରାଏପୁର ଦୁଇ ନମ୍ବର୍ ମେଡ଼ିସିନ ଉପଲବ୍ଧ ଏହାର ମାନ କେବେ ପରୀକ୍ଷା ହେଉନି ନାମୀ ଦାମୀ କମ୍ପାନୀ ବ୍ରାଣ୍ଡ ଖୋଳରେ ମଧ୍ୟ ଦୁଇ ନମ୍ବର୍ ମେଡ଼ିସିନ ବିକ୍ରୟ ହେଉଥିବା ସହିତ ସେହି ବ୍ରାଣ୍ଡ ର ଅନ୍ୟାନ୍ୟ ମେଡ଼ିସିନ ଅଧିକ ମାତ୍ରାରେ ବିକ୍ରି ହେଉଛି, ଏହିସବୁ ମେଡ଼ିସିନ ଓ କ୍ଲିନିଂ ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆକ୍ସନ ନେବାକୁ ସାଧାରଣରେ ଦାବି ହେଉଛି।






## ଆର୍ଥିକ ସ୍ଥିତି ସମାନ ଥିଲେ ମିଳିବନି ଭରଣପୋଷଣ : ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ : ସ୍ୱାମୀ-ସ୍ତ୍ରୀଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ସମାନ ଥିଲେ ପତ୍ନୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଜଣେ ମହିଳାଙ୍କ ଆବେଦନ ଉପରେ ଶୁଣାଣିବେଳେ ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଅଭୟ ଏସ୍.ଓକା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କର ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ । ରାୟରେ ଖଣ୍ଡପୀଠ କହିଥିଲେ, ଆବେଦନକାରୀ ଓ ତାଙ୍କର ସ୍ୱାମୀ ଉଭୟ ଗୋଟିଏ ପଦ(ସହାୟକ ପ୍ରଫେସର)ରେ କାର୍ଯ୍ୟରତ । ମହିଳାଜଣକ ଆତ୍ମନିର୍ଭର ହୋଇଥିବାରୁ ନିଜ ଆବଶ୍ୟକତା ପୂରଣ କରିବାରେ ସକ୍ଷମ । ନିଜ ଆୟରେ ସେ ଜୀବନନିର୍ବାହ କରିପାରିବେ । ତେଣୁ ତାଙ୍କ ସ୍ୱାମୀଙ୍କୁ ଭରଣପୋଷଣ ଦେବାର ଆବଶ୍ୟକତା ନାହିଁ । ଏପରିସ୍ଥଳେ ଏହି ଆବେଦନକୁ ଖାରଜ କରାଯାଉଛି । ମହିଳା ଜଣକର ନିଜସ୍ୱ ରୋଜଗାର ଥିଲେ ମଧ୍ୟ ବିବାହ ବିଚ୍ଛେଦ ପରେ ଭରଣପୋଷଣ ଲାଗି ଆବେଦନରେ ଦାବି କରିଥିଲେ । ସେଥିରେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀଙ୍କ ଆୟ ମାସିକ ପ୍ରାୟ ୧ ଲକ୍ଷ ହୋଇଥିବାବେଳେ ସେ ୬୦ ହଜାର ଟଙ୍କା ପାଉଛନ୍ତି । ତେଣୁ ସ୍ୱାମୀ ତାଙ୍କୁ ଭରଣପୋଷଣ ପ୍ରଦାନ କରିବା ଉଚିତ୍ । ନିମ୍ନ ଅଦାଲତ ଓ ମଧ୍ୟପ୍ରଦେଶ ହାଇକୋର୍ଟ ମହିଳାଙ୍କର ଦାବିକୁ ଖାରଜ କରିଦେବାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ଭାରତ ବିରୋଧୀଙ୍କୁ ଦେଶର ଆଦର୍ଶ କରାଯାଇପାରିବ ନାହିଁ: ଆର୍‌ଏସ୍‌ଏସ୍

**ବେଙ୍ଗାଲୁରୁ:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ଅଖିଳ ଭାରତୀୟ ପ୍ରତିନିଧି ସଭା ଆଜି (୨୩ ମାର୍ଚ୍ଚ) ବେଙ୍ଗାଲୁରୁରେ ସମାପ୍ତ ହୋଇଛି । ଆରଏସଏସର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସାବଲେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ତିନି ଦିନିଆ ବୈଠକରେ ଉପନୀତ ନିଷ୍କର୍ଷକୁ ଗଣମାଧ୍ୟମ ଆଗରେ ରଖିଥିଲେ । ଏହା ସହିତ, ମହାସଚିବ ସେହି ସମସ୍ତ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ ଯାହା ବର୍ତ୍ତମାନ ଦେଶରେ ସବୁଠାରୁ ବଡ଼ ସମସ୍ୟା ସହିତ ଜଡିତ ରହିଛି । ଏହି ସମୟ ମଧ୍ୟରେ, ଦତ୍ତାତ୍ରେୟ ହୋସାବଲେ ଔରଙ୍ଗଜେବଙ୍କଠାରୁ ଆରମ୍ଭ କରି ମୁସଲିମ ସଂରକ୍ଷଣ ଏବଂ ବିଜେପି ସଭାପତି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆରଏସଏସର ମତ ଜାଣିବା ପାଇଁ




ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ ।ଔରଙ୍ଗଜେବ ପ୍ରସଙ୍ଗରେ ସେ କହିଥିଲେ ଯେ ଯେଉଁମାନେ ଭାରତର ବିରୋଧୀ ଥିଲେ, ସେମାନଙ୍କୁ ଆଦର୍ଶ ବା ଆଇକନ୍ କରାଯାଇପାରିବ ନାହିଁ । ଗଙ୍ଗା-ଜମୁନି ସଂସ୍କୃତି ବିଷୟରେ କଥାବାର୍ତ୍ତା କରୁଥିବା ଲୋକମାନେ ଔରଙ୍ଗଜେବଙ୍କ ଭାଇ ଦାରା ଶିକୋହଙ୍କୁ କାହିଁକି ମନେ ରଖନ୍ତି ନାହିଁ ? ଯଦି ଦିଲ୍ଲୀର ଔରଙ୍ଗଜେବ ରୋଡକୁ ଅବଦୁଲ କଲାମ ରୋଡରେ ପରିବର୍ତ୍ତନ କରାଯାଇଛି, ତେବେ ଏହାର କିଛି ଅର୍ଥ ଅଛି, ଠିକ୍ ନା ? ତେଣୁ ଯିଏ ଆମ ସଂସ୍କୃତି ବିଷୟରେ କହିବ, ଆମେ ତାଙ୍କୁ ଅନୁସରଣ କରିବୁ ।

## ଜଷ୍ଟିସ୍ ବର୍ମାଙ୍କ ଘର ପଛ ଅଳିଆଗଦାରୁ ମିଳିଥିଲା ପୋଡ଼ା ନୋଟ୍

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣରେ ଟଙ୍କା ମିଳିବା ମାମଲାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମନାକୁ ଆସୁଛି । ନୂଆ ସୂଚନା ଅନୁସାରେ ବିଚାରପତିଙ୍କ ଘର ନିକଟରେ ଥିବା ଅଳିଆଗଦାରୁ ବିପୁଳ ପରିମାଣର ପୋଡ଼ା ନୋଟ ଦେଖିବାକୁ ମିଳିଥିଲା ।ଖୋଦ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କୁ ପଠାଇଥିବା ରିପୋର୍ଟରେ ଏ ନେଇ ଉଲ୍ଲେଖ ରହିଛି । ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ହାଇକୋର୍ଟ ରିପୋର୍ଟରୁ ମିଳିଥିବା ତଥ୍ୟ, ଫଟୋ ଓ ଭିଡିଓଗୁଡ଼ିକୁ ନିଜ ୱେବସାଇଟରେ ଅପଲୋଡ୍ କରିଛନ୍ତି । ଏଥିରେ ଅଳିଆ ଗଦାରେ ପଡ଼ିଥିବା ପୋଡ଼ା ନୋଟଗୁଡିକର ଫଟୋ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଏସବୁ ରିପୋର୍ଟ ମିଳିବା ପରେ ଜଷ୍ଟିସ ବର୍ମାଙ୍କୁ ଏକ କାରଣ



ଦର୍ଶାଅ ନୋଟିସ୍ ଜାରି କରିବାକୁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି । ଏହି ଅର୍ଥର ଉତ୍ସ ଓ କିଏ ଏସବୁ ଅଧାପୋଡ଼ା ନୋଟକୁ ଅଳିଆଗଦାରେ ଫିଙ୍ଗିଥିଲା, ସେ ସଂପର୍କରେ ଜଣାଇବାକୁ ନୋଟିସରେ କୁହାଯାଇଛି । ଏହା ସହିତ ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ନିଜ ଫୋନର କୌଣସି ତଥ୍ୟ, କଲ୍ ଡିଟେଲ ଡିଲିଟ ନ କରିବାକୁ ଜଷ୍ଟିସ ବର୍ମାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପାର୍କରେ ଆଖିବୁଜା ଗୁଳିମାଡ଼: ୩ ମୃତ

ନୂଆଦିଲ୍ଲୀ: ମେକ୍ସିକୋର ଏକ ପାର୍କରେ ଆଖିବୁଜା ଗୁଳିମାଡ ହୋଇଛି । ଦୁର୍ବୃତ୍ତର ଗୁଳିମାଡରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୫ରୁ ଅଧିକ ଲୋକ ଗୁରୁତର ହୋଇଥିବା ସୂଚନା ମିଳିଛି । ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଲାସ୍ କ୍ରୁସ୍ ର ୩ଟି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ଏଭଳି ଅଘଟଣ ଘଟିଛି । ଲାସ୍ କ୍ରୁସ୍ ସିଟି କାଉନସିଲର ତଥା ମେୟର ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ସେପଟେ ପୁଲିସ୍ ଘଟଣାର ଭିଡିଓ ସେୟାର କରିବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଥିବାବେଳେ ଅଧିକ ତଦନ୍ତ ଜାରି ରଖିଛି ।

## ଇଣ୍ଡୋନେସିଆର ଏକ ପତ୍ରିକା କାର୍ଯ୍ୟାଳୟକୁ ପଠାଗଲା କଟା ଘୁଷୁରୀ ମୁଣ୍ଡ ଓ ମୂଷା



ନୂଆଦିଲ୍ଲୀ : ସରକାରଙ୍କୁ ସମାଲୋଚନା କରିବା ପଡିଲା ଭାରି । ଇଣ୍ଡୋନେସିଆର ଏକ ପତ୍ରିକା କାର୍ଯ୍ୟାଳୟକୁ ପଠାଗଲା କଟା ଘୁଷୁରୀ ମୁଣ୍ଡ ଓ ମୂଷା । ଏହାପରେ ଇଣ୍ଡୋନେସିଆରେ ପ୍ରେସର ସ୍ୱାଧୀନତା ରକ୍ଷା ବଢ଼ିଛି ଚିନ୍ତା । ପତ୍ରିକା ପକ୍ଷରୁ ଏହି ପୁରା ଘଟଣାରେ ତଦନ୍ତ କରିବାକୁ ଦାବି ହୋଇଛି । ୧୯୭୦ ଦଶକରେ ଇଣ୍ଡୋନେସିଆରେ ପ୍ରକାଶିତ ହେଉଥିବା ସାପ୍ତାହିକ ପତ୍ରିକା 'ଟେମ୍ପୋ'ର କାର୍ଯ୍ୟାଳୟରେ ଏହି ଘଟଣା ସାମନାକୁ ଆସିଛି ।ଏଏଫ୍‌ପିର ରିପୋର୍ଟ ଅନୁସାରେ, 'ଟେମ୍ପୋ'କୁ ବର୍ତ୍ତମାନ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭୋ ସୁବିଆଣ୍ଟୋଙ୍କ ନୀତିର ଆଲୋଚନା କରିବା ପାଇଁ ଜଣାଯାଏ । ରାଷ୍ଟ୍ରପତି ସୁବିଆଣ୍ଟୋ ଇଣ୍ଡୋନେସିଆ ସେନାର ଜଣେ ପୂର୍ବତନ ଜେନେରାଲ, ଯାହାଙ୍କ ଉପରେ ବହୁ ଗ୍ରୁପ ପୂର୍ବତନ ଏକଛତ୍ରବାଦୀ ସୁହାର୍ତ୍ତୋଙ୍କ ଶାସନ ବେଳେ କ୍ରୁରତା କରିବାର ଅଭିଯୋଗ ରହିଛି । ଶନିବାର ଟେମ୍ପୋର କାର୍ଯ୍ୟାଳୟରେ ସେତେବେଳେ ଚିନ୍ତା ବଢିଯାଇଥିଲା ଯେତେବେଳେ ସଫେଇ କର୍ମଚାରୀଙ୍କୁ ଡବା ଭିତରେ ଏସବୁ ମିଳିଥିଲା । ଏହି ଡବାକୁ ଖୋଲି ଦେଖିବା ପରେ ୬ଟି ମୂଷା ରଖାଯାଇଥିଲା । ଯାହାର ମୁଣ୍ଡକୁ କାଟି ଦିଆଯଇଥିଲା ।

## ଚଣ୍ଡୀଗଡ ଗ୍ରେନେଡ୍ ଆକ୍ରମଣ ଘଟଣାରେ ୪ ଆତଙ୍କବାଦୀଙ୍କ ବିରୋଧରେ ଚାର୍ଜସିଟ୍




ନୂଆଦିଲ୍ଲୀ : ଚଣ୍ଡୀଗଡ ଗ୍ରେନେଡ୍ ଆକ୍ରମଣ ଘଟଣାରେ ପୋଲିସ ୪ ଆତଙ୍କବାଦୀଙ୍କ ବିରୋଧରେ ରୁଜୁ କରିଛି ଚାର୍ଜସିଟ୍ । ଏଥିରେ ପାକିସ୍ତାନ ସ୍ଥିତ ହରବିନ୍ଦର ସିଂହ ସନ୍ଧୁ ଓରଫ ରିନ୍ଦା ଓ ଆମେରିକାରେ ଥିବା ହରମନପ୍ରୀତ ସିଂହ ଓରଫ୍ ହାପି ପାସିୟା ରହିଛନ୍ତି । ଏହି ଦୁହିଁଙ୍କୁ ମାମଲାର ମୁଖ୍ୟ ଷଡଯନ୍ତ୍ରକାରୀ ଓ ହାଣ୍ଡେଲର ବୋଲି କୁହାଯାଇଛି । ଏନ୍‌ଆଇଏର କହିବା ଅନୁସାରେ, ଏହି ଆତଙ୍କବାଦୀ ଭାରତରେ ନିଜର ଅପରାଧିକ ଗତିବିଧିକୁ ସଫଳ କରିବା ପାଇଁ ନିଜର ନେଟୱାର୍କର ବ୍ୟବହାର କରୁଥିଲେ । ତାଙ୍କ ଉପରେ ଭାରତରେ ଆତଙ୍କବାଦୀ ଗତିବିଧି ସୃଷ୍ଟି କରିବା ଓ ନିର୍ଦ୍ଦୋଷ ଲୋକଙ୍କ ଜୀବନ ନେବାର ଅଭିଯୋଗ ରହିଛି । ସେପଟେମ୍ବର ୨୦୨୪ ରେ ହୋଇଥିବା ହମଲାର ମୁଖ୍ୟ ଉଦେଶ୍ୟ ଥିଲା ପଞ୍ଜାବ ପୋଲିସର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ଟାର୍ଗେଟ କରିବା । ତେବେ ଏହି ଆକ୍ରମଣରେ ଭୁଲରେ ଅନ୍ୟ କାହାର ଘର ପ୍ରଭାବିତ ହୋଇଥିଲା । ଏନ୍‌ଆଇଏ ଯାଞ୍ଚରେ ଏହି କଥା ସାମନାକୁ ଆସିଛି ଯେ, ଆକ୍ରମଣ ଷଡଯନ୍ତ୍ର ପାକିସ୍ତାନରେ ଥିବା ରିନ୍ଦା ଓ ଆମେରିକାରେ ରହୁଥିବା ହାପି ମିଶି ଏକାଠି କରିଥିଲେ । ଏହି ଦୁହେଁ ଭାରତରେ ନିଜର ସାଥୀଙ୍କୁ ହତିଆର, ଗୋଳା-ବାରୁଦ ଓ ଫଣ୍ଡ ଦେଉଥିଲେ । ଏଥିପାଇଁ ସେମାନେ ସ୍ଥାନୀୟ ଆତଙ୍କୀଙ୍କୁ ଭର୍ତ୍ତି କରିଥିଲେ, ଯାହାଙ୍କ ଭିତରେ ରୋହନ ମସିହ ଓ ଭିଶାଲ ମସିହ ସାମିଲ ଥିଲେ । ଏହି ଦୁଇ ଆତଙ୍କବାଦୀଙ୍କୁ ଟ୍ରେନିଂ ଦେଇ ଆକ୍ରମଣ ପାଇଁ ପ୍ରସ୍ତୁତ କରାଯାଇଥିଲା ।

## ଆମେରିକାରେ ଆଉ ଜଣେ ଭାରତୀୟ ବଂଶୋଦ୍ଭବ ଏବଂ ଝିଅଙ୍କୁ ଗୁଳିକରି ହତ୍ୟା

ଭର୍ଜିନିଆ : ଆମେରିକାରେ ପୁଣି ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳି କରି ହତ୍ୟା । ଏକ ଦୋକାନରେ ୫୬ ବର୍ଷୀୟ ପ୍ରଦୀପ କୁମାର ପଟେଲ ଏବଂ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଛି । ଘଟଣାକୁ ନେଇ ଭର୍ଜିନିଆରେ ରହୁଥିବା ଭାରତୀୟ ସମ୍ପ୍ରଦାୟରେ ଶୋକର ଛାୟା ଖେଳିଯାଇଛି । ତେବେ ପିଟିଆଇ ଅନୁଯାୟୀ, ଘଟଣା ସମୟରେ ଭର୍ଜିନିଆର ଆକୋମାକ କାଉଣ୍ଟିରେ ଲ୍ୟାକ୍‌ଫୋର୍ଡ ହାଇୱେରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଦୋକାନରେ ଉଭୟ କାମ କରୁଥିଲେ । କାଉଣ୍ଟି ସେରିଫଙ୍କ କାର୍ଯ୍ୟାଳୟକୁ ଗୁଳିକାଣ୍ଡ ନେଇ ମାର୍ଚ୍ଚ ୨୦ ସକାଳ ପ୍ରାୟ ୫.୩୦ରେ ଏକ ଫୋନ୍ ଆସିଥିଲା । ସେମାନେ ସେଠାରେ ପହଞ୍ଚିବା ପରେ ପଟେଲଙ୍କୁ ଗୁଳି କରାଯାଇଥିବା ଦେଖିଥିଲେ । ପରେ ତାଙ୍କ ଝିଅ ମଧ୍ୟ ଗୁଳିକାଣ୍ଡରେ ମୃତ ହୋଇଥିବା ଜଣାପଡ଼ିଥିଲା । ଘଟଣାସ୍ଥଳରେ ପଟେଲଙ୍କୁ ମୃତ ଘୋଷଣା କରାଯାଇଥିଲା । କିନ୍ତୁ ଝିଅଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଗୁରୁତର ଥିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଗୁରୁବାର ପୋଲିସ କହିଥିଲା ଯେ, ସେମାନେ ଗୁଳିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି । ଓନାନକ୍କର ୪୪ ବର୍ଷୀୟ ବ୍ୟକ୍ତି ଜର୍ଜ ଫ୍ରାଜିଅର ଡେଭନ୍ ହ୍ୱାଇଟ୍ ନାମକ ବ୍ୟକ୍ତିଙ୍କୁ ଜାମିନ ବିନା ହେପାଜତରେ ରଖାଯାଇଥିଲା ।

## ପାକିସ୍ତାନରେ ଚିନି କିଲୋ ୧୮୦ ଟଙ୍କା

**ଇସଲାମାବାଦ :** ପାକିସ୍ତାନରେ ଚିନି ମୂଲ୍ୟ ନିୟମିତ ବ୍ୟବଧାନରେ ବଢିଚାଲିଛି । ଚିନିର ବିକ୍ରି ମୂଲ୍ୟ ଉପରେ ସରକାର କଟକଣା ଲାଗୁ କରିଥିଲେ ସୁଦ୍ଧା ଏହା ପ୍ରଭାବଶୂନ୍ୟ ପ୍ରମାଣିତ ହୋଇଛି । ଖୋଲା ବଜାରରେ ଚିନି କିଲୋ ପିଛା ସର୍ବାଧିକ ୧୩୦ ଟଙ୍କାରେ ବିକ୍ରି କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତ୍ତମାନ ପାକିସ୍ତାନ ମାର୍କେଟରେ ଏହା କିଲୋ ପିଛା ୧୮୦ ଟଙ୍କାରେ ବିକ୍ରି



କରାଯାଉଥିବା ଜଣାପଡିଛି । ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଚିନିର ବିକ୍ରି ମୂଲ୍ୟ ଉପରେ କଟକଣା ଲାଗୁ କରିବା ଫଳରେ ଏହା କିଲୋ ପିଛା ୧୬୮ରୁ ୧୫୮ ଟଙ୍କାକୁ ହ୍ରାସ ପାଇଥିଲା । ତେବେ ରମଜାନ ମାସ ଆରମ୍ଭ ହେବାପରେ ଏହା ପୁଣି ୧୮୦ ଟଙ୍କାକୁ ବୃଦ୍ଧି ପାଇଛି ।

## ଥରୁରଙ୍କୁ ପ୍ରଶଂସା କଲେ ଜୟଶଙ୍କର



**ନୂଆଦିଲ୍ଲୀ:** ଶଶି ଥରୁର ସମ୍ପ୍ରତି ଚର୍ଚ୍ଚାରେ ଅଛନ୍ତି । କଂଗ୍ରେସ ସାଂସଦଙ୍କ ନିଜ ଦଳ ପ୍ରତି ହତୋତ୍ସାହିତ ହେବା ଏବଂ ବିଜେପି ସହିତ ତାଙ୍କର ଘନିଷ୍ଠତାକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି । ଏହି ସମୟରେ, ବିଜେପି ରାଜ୍ୟସଭା ସାଂସଦ ଏବଂ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବେ ଥରୁରଙ୍କୁ ପ୍ରଶଂସା କରି ଏହି କଳ୍ପନାଜଳ୍ପନାକୁ ଆହୁରି ଇନ୍ଧନ ଯୋଗାଇଛନ୍ତି । ଜୟଶଙ୍କର ଶନିବାର କହିଛନ୍ତି ଯେ, ମୁଁ ସର୍ବଦା ଥରୁର ଏବଂ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କରେ । ବିଶେଷକରି ସରକାର ସହ ଜଡିତ ପ୍ରସଙ୍ଗରେ ଥରୁରଙ୍କ ନିଷ୍ପତ୍ତି ବେଶ୍ ଉଲ୍ଲେଖନୀୟ ।ବିଜନେସ୍ ଟୁଡେ ମାଇଣ୍ଡ୍ରଶ୍ ୨୦୨୫କାର୍ଯ୍ୟକ୍ରମରେ ଏକ ପ୍ରଶ୍ନର ଉତ୍ତରରେ ଏସ୍ ଜୟଶଙ୍କର ଏହି ବିବୃତି ଦେଇଛନ୍ତି । ଯେଉଁଥିରେ ଥରୁରଙ୍କୁ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ସରକାରଙ୍କ ନୀତିକୁ ପ୍ରଶଂସା କରିବା ବିଷୟରେ ଉଲ୍ଲେଖ କରାଯାଇଥିଲା । ଏହା ଉପରେ ଜୟଶଙ୍କର କହିଥିଲେ, ମୁଁ ସର୍ବଦା ତାଙ୍କର ବୁଝାମଣାକୁ ପ୍ରଶଂସା କରେ, ବିଶେଷକରି ଯେତେବେଳେ ସେ ଆମ ସରକାରଙ୍କର ପ୍ରଶଂସା କରନ୍ତି । ଶଶି ଥରୁର ସମ୍ପ୍ରତି ରାଇସିନା ଡାଏଲଗରେ ସ୍ୱୀକାର କରିଥିଲେ ଯେ, ୟୁକ୍ରେନ ଯୁଦ୍ଧ ସମୟରେ ଭାରତର ନୀତିକୁ ବିରୋଧ କରି ସେ ଭୁଲ କରିଥିଲେ । ସେ କହିଥିଲେ, ତିନି ବର୍ଷ ପରେ, ମୁଁ ଅନୁଭବ କରୁଛି ଯେ, ମୁଁ ନିରାଶ ହୋଇଛି, କାରଣ ଏହା ସ୍ପଷ୍ଟ ଯେ, ଭାରତର ନୀତି ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରଖିଛି । ଆମର ପ୍ରଧାନମନ୍ତ୍ରୀ ଉଭୟ ଦେଶର ରାଷ୍ଟ୍ରପତି - ୟୁକ୍ରେନ ଏବଂ ରୁଷିଆକୁ ବିଭିନ୍ନ ସମୟରେ ଆଲିଙ୍ଗନ କରିପାରିବେ ଏବଂ ଉଭୟ ସ୍ଥାନରେ ତାଙ୍କୁ ଗ୍ରହଣ କରାଯାଇଥାଏ ।ଭାରତ ସରକାରଙ୍କ ନୀତି ସମ୍ପର୍କରେ ଜୟଶଙ୍କର କହିଛନ୍ତି ଯେ, ଯୁଦ୍ଧ ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ଦେଖାଯାଇଥିଲା । ସେ କହିଥିଲେ, ଆମେ ଏହି ସଂଘର୍ଷ, ଏହାର କାରଣ ଏବଂ ବିଶ୍ୱ ପରିବେଶକୁ ଅତ୍ୟନ୍ତ ନିରପେକ୍ଷ ଭାବରେ ମୂଲ୍ୟାଙ୍କନ କରିଛୁ । ଅନ୍ୟ ଅନେକ ଦେଶ ପରି, ଆମେ ଭାବନାର ଆଧାରରେ କୌଣସି ନିଷ୍ପତ୍ତି ନେବାକୁ ଚାହୁଁ ନଥିଲୁ ଯାହା ଆମ ଚିନ୍ତାଧାରାକୁ ପ୍ରଭାବିତ କରିଥାନ୍ତା ।

## ସୀମାରେ ଚୀନ୍‌ର ଦୁଇଟି ନୂଆ କାଉଣ୍ଟି

ନୂଆଦିଲ୍ଲୀ : ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କ ସୁଧୁରିବା ନେଇ କୁହାଯାଉଥିବା ବେଳେ ସ୍ଥିତି କିନ୍ତୁ ଭିନ୍ନ ରହିଛି । ଚୀନ୍ ଏହାର ବିସ୍ତାରବାଦୀ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ଛାଡ଼ିପାରି ନାହିଁ । ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ଦୁଇଟି ନୂଆ କାଉଣ୍ଟି ଗଠନ କରିଛି । ଏଥିରେ ଲଦାଖର କିଛି ଅଞ୍ଚଳକୁ ଏହା ସାମିଲ କରିଛି । ଚୀନ୍‌ର ଏହି ଚାଲ୍‌ବାଜିକୁ ଭାରତ ଜାଣିନେବା ପରେ କୂଟନୈତିକ ସ୍ତରରେ ଆପତ୍ତି ଉଠାଇଛି । ଲୋକସଭାରେ ଏକ ପ୍ରଶ୍ନକାଳରେ ବିଦେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଚୀନ୍‌ର ସଦ୍ୟ ଦୁଇଟି କାଉଣ୍ଟି ଗଠନ ନେଇ ଅବଗତ କରାଇଛନ୍ତି । ସେ କହିଛନ୍ତି, ଏଲ୍‌ଏସିରେ ଚୀନ୍‌ର ଏଭଳି ଅବୈଧ କବ୍‌ଜାକୁ ଭାରତ କୌଣସିମତେ ସ୍ୱୀକାର କରିନାହିଁ କିମ୍ବା ଭବିଷ୍ୟତରେ ବି କରିବ



ନାହିଁ । ଏହାର ତୀବ୍ର ବିରୋଧ କରିବ । ମନ୍ତ୍ରୀ କହିଛନ୍ତି, ଚୀନ୍‌ର ନୂଆ କାଉଣ୍ଟି ନିର୍ମାଣ ହେବା ଦ୍ୱାରା ଉକ୍ତ ଅଞ୍ଚଳରେ ଭାରତର ଅଖଣ୍ଡତାକୁ ନେଇ ଦୀର୍ଘକାଳୀନ ତଥା ସୁସଙ୍ଗତ ସ୍ଥିତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଚୀନ୍‌ର ଏଭଳି କବ୍‌ଜାକୁ ବୈଧତା ମିଳିବ ନାହିଁ। ତଥାପି ଭାରତ ସରକାର କୂଟନୈତିକ ସ୍ତରରେ ଏ ନେଇ ଗମ୍ଭୀର ଅଭିଯୋଗ ଉଠାଇଛନ୍ତି । ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଲୋକସଭାର ପ୍ରଶ୍ନ କାଳରେ ସରକାରଙ୍କୁ ଚୀନ୍‌ର ନୂଆ କାଉଣ୍ଟିକୁ ନେଇ ପ୍ରଶ୍ନ ହେବା ସହ ଏ ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି, ତାହା ନେଇ ପଚରା ଯାଇଥିଲା । ଚୀନ୍‌ର ହଟନ ପ୍ରଦେଶରେ ନୂଆ କାଉଣ୍ଟି ଗଠିତ ହୋଇଥିବା କଥା ଭାରତ ଜାଣିଥିବା ନେଇ ମନ୍ତ୍ରୀ ସ୍ପଷ୍ଟ କରିଥିଲେ ।

ରାଷ୍ଟ୍ରମନ୍ତ୍ରୀ ଆହୁରି କହିଛନ୍ତି, ସରକାର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକର ବିକାଶ ଲାଗି ଭିତ୍ତିଭୂମି ଢାଞ୍ଚାର ସୁଧାର ଉପରେ ଗୁରୁତ୍ୱ ଦେଉଛନ୍ତି । ଏହାଦ୍ୱାରା ଉକ୍ତ ଅଞ୍ଚଳର ଆର୍ଥିକ ବିକାଶ ହୋଇପାରିବ । ଏଥିସହ ଭାରତର ରଣନୀତିକ ତଥା ସୁରକ୍ଷା ଆବଶ୍ୟକତାଗୁଡ଼ିକୁ ପୂରଣ କରାଯାଇ ପାରିବ । ଭାରତର ସୁରକ୍ଷା ସହ ଜଡ଼ିତ ତମାମ ଘଟଣାକ୍ରମ ଉପରେ ସରକାର ଲଗାତର ନଜର ରଖିଛନ୍ତି । ଦେଶର ଅଖଣ୍ଡତା ଓ ଆଞ୍ଚଳିକ ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ।

## ପ୍ଲାଟ୍‌ଫର୍ମରେ ଅଶ୍ଳୀଳ ବିଷୟବସ୍ତୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ନୂଆଦିଲ୍ଲୀ : ଓଟିଟି ପ୍ଲାଟଫର୍ମରେ କାର୍ଯ୍ୟକ୍ରମର ନାମ ପରିବର୍ତ୍ତନ କରି କିମ୍ବା ଏଆଇ(AI) ବ୍ୟବହାର କରି ଅଶ୍ଳୀଳ କଣ୍ଟେଣ୍ଟ ଶେୟାର ନ କରିବାକୁ ପଦକ୍ଷେପ ନେବା ପାଇଁ ଏକ ସଂସଦୀୟ ପ୍ୟାନେଲ ଦାବି କରିଛି । ଭାଜପା ଏମ୍‌ପି ନିଶିକାନ୍ତ ଦୁବେଙ୍କ ଅଧ୍ୟକ୍ଷତାରେ ଗଠିତ ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ସଂସଦୀୟ ସ୍ଥାୟୀ କମିଟି ମଧ୍ୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟକୁ ବାରମ୍ବାର ଅପରାଧୀଙ୍କ ନିମନ୍ତେ ଦଣ୍ଡ ପ୍ରଦାନ କରିବା ପାଇଁ ଆଇନ ପ୍ରସ୍ତୁତ କରିବାକୁ ଚାହୁଁଥିଲା । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପାଇଁ ଅନୁଦାନ ଦାବିର ରିପୋର୍ଟରେ, କମିଟି କହିଛି ଯେ, ଗତ ବର୍ଷ ମାର୍ଚ୍ଚ ମାସରେ ଅଶ୍ଳୀଳ ଏବଂ କେତେକ ସମୟରେ ଅଶ୍ଳୀଳ କଣ୍ଟେଣ୍ଟ ବା ବିଷୟବସ୍ତୁ ପ୍ରକାଶ କରୁଥିବା ୧୮ଟି OTT ପ୍ଲାଟଫର୍ମକୁ ଅବରୋଧ କରିବା ସମ୍ପର୍କରେ ସୂଚନା ଦିଆଯାଇଛି ।ମନ୍ତ୍ରଣାଳୟ ପ୍ୟାନେଲକୁ କହିଛି ଯେ, ଏହି ପ୍ଲାଟଫର୍ମଗୁଡ଼ିକ ସହିତ ଜଡ଼ିତ ୧୯ଟି ୱେବ୍‌ସାଇଟ, ୧୦ଟି ଆପ୍ (ଗୁଗ୍ ପ୍ଲେରେ ସାତଟି ଏବଂ ଆପଲ ଆପ ଷ୍ଟୋରରେ ୩ଟି) ଏବଂ ୫୭ଟି ସୋସିଆଲ ମିଡିଆ ଆକାଉଣ୍ଟକୁ ଅଚଳ କରାଯାଇଥିଲା । ଏହା ଉପରେ ଆହୁରି ଅଧିକ କଠୋର ଆଇନ ଆବଶ୍ୟକ ବୋଲି ସଂସଦୀୟ ପ୍ୟାନେଲ ଦାବି କରିଛି । ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ମାର୍ଗଦର୍ଶିକା ଏବଂ ଡିଜିଟାଲ ମିଡିଆ ନୀତିଶାସ୍ତ୍ର କୋଡ) ନିୟମ, ୨୦୨୧ର ପାର୍ଟ -୩ ଅନୁଯାୟୀ, 'ଇ' ମୂଲ୍ୟାଙ୍କିତ ବିଷୟବସ୍ତୁ ବଣ୍ଟନ କରୁଥିବା OTT ପ୍ଲାଟଫର୍ମଗୁଡ଼ିକ ପିଲାମାନଙ୍କୁ ପ୍ରତିବନ୍ଧିତ ବିଷୟବସ୍ତୁ ଦେଖିବାରୁ ରୋକିବା ପାଇଁ ପ୍ରବେଶ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ପଡ଼ିବ ।

# ସରକାରୀ କର୍ମଚାରୀଙ୍କୁ ମିଳୁ କ୍ୟାସ୍‌ଲେସ୍ ହେଲ୍‌ଥ୍ କାର୍ଡ

ଭୁବନେଶ୍ୱର: କ୍ୟାସ୍‌ଲେସ୍ ହେଲ୍‌ଥ୍ କାର୍ଡ ବା ସ୍ୱାସ୍ଥ୍ୟବୀମା ସବୁ ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ କରିବାକୁ ଆଜି ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ରାଜ୍ୟ ସରକାର ଯୁଗାନ୍ତକାରୀ ନିଷ୍ପତିକ୍ରମେ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତଭାବେ ଲାଗୁ କରିବା ପାଇଁ ଯାଉଛନ୍ତି। ଏଥିରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଦେଶର ୨୯ ହଜାର ଘରୋଇ ଓ ସରକାରୀ ହସ୍ପିଟାଲ୍‌ରେ ଚିକିତ୍ସା ଉପକୃତ ହେବେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଓଡ଼ିଶାରେ କାମ କରୁଥିବା ବିଭିନ୍ନ ବିଭାଗରେ ହଜାର ହଜାର ସରକାରୀ କର୍ମଚାରୀ ଏହି ଯୋଜନାରୁ ବାଦ୍ ପଡୁଛନ୍ତି। ସରକାରଙ୍କର ସବୁ ଯୋଜନାକୁ ସଫଳ ରୂପାୟନ କରୁଥିବା ଓ ବିକଶିତ ଓଡ଼ିଶାକୁ ଆଗକୁ ନେଉଥିବା ଏହି ଅସହାୟ କର୍ମଚାରୀଙ୍କ ପାଇଁ ଏହି ସଫଳ ଯୋଜନାକୁ ଲାଗୁ କରିବା ପାଇଁ ମହାସଂଘ ଦାବି କରିଛି। ସଂଘର ନିଷ୍ପତ୍ତି ଅନୁଯାୟୀ ସମସ୍ତ ମନ୍ତ୍ରୀ, ବିଧାୟକ, ସଚିବ ଓ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ଯଦି ରାଜ୍ୟ ସରକାର ଏକ ମାସ ଭିତରେ କ୍ୟାସ୍‌ଲେସ୍ ହେଲଥ୍‌କାର୍ଡ କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ ନ କରନ୍ତି, ଏକ ବୃହତ୍ ଆନ୍ଦୋଳନ ପଞ୍ଚାୟତଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ତା'ସହିତ ଡିଜିଟାଲ୍ ଆନ୍ଦୋଳନ, ବ୍ଲାକ୍ ବ୍ୟାଚ୍, ପରିଧାନ କରି କର୍ମଚାରୀମାନେ ନିଜ କର୍ମ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଅସନ୍ତୋଷ ଜାହିର୍ କରିବେ। ଆଜିର ସାମ୍ବାଦିକ ସମ୍ମିଳନୀରେ ମହାସଂଘର ଅବାହକ ବିଜୟ ମଲ୍ଲ, ପ୍ରଭାତ ମହାନ୍ତି, ଅଶ୍ୱିନୀ ଦାସ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ରାଜନେତା ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

ତାଳଚେର,(ପିପିଏସ୍): ଗତ ୨୩ ତାରିଖରେ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଦେହାନ୍ତରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆମର ଆତ୍ମାର ସତଗତି ପାଇଁ ନିଜ ଜନ୍ମମାଟି ତାଳଚେର ଠାରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟ ସହିତ ଆଜି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା, ଉପ ମୁଖ୍ୟମନ୍ତ୍ରୀ ପ୍ରେମ ଚାନ୍ଦ ବେଓରା, ବାଚସ୍ପତି ବୁଦ୍ଧଦେବ ଦେବନାନୀ, ଆଜମେର ଡେପୁଟି ମେୟର ନିରୋଜ ଜୈନ, ବିହାର ଆଇନ ମନ୍ତ୍ରୀ ମଙ୍ଗଳ ପାଣ୍ଡେ, ହରିୟାଣା ପଞ୍ଚାୟତ ରାଜ୍ ମନ୍ତ୍ରୀ କର୍ଣ୍ଣଲାଲ ପାନ୍ୱାରେ, ଆସାମର ପ୍ରାକ୍ତନ ସାଂସଦ ହରିଶ ଦ୍ୱିବେଦୀ, ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ବିଏମ୍ ଏସ ରାଷ୍ଟ୍ରୀୟ ସମ୍ପାଦକ ରାମନାଥ ଗଣେଶ ପ୍ରଭୃତି ସ୍ୱର୍ଗୀୟ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ ପ୍ରାକ୍ତନ ବିଜେପି ସଭାପତି ଡ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରୁତି ଚରଣ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକ ସନ୍ତାପିତ ସୁପୁତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସହଧର୍ମିଣୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ସହିତ ଅନ୍ୟାନ୍ୟ ପରିବାର ବର୍ଗଙ୍କୁ ମାର୍ମିକ୍ ପୀଡା ଭାଜନ ସମବେଦନା ଜ୍ଞାପନ କରିଥିଲେ।



# ବିବାଦ ନେଇ ଟ୍ରିପିଲ ଇଞ୍ଜିନ ସରକାର ପଦକ୍ଷେପ ନେବା ଆବଶ୍ୟକ:ଭକ୍ତ

ଭୁବନେଶ୍ୱର: ମହାନଦୀ ବିବାଦ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ସମୟରେ ଏ ବାବଦରେ କଂଗ୍ରେସ ଆଲୋଚନା କରିଛି। ଏବେ ଓଡ଼ିଶାରେ ବିଜେପି ସରକାର, ଛତିଶଗଡ଼ ବିଜେପି ସରକାର, କେନ୍ଦ୍ରରେ ବି ତାଙ୍କ ସରକାର। ତେଣୁ ମହାନଦୀ ବିବାଦ ନେଇ ଟ୍ରିପିଲ ଇଞ୍ଜିନ ସରକାର ପଦକ୍ଷେପ ନେବା ଆବଶ୍ୟକ। ଦୁଇ ମୁଖ୍ୟମନ୍ତ୍ରୀ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କଥା କହୁଛନ୍ତି, କିନ୍ତୁ ଫଳପ୍ରଦ ହେବା ପରି ଲାଗୁନି ବୋଲି କହିଛନ୍ତି ଭକ୍ତ ଦାସ।

# କେନ୍ଦ୍ର ସରକାର ସବୁବେଳେ ଗଣତନ୍ତ୍ରର ପରିସୀମା ଭିତରେ ଚାଲିଥାନ୍ତି: ପୃଥ୍ୱୀରାଜ

ଭୁବନେଶ୍ୱର: ଡିଲିମିଟେସନ ନେଇ ଚେନ୍ନାଇରେ ବସିଥିବା ବୈଠକରେ ବିଜେଡି ଯୋଗ ଦେବାକୁ ନେଇ ବିଜେପି କଡା ଟାର୍ଗେଟ କରିଛି। ଗତ ୮, ୧୦ ବର୍ଷ ଧରି ସରକାରକୁ ଦକ୍ଷିଣ ଭାରତୀୟ ଲୋକ ଚଳେଇଲେ। ଏବେ ଦକ୍ଷିଣ ଭାରତ ସହ ଅସୁବିଧା ଜଣ ଅଛି। ଡିଲିମିଟେସନ ପାଇଁ ନୋଟିଫିକେସନ ଆସିନି। ହେଲେ ଏବେଠୁ ନଈ ନ ଦେଖୁଣୁ ଲଙ୍ଗଳା ହେଲା ଭଳି ନ ହୁଅନ୍ତୁ। ଯଦି କିଛି ଭୁଲ ଥିବ ପରାମର୍ଶ ଦେବାର ଅଧିକାର ବିରୋଧୀଙ୍କର ଅଛି। କେନ୍ଦ୍ର ସରକାର ସବୁ ବେଳେ ଗଣତନ୍ତ୍ରର ପରିସୀମା ଭିତରେ ଚାଲିଥାନ୍ତି। ଗଣତନ୍ତ୍ରର ଅଧିକାର କୌଣସି ଜାଗାରେ କ୍ଷୁର୍ଣ୍ଣ ହେବାର ନାହିଁ। ବିରୋଧୀ ଦଳ ଏତେ ଭୟଭୀତ ନ ହୋଇ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ।

# ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର: ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏନେଇ ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି। ଭୁବନେଶ୍ୱର ରାଜଭବନରେ ରହିବେ ରାଷ୍ଟ୍ରପତି। ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। ମୋଟ ୩ ଜଣ ଡିସିପି, ୨୪ ଏସିପି, ୨୮ ଆଇଆଇସି, ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଆସନ୍ତା କାଲି ୧:୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ ରାଷ୍ଟ୍ରପତି।

# ରାଜଧାନୀରେ ରାତିରେ ବୁଲୁଛି ପୁଲିସ

ଭୁବନେଶ୍ୱର: ରାଜଧାନୀରେ ରାତିରେ ବୁଲୁଛି ପୋଲିସ। ଯେଉଁମାନେ ରାତିରେ ବୁଲୁଛନ୍ତି ସେମାନଙ୍କୁ ଜେରା କରାଯାଉଛି ବୋଲି ଡିସିପି ଜଗମୋହନ ମିନା କହିଛନ୍ତି। ଗତକାଲି ନୟାପଲ୍ଲୀ ଅଂଚଳରେ ଦୁଇ ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ବେଳେ ପିସିଆର ଉଭୟଙ୍କୁ ଯାଞ୍ଚ କରିଥିଲା। ଦୁଇଜଣଙ୍କୁ ଯାଞ୍ଚ ପରେ ତାଙ୍କ ପାଖରୁ ଅଧା କିଲୋ ରୂପା ଜବତ ହେଲା। ସିଆରପିରୁ ଏକ ଦୋକାନରୁ ଚୋରି କରି ଆଣିଥିଲେ। ପରେ ଯାଞ୍ଚ ପରେ ଏକ କିଲୋ ରୁପା ଅଳଙ୍କାର ଜବତ ହୋଇଛି। ଦୁଇ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହିଛି ବୋଲି ଡିସିପି କହିଛନ୍ତି।

# ମାଇନିଂ ଅଫିସର ରାଜେନ୍ଦ୍ର ଖୁଣ୍ଟିଆ ସସ୍‌ପେଣ୍ଡ

ଭୁବନେଶ୍ୱର୍ୟ ମାଇନିଂ ଅଫିସର ରାଜେନ୍ଦ୍ର ଖୁଂଟିଆଙ୍କୁ ସସପେଣ୍ଡ କରାଯାଇଛି। ରାଜେନ୍ଦ୍ର ଖୁଣ୍ଟିଆଙ୍କ କାର୍ଯ୍ୟ ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖି ଆସିଥିଲେ ଓ ତାଙ୍କ କାର୍ଯ୍ୟଶୈଳୀରେ କୌଣସି ଉନ୍ନତି ପରିଲେକ୍ଷିତ ନହେବା ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥି ସହିତ ଅନ୍ୟାନ୍ୟ ମାଇନିଙ୍ଗ ଅଫିସରମାନଙ୍କ କାର୍ଯ୍ୟଧାରା ଉପରେ ସରକାର ତୀକ୍ଷଣ ଦୃଷ୍ଟି ରଖିଛନ୍ତି। କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟି ଗୋଚର ହେଲେ ସରକାର ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

# ଶ୍ରୀରାମ ନବମୀ ମହୋତ୍ସବ-୨୦୨୫: ମାତୃଭୂମି ପାଇଁ ଗଣଦୌଡ଼ରେ ସାମିଲ୍ ହେଲେ ୫ ହଜାର ଶ୍ରୀରାମ ଭକ୍ତ

ଭଦ୍ରକ, (ପିପିଏସ୍): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଆନୁକୁଲ୍ୟରେ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼ଟି ସକାଳ ୭ ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା'ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ସହର ମଧ ଦେଇ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ମା ତାରିଣୀଙ୍କ ମନ୍ଦିରରେ ରୀତି ନିତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନୋମହନ ସାମଲ, ଓଡ଼ିଶା ସରକାରଙ୍କର ଉଚ୍ଚ ଶିକ୍ଷା, ଯୁବ ଓ କ୍ରୀଡ଼ା ଏବଂ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାୟ, ବେଦବିଦ୍ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମିତିର ସାଧାରଣ ସମ୍ପାଦକ ଶରତ ପର୍ଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷ୍ଠାଧ୍ୟକ୍ଷ ନିରଞ୍ଜନ ସାହୁ ଶ୍ରୀଫଳ ବାଡେଇ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଦଳମତ ନିର୍ବିଶେଷରେ ମାତୃଭୂମି ପାଇଁ ଉତ୍ସର୍ଗୀକୃତ ହଜାର ହଜାର ଯୁବକ, ଛାତ୍ର, ସାଧାରଣ ଜନତା ସାମୁହିକ ଭାବରେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଭାରତ ମାତା କୀ ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ଭଦ୍ରକ ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ସହରର ବିଭିନ୍ନ ଛକ ମାନଙ୍କରେ ମାତୃଶକ୍ତିଙ୍କ ଦ୍ୱାରା ପୁଷ୍ପ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ଗଣଦୌଡ଼ରେ ଶ୍ରୀରାମ ମହାଯଜ୍ଞ ସମିତିର ଉପ ସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, କନ୍ହେଇ ଦାସ, ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପା ନନ୍ଦ ମହାପାତ୍ର ଏବଂ ଆଇନଜୀବୀ ତୁଷାର କାନ୍ତ ଦାସ, ସହ କୋଷାଧ୍ୟକ୍ଷ ଶିବ ଶଙ୍କର ଦାସ, ଉପଦେଷ୍ଟା ପ୍ରତିପ୍ତ ବିଶ୍ୱାଳ, ଭଗବାନ ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ପାଣୀ, ଦୀନବନ୍ଧୁ ପତି, ସୁବ୍ରତ ନାୟକ, ରଶ୍ମି ରଞ୍ଜନ ରାଉତ, ବଦ୍ରି ନାରାୟଣ ଧଳ, ସୁଧାଂଶୁ ନାୟକ, ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ବିଭୁ ଚନ୍ଦନ ଜେନା, ମନୋଜ ବସନ୍ତ ରାୟ, ବସନ୍ତ ରାଉତ, ଅସିତ୍ ପଟ୍ଟନାୟକ, ରଞ୍ଜିତା ସ୍ୱାଇଁ, ମାଳତୀ ଲତା ସାହୁ, ମମତା ବେହେରା, କଳ୍ପନା ଜେନା, ପ୍ରଦୀପ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରିୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଗଣ, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବର ସଦସ୍ୟ, ଆଧାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ପ୍ରତାପ ଦାସ, ସୁରେଶ ସାମଲ, ସରୋଜ ରାଉତ, ସନ୍ତୋଷ ଲେଙ୍କା, ମାନସ ବାରିକ, ଜ୍ଞାନ ପାଣି, ବିଜୟ ଦାଶ, ଦେବାଷିଶୁ ରାଉତ, ସଞ୍ଜୀତ ନାୟକ, ମିଳନ ବଳ, ଟୁକୁନା ସ୍ୱାଇଁ, ସୁଧିର ଦ୍ୱିବେଦୀ, ରଶ୍ମି ରଂଜନ ସାହୁ, ଶ୍ରାବଣୀ କିନ୍ନର, ହେମନ୍ତ ମହାପାତ୍ର, ପିଂଟୁ ମିଶ୍ର, ଜ୍ୟୋତି ପ୍ରକାଶ ସାହୁ, ତଥାଗତ ସାମଲ, ଅପୂର୍ବ ବେହେରା, କାହ୍ନା ଖୁଂଟିଆ, ସତ୍ୟ ପ୍ରକାଶ ବିଶ୍ୱାଳ, ସୁମନ ମହାପାତ୍ର, ଆଶୁତୋଷ ପଣ୍ଡା, ଓଁକାର ମହାନ୍ତି ପ୍ରମୁଖ ଏହି ଗଣଦୌଡର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋ ପୂଜନ, ସାଧୁସନ୍ଥ ପୂଜନ, ବାଲ୍ ବଜରଂଗୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା, ଅଯୋଧ୍ୟା ସମେତ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ, କଳସ ଶୋଭାଯାତ୍ରା, ନଗର ସଂକୀତର୍ନ ଭଳି ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତ ବର୍ଷ ନଗର ସଂକୀତର୍ନରେ ୧୦ ଲକ୍ଷ ଭକ୍ତଙ୍କର ସମାବେଶ ହେବାର ଆଶା କରାଯାଇଛି।

# ରୋଷେଇ କରୁଥିବା ବେଳେ ନିଆଁ ଲାଗି ମହିଳା ଗୁରୁତର

ଭୁବନେଶ୍ୱର: ରୋଷେଇ କରୁଥିବା ବେଳେ ମହିଳାଙ୍କ ଲୁଗାରେ ଲାଗିଲା ନିଆଁ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡା ପଂଚାୟତ ବାଲିଆ ଗ୍ରାମରେ ଅଘଟଣ ଘଟିଛି। ଶରୀରର ୫୦ପ୍ରତିଶତ ପୋଡିଯାଇଥିବା ଦେଖିବାକୁ ମିଳିଛି। ଘରେ ଗ୍ୟାସରେ ରୋଷେଇ କରୁଥିବା ବେଳେ ଝୁଲି ସ୍ୱାଇଁଙ୍କ ଲୁଗାରେ ନିଆଁ ଲାଗି ଗୁରୁତର ହୋଇପଡିଛନ୍ତି। ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ନେଇଥିବା ବେଳେ ଅବସ୍ଥା ସାଙ୍ଘାତିକ ରହିଥିବାରୁ ତାଙ୍କୁ କଟକ ଏସସିବି ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଝୁଲିଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବ। ବେଳେ ଦୁଇ ପୁଅ ବାହାର ରାଜ୍ୟରେ କାମ କରନ୍ତି। ଏକା ଘରେ ରୋଷେଇ କରୁଥିବା ବେଳେ ଦେହରେ ନିଆଁ ଲାଗିଯାଇଛି।

# ବିକଶିତ ଭାରତ ଯୁବସଂସଦ ଉଦ୍‌ଘାଟିତ




କଟକ: ତୁଳସୀପୁର ଦେଉଳ ସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ମନ୍ତାଳୟର ପ୍ରୋତ୍ସାହନ, ନେହେରୁ ଯୁବକେନ୍ଦ୍ର କଟକ ଶାଖା ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗ ରେ ଜିଲ୍ଲା ସ୍ତରୀୟ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ବାରବାଟୀ- କଟକ ର ବିଧାୟିକା ଶୋଫିୟା ଫିରଦୋସ ଙ୍କ କରକମଳରେ ଉଦ୍ଘାଟିତ ହୋଇ ଜାଇଛି।ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବ। ଏଥିରେ ଯାଜପୁର ଓ କଟକଜିଲ୍ଲା ର ୧୫୦ ଜଣ ଯୁବକ ଯୁବତୀ ଭାଗ ନେଇ ଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଚନ୍ଦ୍ର ମୋହନ ସ୍ୱାଇଁ ଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଓଡିଶାର ଶାଖାର ଯୁବ ଅଧିକାରୀ ଶ୍ରୀଯୁକ୍ତ ଅଜିତ ଖୋସ୍ ୱାଲ୍ ଓ ନେହେରୁ ଯୁବକେନ୍ଦ୍ର କଟକ ଜିଲ୍ଲା ଶାଖାର ଯୁବ ଅଧିକାରୀ ଶ୍ରୀଯୁକ୍ତ ବିପିନ କୁମାର ,ଯାଜପୁର ଜିଲ୍ଲାର ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୋଫିୟା ଫିରଦୋସ ଯୁବକ ଯୁବତୀ ମାନଙ୍କୁ ଦେଶର ବିକାଶ ରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଶ୍ରୀଯୁକ୍ତ ଅଜିତ ଖୋସ୍ ୱାଲ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କ ରେ ନିଜର ଅଭିମତ ରଖିଥିଲେ। ବିପିନ କୁମାର କାର୍ଯ୍ୟକ୍ରମ ର ଚୟନ ପ୍ରକ୍ରିୟା ସମ୍ପର୍କ ରେ ସୁଚନା ଦେଇ ଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଡକ୍ଟର ସରୋଜ କୁମାର ଦାଶ ଦୁଇଦିନିଆ ଏହି କାର୍ଯ୍ୟକ୍ରମ ର ରୂପରେଖ ସମ୍ପର୍କ ରେ ତଥ୍ୟ ରଖିଥିଲେ।ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ର ମୋହନ ସ୍ୱାଇଁ ପିଲାମାନଙ୍କୁ ବିକଶିତ ଭାରତ ର ସ୍ୱପ୍ନ ଶାକାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପ୍ରେରଣା ଦେଇ ଥିଲେ।

କାର୍ଯ୍ୟକ୍ରମ ର ପ୍ରାରମ୍ଭରେ ଅଧାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ଅତିଥିମାନଙ୍କର ପରିଚୟ ଦେବା ସହିତ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ପରିଶେଷରେ ଅଧାପକ ନିହାର ରଂଜନ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସେବା ଯୋଜନାର ସଂଗୀତ ଗାନ କରାଯାଇ ଥିଲା। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମ ରେ କଟକ ଓ ଯାଜପୁର ଜିଲ୍ଲାରୁ ଆସିଥିବା ଯୁବକ ଯୁବତୀ ମାନେ ଏକ ଦେଶ ଏକ ନିର୍ବାଚନ:ଭାରତ ର ବିକାଶ ରେ ଏକ ପାଦଥକ୍ରଙ୍କକ୍ଷ୍ୱ; ଶିର୍ଷକ ବିଷୟ ରେ ସେମାନଙ୍କର ଅଭିମତ ରଖିବେ।ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଦଶ ଜଣଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ବଛାଯିବ। ଏହି କାର୍ଯ୍ୟକ୍ରମ କୁ ସଫଳତାର ସହିତ ସମାପନ କରିବା ପାଇଁ ଅଧାପିକା ଚନ୍ଦନା ମହାନ୍ତି , ଅଧାପିକା ଅମ୍ରିତା ଲେଙ୍କା,ଶ୍ରୁତି ରଞ୍ଜନ ସାଇଁ ସହଯୋଗ କରିଥିଲେ।

# ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

# ୨ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀଙ୍କ ଯୋଗଦାନ

ଭଦ୍ରକ, (ପିପିଏସ୍) ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୨୪-୨୫ ମଠସାହି ପଡ଼ିଆରେ ସଫଳତାର ସହିତ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟକ ଭାବେ ଫିତାକାଟି ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନୀତ ଅତିଥି ମାନ୍ୟବର ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମଧ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ଷ୍ଟଲ ପରିଦର୍ଶନ କରି ମେଳାରେ ନିଯୁକ୍ତିଦାତା ଭାବେ ଅଂଶ ଗ୍ରହଣ କରିଥିବା ବେସରକାରୀ ସଂସ୍ଥା ଓ ଦକ୍ଷତା ବିକାଶ ପ୍ରଦାନକାରୀ ସଂସ୍ଥାର ଅଧିକାରୀମାନଙ୍କ ସହ ନିଯୁକ୍ତି ପ୍ରଦାନ ନେଇ ସୁବିଧା, ସୁଯୋଗ ସମ୍ବନ୍ଧରେ ପଚାରି ବୁଝିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ମାନ୍ୟବର ସଂସଦ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତ ଚାକିରୀ ଆଶାୟୀମାନଙ୍କର ଶୁଭ ମନାସିଥିଲେ। ମଂଚରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଲେଫଟ୍‌ନାଂଟ କର୍ଣ୍ଣେଲ ଅନୀଲ କୁମାର ଯୋଗ ଦେଇ ବେକାରୀ ସମସ୍ୟ ଦୂରୀକରଣ ଦିଗରେ ନିଯୁକ୍ତି ମେଳା ଜରିଆରେ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ମେଳାରେ ଉପସ୍ଥିତ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ସଦୁପଯୋଗ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦକ୍ଷତା ହାସଲପୂର୍ବକ ଧୈର୍ଯ୍ୟ ଓ ଦୃଢ଼ ଆତ୍ମବିଶ୍ୱାସର ସହିତ ପ୍ରୟାସ ଜାରି ରଖିଲେ ନିଜର ବୃତି ପାଇଁ ନିଯୁକ୍ତି ସନ୍ଧାନରେ ଥିବା ଆଶାୟୀମାନେ ନିଶ୍ଚୟ ସଫଳତା ହାସଲ କରି ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମର ସଂଯୋଜିକା ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଅନୀତା ନାୟକ ସ୍ୱାଗତ ଭାଷଣ ଓ ମେଳା ଜରିଆରେ ପ୍ରଦାନ କରାଯିବାକୁ ଥିବା ନିଯୁକ୍ତି ଓ ଦକ୍ଷତା ବିକାଶଗତ ସୁବିଧା ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଂଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ୧୦ ଜଣଙ୍କୁ ନିଯୁକ୍ତି ପତ୍ର ବଂଟନ କରାଯାଇଥିଲା। ସୂଚନାଯୋଗ୍ୟକି ଦକ୍ଷତା ବିକାଶ ପ୍ରଦାନକାରୀ ୧୫ଟି ସଂସ୍ଥା ଓ ନିଯୁକ୍ତିଦାତା ଭାବେ ୩୫ଟି ସଂସ୍ଥା ମେଳାରେ ଅଂଶ ଗ୍ରହଣ କରିଥିଲେ। ଅନ୍‌ଲାଇନ୍‌ରେ ନାମ ପଞ୍ଜିକୃତ କରିଥିବା ୩୫୧୫ଜଣ ରୁ ୧୧୩୨ ଓ ଅଫ୍ ଲାଇନ୍‌ରେ ନାମ ପଞ୍ଜିକୃତ କରିଥିବା ୧୨୭୪ ସମୁଦାୟ ୨୪୦୬ ଜଣ ନିଯୁକ୍ତି ଆଶାୟୀ ମେଳାରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କୁ ତତ୍କାଳ ଚୂଡ଼ାନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ୧୨୭୪ ଜଣଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ କମ୍ପାନୀମାନେ ତାଲିକା ଭୁକ୍ତ କରିଥିଲେ। ବି.ଡ଼ି.ଓ. ଧାମନଗର ବନ ବିହାରୀ ଦିଣ୍ଡା, ଭଦ୍ରକର ରଶ୍ମିରଞ୍ଜନ ମଲ୍ଲିକ, ବାସୁଦେବପୁରର ତନ୍ମିତା କର, ଓରମାସ୍‌ର ଉପମୁଖ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପ୍ରମୁଖ ଏହି ମେଳାରେ ଉପସ୍ଥିତ ଥିଲେ। ସଂପୃକ୍ତ ବିଭାଗୀୟ କର୍ମଚାରୀ ଗାୟତ୍ରୀ ବେହେରା, ବିଭୂତି ଭୂଷଣ ପାଣିଗ୍ରାହୀ, ଶୁଭସ୍ମିତା ସୂତ୍ରଧର, ଭିନିତ୍ ଶେଖର, ଜୟ କିଷାନ୍ ମଲ୍ଲିକ୍ ପ୍ରମୁଖ ଏହି ମେଳା ଆୟୋଜନ ଓ ପରିଚାଳନାରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

# ଶ୍ୱେତଗଙ୍ଗାରେ ବୁଡି ଗଲା ଜୀବନ

ଭୁବନେଶ୍ୱର: ପୁଣି ଶ୍ୱେତଗଙ୍ଗାରେ ବୁଡି ଗଲା ଜୀବନ। ମୃତଦେହକୁ ଠାବ କରି ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ମୃତକ ହେଉଛନ୍ତି ବାଲେଶ୍ୱର ବସ୍ତା ଥାନା ଅନ୍ତର୍ଗତ ବେଣାପୁର ଗ୍ରାମର ୨୦ ବର୍ଷୀୟ ଗୋବିନ୍ଦ ବିନ୍ଧାଣି। ଏ ସମ୍ପର୍କରେ ସୂଚନା ଦେଇଛି ପୁରୀ ଅଗ୍ନିଶମ ବିଭାଗ। ଆଜି ସକାଳ ୮ଟା୧୦ ସମୟରେ ପୁରୀର ଶ୍ୱେତ ଗଙ୍ଗା ପୋଖରୀରେ ବୁଡ଼ିଯିବା ଘଟଣା ସମ୍ପର୍କରେ ପୁରୀ ଅଗ୍ନିଶମ କେନ୍ଦ୍ର ଏକ ଫୋନ୍ କଲ ପାଇଥିଲେ। ଏକ ବ୍ୟାପକ ସନ୍ଧାନ ଅଭିଯାନ ପରେ, ବୁଡ଼ିଯାଇଥିବା ବ୍ୟକ୍ତିଙ୍କ ସନ୍ଧାନ ପାଇଥିଲା ଅଗ୍ନିଶମ ବିଭାଗ। ମାନକ ପ୍ରୋଟୋକଲ ଅନୁସରଣ କରି, ମୃତଦେହକୁ ଅଧିକ ଆବଶ୍ୟକୀୟ ପ୍ରକ୍ରିୟା ପାଇଁ ପୁରୀର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ପୋଖରୀରେ ବୁଡ଼ିଗଲେ ୧୦ମ ଶ୍ରେଣୀ ଛାତ୍ର

ଭୁବନେଶ୍ୱର: କେନ୍ଦୁଝରରେ ପୋଖରୀରେ ଗାଧୋଉ ଥିବା ବେଳେ ବୁଡ଼ିଯାଇ ୧୦ ଶ୍ରେଣୀ ଛାତ୍ର ନିଖୋଜ। ନିଖୋଜ ଛାତ୍ର ହେଲେ ଟାଙ୍ଗରିଆପାଳ ଅଞ୍ଚଳର ସମୀର ବେହେରା। ଗାଁ ନିକଟସ୍ଥ ପୋଖରୀରେ ଗାଧୋଇବା ବେଳେ ନିଖୋଜ ହୋଇଯାଇଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି ଜାରି ରଖିଛି।

# ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ଗୁଡ଼ିଆ ସମାଜର ବାର୍ଷିକ ଉତ୍ସବ

ଭଦ୍ରକ, (ପିପିଏସ୍): ସହୀତ ସ୍ମୃତି ଭବନ ପରିସରରେ ଜିଲ୍ଲା ସଭାପତି ରଘୁନାଥ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ଗୁଡିଆ ସମାଜର ତୃତୀୟ ବାର୍ଷିକ ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବରେ ମଧୁବୈଶ୍ୟ ସମାଜର ରାଜ୍ୟ ସଭାପତି ଦେବେନ୍ଦ୍ର ନାଥ ସାହୁ, ରାଜ୍ୟ ସଂପାଦକ ପ୍ରଶାନ୍ତ କୁମାର ସାହୁ, ରାଜ୍ୟ କୋଷାଧକ୍ଷ ରବିନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା ସମ୍ପାଦିକା ଅର୍ଚ୍ଚନା ସାହୁ, ଗୋଲାପ କୁମାରୀ ସାହୁ, ସମାଜ ସେବୀ ବିଦ୍ୟାଧର ସାହୁ, ନାରାୟଣ ସାହୁ, ରାଜ୍ୟ ଯୁବ ସଙ୍ଗଠନ ସଭାପତି ବିନୋଦ ସାହୁ, ଅତିଥି ଭାବରେ ଯୋଗଦେଇ ସମାଜରେ ଗୁଡିଆ ଜାତିର ଭୂମିକା ଓ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ମହାମହିମ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରରେ କାରକେଡ୍ ପ୍ରସ୍ତୁତି (ଫଟୋ-ପ୍ରଜାତନ୍ତ୍ର)

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା-ସାହିତ୍ୟ ଚର୍ଚ୍ଚା



କଟକ (ପିପିଏସ୍): ସାହିତ୍ୟ ସଂସ୍କୃତିର ଅଂଶ ବିଶେଷ। ସମକାଳରେ ସାହିତ୍ୟ ତତ୍ତ୍ୱ ଓ ସଂସ୍କୃତି ତତ୍ତ୍ୱର ସମୀକରଣ ଘଟିଛି। ସାଂସ୍କୃତିକ ବିବିଧତା ମଧ୍ୟରେ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱର ବିଭିନ୍ନ ଦିଗ ବିକଶିତ ହୋଇଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଭାଷା-ସାହିତ୍ୟ ଚର୍ଚ୍ଚାରେ 'ସାଂସ୍କୃତିକ ବିବିଧତା ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରି ବିଶିଷ୍ଟ ସାରସ୍ୱତ ସାଧକ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାକ୍ତନ ମୁଖ୍ୟ ଡକ୍ଟର ଚିତ୍ତରଂଜନ ମିଶ୍ର ପ୍ରକାଶ କରିଛନ୍ତି।

ଶନିବାର ସଂଧ୍ୟାରେ ବାଣୀପୀଠ ଶ୍ରରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ। ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସଂପାଦକ, ସାହିତ୍ୟ ଆଲୋଚନା ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରବନ୍ଧ ଉପସ୍ଥାପକ ଡକ୍ଟର ମିଶ୍ର ସାଂସ୍କୃତିକ ବିବିଧତାର ବିଶେଷତ୍ୱ ଓ ପାଶ୍ଚତ୍ୟ ସାହିତ୍ୟ ତ୍ତ୍ୱ ଉପରେ ତା'ର ପ୍ରଭାବ ସଂପର୍କରେ ସବିଶେଷ ଆଲୋଚନା କରି ସାହିତ୍ୟ ସାଂସ୍କୃତି ଉତ୍ପାଦ ବୋଲି ଦର୍ଶାଇଥିଲେ। ପ୍ରଶ୍ନୋତ୍ତରରେ ଅଂଶ ଗ୍ରହଣ କରିଥିଲେ ଡକ୍ଟର ଅକ୍ଷୟ କୁମାର ଭଦ୍ର, ମୁରଲୀଧର ଶତପଥୀ, ଡାକ୍ତର ସୁଦର୍ଶନ ପଟ୍ଟନାୟକ, ତରୁଣ କୁମାର ସାହୁ, ଶୈଳଜ ରବି ଓ ଉମାଶଙ୍କର ମିଶ୍ର। ଧନ୍ୟବାଦ ପ୍ରଦାନ କରିଥିଲେ ସାଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁଙ୍କ ସମେତ ସାହିତ୍ୟ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଭଦ୍ରକ - ଭଗତ ସେନା ପକ୍ଷରୁ ସହୀଦ ଭଗତ ସିଂ ଦିବସ

ଭଦ୍ରକ, (ପିପିଏସ୍): ଆଜି କ୍ରାନ୍ତିକାରୀ ବିପ୍ଳବୀ ସହିଦ ଭଗତ ସିଂ, ସହିଦ ରାଜଗୁରୁ ଓ ସହିଦ ଶୁକଦେବଙ୍କ ୯୪ତମ ସହିଦ ଦିବସ ଭଦ୍ରକର ସହିଦ ଭଗତ ସେନା ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହିଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ପ୍ରାତଃରେ ଏକ ଶୋଭାଯାତ୍ରାରେ ଆସି ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଂଟନ କରିଥିଲେ। ପରେ ଅଗ୍ରସେନ ଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ସାଧାରଣ ସଭା ମଧ୍ୟ ଆୟୋଜିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ମାଡକର ସନ୍ଦୀପ ସମ୍ପତ, ସଂଗଠନର ସଭାପତି ତଥା ବିଶିଷ୍ଟ ଆଇନ୍‌ଜୀବୀ ମନୋଜ ରାୟ, ଅବସରପ୍ରାପ୍ତ ସୈନିକ ସଂଘର କର୍ମକର୍ତ୍ତା ସମେତ ବହୁ ଅତିଥି ଯୋଗ ଦେଇ ପରାଧୀନ ଭାରତବର୍ଷରେ ଦେଶମାତୃକା ପାଇଁ ୩ ସହିଦଙ୍କର ଅମର ବଳିଦାନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମାଜ ପ୍ରତି ବିଶେଷ ଅବଦାନ ଥିବା ତଥା ଭଦ୍ରକର ପ୍ରତିଭା ସଂପନ୍ନ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଡାକ୍ତର ସୁବାଷ ବିଶ୍ୱାଳ, ସାଇକେଲଲିଷ୍ଟ ଉର୍ମିଳା ବେହେରା, ବାଲୁକା ଶିଳ୍ପୀ ପଦ୍ମନାଭ ସେଠୀ, ସମାଜସେବୀ ପ୍ରମିଳା ସିଂହ, ସାମ୍ବାଦିକ ପ୍ରଭାତ ଦାସ, ସମାଜସେବୀ ସୁଶ୍ରୀ ସୁମିତ୍ରା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆବାହକ ସୀତାଂଶୁ ଶେଖର ମହାପାତ୍ର ଯେଉଁଦିନ ବର୍ତ୍ତମାନର ଯୁବକମାନେ ଭାରତବର୍ଷକୁ ଏକ ରାମରାଜ୍ୟରେ ପରିଣତ କରିବା ଦିଗରେ ଆଗେଇ ଆସିବେ, ସେହିଦିନ ଦେଶମାତୃକା ପାଇଁ ଜୀବନ ଦେଇଥିବା ସହିଦମାନଙ୍କ ବଳିଦାନ ସାର୍ଥକ ହେବ ବୋଲି କହିଥିଲେ। ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ୪୦୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

# ଆଇପିଏଲ୍ ମହାସମର ଜିତିଲା ହାଇଦ୍ରାବାଦ

## ଇଶାନଙ୍କ ଦ୍ରୁତ ଶତକ ସୃଷ୍ଟିକଲା ନୂଆ ରେକର୍ଡ

## ରାଜସ୍ଥାନ ଆଗରେ ୨୮୭ ରନର ଟାର୍ଗେଟ ଦେଇଥିଲା ହାଇଦ୍ରାବାଦ

## ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ହରାଇଲା ସନରାଇଜର୍ସ ହାଇଦ୍ରାବାଦ



ହାଇଦ୍ରାବାଦ : ରବିବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ର ମ୍ୟାଚ୍ ନମ୍ବର-୨ ରେ, ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଏବଂ ରାଜସ୍ଥାନ ରୟାଲ୍ସ (ଆରଆର) ମଧ୍ୟରେ ମୁକାବିଲା ହେଉଛି। ଏହି ମ୍ୟାଚ୍ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଉଛି। ମ୍ୟାଚ୍‌ରେ ଆରଆର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏସଆରଏଚ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ରାଜସ୍ଥାନ ରୟାଲ୍ସକୁ ଜିତିବା ପାଇଁ ୨୮୭ ରନ୍‌ର ଟାର୍ଗେଟ ଦେଇଛି। ହାଇଦ୍ରାବାଦ ୬ ୱିକେଟ୍ ହରାଇ ୨୮୬ ରନ୍ କରିଛି। ଏହା ଆଇପିଏଲ ଇତିହାସରେ କୌଣସି ଦଳ ଦ୍ୱାରା ଦ୍ୱିତୀୟ ସର୍ବାଧିକ ସ୍କୋର ଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ କିଶାନ ଅପରାଜିତ ଶତକ ହାସଲ କରିଥିଲେ।

ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ରବିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ଏକ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୪୪ ରନରେ ହରାଇ ଦେଇଛି ସନରାଇଜର୍ସ ହାଇଦ୍ରାବାଦ। ବିଜୟ ପାଇଁ ରାଜସ୍ଥାନ ଆଗରେ ୨୮୭ ରନର ଲକ୍ଷ୍ୟ ରହିଥିଲା ବେଳେ ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ମାତ୍ର ୨୪୨ ରନ କରିପାରିଥିଲା । ଦଳ ପକ୍ଷରୁ ସଂଜୁ ସାମସନ ୬୬ ରନ, ଧ୍ରୁବ ଜୁରେଲ ୭୦ ଓ ସିମରନ ହେଟମେୟର ୪୨ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ସିମରନଜିତ ସିଂ ଓ ହର୍ଷଲ ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହି ମ୍ୟାଚରେ ରାଜସ୍ଥାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ଇଶାନ କିଷନଙ୍କ ବିସ୍ଫୋରକ ଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୮୬ ରନ କରିଥିଲା। ଇଶାନ ମାତ୍ର ୪୭ଟି ବଲରେ ୬ ଛକା, ୧୧ ଚୌକା ବଳରେ ୧୦୬ ରନ କରିଥିଲେ। ସେହିପରି ଟ୍ରାଭିସ୍ ହେଡ୍ ୬୭ ରନ କରିଥିଲେ। ନୀତୀଶ କୁମାର ରେଡ୍ଡି ୩୦ ଓ ହେନରିକ୍ କ୍ଲାସେନ ୩୪ ରନ କରିଥିଲେ । ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୩ଟି ୱିକେଟ ନେଇଥିବାବେଳେ ମହିଶ ତିକସନା ୨ଟି ୱିକେଟ ନେଇଥିଲେ। ସେହିପରି ସଂଦୀପ ଶର୍ମା ଗୋଟିଏ ୱିକେଟ ନେଇଥିଲେ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** ହେନ୍ରିଚ୍ କ୍ଲାସେନ୍ ( ୱିକେଟ କିପର), ପ୍ୟାଟ୍ କମିନ୍ସ (ଅଧିନାୟକ), ଅଭିଷେକ ଶର୍ମା, ଟ୍ରାଭିସ୍ ହେଡ୍ , ଇଶାନ୍ କିଶାନ୍, ନୀତୀଶ କୁମାର ରେଡ୍ଡୀ, ଅଭିନାଭ ମନୋହର, ସଚିନ୍ ବେବି, ହର୍ଷଲ ପଟେଲ, ଆଦାମ ଜାମ୍ପା, ମହମ୍ମଦ ଶାମି, ରାହୁଲ ଚହର, ଜୟଦେବ ଅନାଦକର, କାମିନ୍ଦନ ମୁନଦୀସ ସିମରଜିତ୍ ସିଂ, ଇଶାନ୍ ମାଲିଙ୍ଗା, ଅନିକେତ୍ ବର୍ମା

**ରାଜସ୍ଥାନ ରୟାଲ୍ସ ଦଳ:** ରିୟାନ୍ ପାରାଗ (ଅଧିନାୟକ), ଧ୍ରୁବ ଜୁରେଲ (ୱିକେଟ କିପର), ଯଶସ୍ୱୀ ଜୟସ୍ୱାଲ, ସଞ୍ଜୁ ସାମସନ, ନୀତୀଶ ରାଣା, ଶିମ୍ରନ୍ ହେଟମିୟର, ଶୁଭମ୍ ଦୁବେ, ୱାନିନ୍ଦୁ ହାସରାଙ୍ଗା, ଜୋଫ୍ରା ଆର୍ଚର, ତୁଶର ଦେଶପାଣ୍ଡେ, ସନ୍ଦୀପ ଶର୍ମା, ଫଜଲଖକ୍ ଫାରୁଖୀ, କୁମାର ମହେଶ ଥାକଶାନା, କ୍ୱେନା ମାଫାକା, ଅଶୋକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, କୁନାଲ ସିଂ ରାଠୋର।



ଯୁଗଳ ଲଢ଼େଇ: ହାଇଦ୍ରାବାଦ-ରାଜସ୍ଥାନ, ଚେନ୍ନାଇ-ମୁମ୍ବାଇ

# ଆଇପିଏଲ୍ ପ୍ରଥମ ମ୍ୟାଚ୍‌ରେ ଆର୍‌ସିବିର ସହଜ ବିଜୟ



କୋଲ୍‌କାତା: ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଉଦ୍‌ଘାଟନୀ ମ୍ୟାଚ୍‌ରେ ଗତ ଥରର ବିଜେତା କୋଲକାତା ନାଇଟ୍ ରାଇଡର୍ସକୁ ପରାଜୟରୁ ଅଭିଯାନ ଆରମ୍ଭ କରିବାକୁ ପଡ଼ିଛି। ଘରୋଇ ପଡିଆ ଇଡେନ୍ ଗାର୍ଡେନ୍ସରେ ଅଜିଙ୍କ୍ୟ ରାହାଣେଙ୍କ ଦଳକୁ ନବାଗତ ଅଧିନାୟକ ରଜତ ପଟିଦାରଙ୍କ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୭ ୱିକେଟ୍‌ରେ ହରାଇ ଦେଇଛି। ଅଷ୍ଟାଦଶ ସଂସ୍କରଣକୁ ଜର୍ସି ନମ୍ବର ୧୮ର ବିଖ୍ୟାତ ଖେଳାଳି ବିରାଟ କୋହଲି ମଧ୍ୟ ଚମତ୍କାର ଢ଼ଙ୍ଗରେ ଆରମ୍ଭ କରିଛନ୍ତି। ଫିଲ୍ ସଲ୍ଟଙ୍କ ବିସ୍ଫୋରକ ଅର୍ଦ୍ଧଶତକ (୩୧ ବଲ୍‌ରୁ ୫୬ ରନ୍, ୯ ଚୌକା, ୨ ଛକା) ପରେ କିଙ୍ଗ୍ କୋହଲି (୩୬ ବଲ୍‌ରୁ ୫୯* ରନ, ୪ ଚୌକା, ୩ ଛକା) ଦଳକୁ ବିଜୟ ଦେଇଛନ୍ତି। ୧୭୫ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଆରସିବି ୨୨ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟରେ ପହଞ୍ଚି ପ୍ରଥମରୁ ଆତ୍ମବିଶ୍ୱାସକୁ ସାଉଁଟି ନେଇଛି। ଫିଲ୍ ସଲ୍ଟ ୨୫ ବଲ୍‌ରୁ ଏବଂ ବିରାଟ କୋହଲି ୩୦ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିବା ପରେ ରଜତ ପଟିଦାରଙ୍କ ୧୬ ବଲ୍‌ରୁ ୩୪ ରନ୍ (୫ ଚୌକା, ୧ ଛକା) ପାଳି ଦଳକୁ ସହଜ ବିଜୟ ଦେଇଛି। ଆରସିବି ପଦାର୍ପଣରେ କ୍ରୁନାଲ ପାଣ୍ଡ୍ୟା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।

ଆରସିବିର ନୂଆ ଅଧିନାୟକ ରଜତ ପଟିଦାର ଟସ୍ ଜିତି କ୍ଷେତ୍ରରକ୍ଷଣ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଓଭରରେ କ୍ୱିଣ୍ଟନ୍ ଡି’କକ୍ କ୍ୟାଚ୍ ଡ୍ରପରୁ ଜୀବନଦାନ ପାଇଥିଲେ ମଧ୍ୟ ଏଥିରୁ ଫାଇଦା ଉଠାଇପାରି ନଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାଣେ କିନ୍ତୁ ମାତ୍ର ୨୫ ବଲ୍‌ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରି କେକେଆରକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଅନ୍ୟପଟେ ସୁନୀଲ ନାରାୟଣ ୨୬ ବଲ୍‌ରୁ ୪୪ ରନ୍ କରି ଆଉଟ୍ ହୋଇଯାଇଥିଲେ। ରାହାଣେ ମଧ୍ୟ ୩୧ ବଲ୍‌ରୁ ୫୬ ରନ୍ କରି ଫେରିଯାଇଥିଲେ। କ୍ରୁନାଲ୍ ପାଣ୍ଡ୍ୟା କ୍ରମାଗତ ଭାବେ ୩ ୱିକେଟ୍ ଅକ୍ତିଆର କରି କେକେଆରର ୧୦+ ରନ୍ ହାର ଉପରେ ନିୟନ୍ତ୍ରଣ ଲଗାଇଥିଲେ। ମଧ୍ୟକ୍ରମରେ କେବଳ ଅଙ୍ଗକ୍ରିସ୍ ରଘୁବଂଶୀ (୨୨ ବଲ୍‌ରୁ ୩୦ ରନ୍) ଭଲ ବ୍ୟାଟିଂ କରିଥିଲେ ମଧ୍ୟ କେକେଆର ଏହାର ଆଶା ମୁତାବକ ସ୍କୋର୍ କରିପାରିନଥିଲା। ଭେଙ୍କଟେଶ ଆୟର, ରିଙ୍କୁ ସିଂହ, ଆନ୍ଦ୍ରେ ରସେଲ ବିଫଳ ହେବାରୁ କେକେଆର ଶେଷ ୫ ଓଭରରେ ମାତ୍ର ୨୯ ରନ୍ ଯୋଡ଼ି ସମ୍ଭାବ୍ୟ ୨୦୦ ଟପି ପାରିନଥିଲା। କ୍ରୁନାଲ ପାଣ୍ଡ୍ୟା ୩ ଓ ଜୋସ୍ ହାଜେଲଉଡ୍ ୨ ୱିକେଟ୍ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୪/୮ (ଅଜିଙ୍କ୍ୟ ରାହାଣେ-୫୬, ସୁନୀଲ ନାରାୟଣ-୪୪, ଅଙ୍ଗକ୍ରିସ୍ ରଘୁବଂଶୀ-୩୦, ରିଙ୍କୁ ସିଂହ-୧୨, କ୍ରୁନାଲ୍ ପାଣ୍ଡ୍ୟା-୩/୨୯, ଜୋସ୍ ହାଜଲଉଡ୍ ?-୨/୨୨, ଯଶ ଦୟାଲ-୧/୨୫, ରସିକ ସଲାମ-୧/୩୫, ସୂୟାଶ ଶର୍ମା-୧/୪୭)। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬.୨ ଓଭରରେ ୧୭୭/୩ (ବିରାଟ କୋହଲି-୫୯*, ଫିଲ୍ ସଲ୍ଟ-୫୬, ରଜତ ପଟିଦାର-୩୪, ଲିଆମ ଲିଭିଙ୍ଗଷ୍ଟୋନ୍-୧୫ଅ, ସୁନୀଲ ନାରାୟଣ-୧/୨୭, ବେ ?ଭବ ଆରୋରା-୧/୪୨, ବରୁଣ ଚକ୍ରବର୍ତ୍ତୀ-୧/୪୩)।

# ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ କେନ୍ଦ୍ରାପଡ଼ା ଦଳ ମନୋନିତ



କେନ୍ଦ୍ରାପଡ଼ା, (ପିପିଏସ୍): ରାଜ୍ୟ ସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଭାଗନେବା ପାଇଁ କେନ୍ଦ୍ରାପଡା ଦଳ ମନୋନିତ ହୋଇଛି। କିଟ ଓ କିସ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗର ବାଳକ ଏବଂ ବାଳିକା ଅଂଶଗ୍ରହଣ କରିବେ। ବାଳିକା ବିଭାଗରେ ସୁଚିତ୍ରା, ମାମୁନି, ମନିଷା, ଲିମା, ସ୍ମରଣିକା, ସ୍ୱାଗତିକା, ଅର୍ପିତା, ପୁଷ୍ପାଞ୍ଜଳି, ମନୋରମା, ସିତାରା, ଅଫ୍ରିନ, ଇତିଶ୍ରୀ ପ୍ରମୁଖ ମନୋନିତ ହୋଇଛନ୍ତି। କୋଚ ଭାବେ ସ୍ୱସ୍ତିତା ପଣ୍ଡା ପିଲାମାନଙ୍କୁ ନେଇ ଯାତ୍ରା କରିଛନ୍ତି। ସେହିପରି ବାଳକ ବିଭାଗରେ ପ୍ରବୀର, ସାଇମନ, ନାଗେଶ୍ୱର, ସାଗର, ଜ୍ୟୋତି, ଦିଲ୍ଲୁ, ଆରିଫ, ବିବେକ, ଚିରଞ୍ଜିବୀ, ସତ୍ୟଜିତ, ଚନ୍ଦନ ମନୋନିତ ହୋଇଛନ୍ତି। ବାଳକ ବିଭାଗର କୋଚ ଭାବେ ଦେବାଶିଷ ରଣା ପିଲାମାନଙ୍କୁ ନେଇ ଯାତ୍ରା କରିଛନ୍ତି। ଏଥିପାଇଁ ଉଭୟ ବାଳିକା ଓ ବାଳକ ଟିମକୁ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଶୁଭେଚ୍ଛା ଜଣାଇଛନ୍ତି।

# ଶେଷ ସମୟରେ ବାତିଲ୍ ହୋଇପାରେ ଚେନ୍ନାଇ-ମୁମ୍ବାଇ ମ୍ୟାଚ୍ !

କୋଲକାତା: ଆଜି ଅର୍ଥାତ ୨୩ ମାର୍ଚ୍ଚରେ ଓଟଖ ୨୦୨୫ରେ ଏକ ବଡ଼ ମ୍ୟାଚ ଦେଖିବାକୁ ମିଳିବ। ସଂଧ୍ୟା ମ୍ୟାଚରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଚନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ। ଏହି ମ୍ୟାଚକୁ ‘ଏଲ କ୍ଲାସିକୋ’ ମଧ୍ୟ କୁହାଯାଏ। ଏହାର ଅର୍ଥ ହେଉଛି ଏକ କ୍ଲାସିକ ମ୍ୟାଚ। ଦୁଇ ଦଳ ମଧ୍ୟରେ ଏହି ମ୍ୟାଚ ଚେନ୍ନାଇର ଚେପକ ଷ୍ଟାଡିୟମର ଏମଏ ଚିଦାମ୍ବରମରେ ଖେଳାଯିବ। ପ୍ରଶଂସକମାନେ ସବୁବେଳେ ମୁମ୍ବାଇ ଏବଂ ଉଝକ ମଧ୍ୟରେ ମୁକାବିଲା ପାଇଁ ଉନ୍ତି। କିନ୍ତୁ ଏହି ବଡ଼ ମ୍ୟାଚ ପୂର୍ବରୁ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଖରାପ ଖବର ଆସିଛି।

ଚେନ୍ନାଇ ସୁପର କିଙ୍ଗସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଏହି ଲିଗର ସବୁଠାରୁ ସଫଳ ଦଳ। ଉଭୟ ଦଳ ୫ ଥର କରି ଟାଇଟଲ ଜିତିଛନ୍ତି। ଏପରି ପରିସ୍ଥିତିରେ, ଯେତେବେଳେ ବି ଏହି ଦଳଗୁଡ଼ିକ ପରସ୍ପରର ମୁହାଁମୁହିଁ ହୁଅନ୍ତି, ଏକ କଠିନ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। କିନ୍ତୁ ଏଥର ବର୍ଷା ଚେନ୍ନାଇ ଏବଂ ମୁମ୍ବାଇ ମ୍ୟାଚକୁ ବାଧା ଦେଇପାରେ। ପାଣିପାଗ ରିପୋର୍ଟ ଅନୁଯାୟୀ, ଆଜି ଚେନ୍ନାଇରେ ବର୍ଷା ହେବାର ସମ୍ଭାବନା ୮୦% ଅଛି। ଚେନ୍ନାଇରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ। ତଥାପି, ମ୍ୟାଚ ସମୟରେ ବର୍ଷା ହେବାର ସମ୍ଭାବନା ମାତ୍ର ୨୦ ପ୍ରତିଶତ। ସେହି ସମୟରେ, ତାପମାତ୍ରା ୨୭ ରୁ ୩୩ ଡିଗ୍ରୀ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୩ ମାର୍ଚ୍ଚ-୨୯ ମାର୍ଚ୍ଚ ୨୦୨୫

ବିଜୁ-ବିଜୟ-ବାବୁ




‘ବିଜୁ’ ଓ ‘ବିଜୁ ଲିଗାସୀ’କୁ ନେଇ ପୁଣି ଚର୍ଚ୍ଚା। ବିଜୁଙ୍କ ଶେଷ ସମୟରେ ପ୍ରକୃତରେ କ’ଣ କରୁଥିଲେ ତାଙ୍କ ପୁତ୍ରମାନେ ? ୨୪ବର୍ଷର ବିଜେଡି ସରକାର କିଭଳି ସମ୍ମାନ ଦେଇଛି ବିଜୁଙ୍କୁ ? ବିଜୁଙ୍କ ଅସ୍ଥି କଳସ ବିଜୟ ମହାପାତ୍ରଙ୍କ ଘରେ ଏତେଦିନ ରହିଲା କିଭଳି ?

**ଜାତୀୟ:** ପ୍ରଦୂଷିତ ରାଜଧାନୀ
**ଅନ୍ତର୍ଜାତୀୟ:** ଅସ୍ତ୍ରବିରତି
**ବିଶେଷ ପ୍ରସଙ୍ଗ:** କାନ ଏବଂ ଶ୍ରବଣ ସୁରକ୍ଷା
**ନାରୀ:** ଶିଶୁକୁ ମାଲିସ୍ କରୁଛନ୍ତି କି ?
**କ୍ଷୁଦ୍ରଗଳ୍ପ:** ଛତା
**ଚଳଚ୍ଚିତ୍ର:** ବାଏ ବାଏ ବଲିଉଡ୍, ଚଳଚ୍ଚିତ୍ର: ଧନୀ ଗାୟିକା
**ଖେଳ:** ମନାକଲେ ଗମ୍ଭୀର...., ଫିକା ପଡ଼ିଲେ ସିନ୍ଧୁ ...।
**ମୀନାବଜାର:** ଭଲ ବ୍ୟବହାରର ଲାଭ, ଚର୍ଚ୍ଚାରେ: ବିଜୁଳି ବେଗରେ ତରଳୁଛି ବରଫ ... ବ୍ୟଙ୍ଗ: ଯାଦୁପ୍ରସାଦଙ୍କ ଚଉକି..., ପର୍ଯ୍ୟଟନ: ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଚନ୍ଦ୍ରଗିରି। ଜାଣନ୍ତି କି ? : ମହିଳା ଦିବସର ଇତିହାସ .., ସାସ୍ଥ୍ୟ: ସୁସ୍ଥ କିଡ଼ନିର ରହସ୍ୟ ଏହିଭଳି ଆହୁରି ଅନେକ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଆଇପିଏଲ୍‌ର କଡ଼ା ନିୟମ, ପରିବାର ଲୋକ ପଶିପାରିବେନି





ନୂଆଦିଲ୍ଲୀ : ମାର୍ଚ୍ଚ ୨୨ ଠାରୁ ଆରମ୍ଭ ହୋଇଯାଇଛି ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍। ଏଥିରେ ୩ ମାସ ଧରି ଜାରି ରହିବ ଟକ୍କର। କୋଲକାତାର ଇଡେନ ଗାର୍ଡେନରେ ଆଜି ଉଦଘାଟନୀ ମ୍ୟାଚ ଖେଳାଯିବ। ତେବେ ପ୍ରଥମ ମ୍ୟାଚରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଡିଫେଣ୍ଡିଂ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ’ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ତେବେ ଏଥର ଆଇପିଏଲରେ ଖେଳାଳିଙ୍କ ପାଇଁ ନୂଆ ନିୟମ ଲାଗୁ କରିଛି ବିସିସିଆଇ। ଭାରତୀୟ ଦଳ ଉପରେ କିଛି ନୂଆ ନିୟମ ଲାଗୁ କରିଛି ବିସିସିଆଇ। ସମସ୍ତ ୧୦ଟି ଯାକ ଦଳ ପାଇଁ ଏସ୍‌ଓପି ଜାରି କରିଛି ବୋର୍ଡ। ମ୍ୟାଚ ସହ ଟ୍ରେନିଂ ବେଳେ ମଧ୍ୟ ଏହି ନିୟମ ଲାଗୁ ହେବ। ଏଥର ଆଇପିଏଲରେ କେବଳ ଅଧିକୃତ ବ୍ୟକ୍ତି ହିଁ ମଇଦାନ ଏବଂ ଡ୍ରେସିଂ ରୁମକୁ ଯାଇପାରିବେ। ଅନ୍ୟଥା ଖେଳାଳିଙ୍କ ପରିବାର ଲୋକେ କିମ୍ବା ସମ୍ପର୍କୀୟ ଭିତରକୁ ଯାଇପାରିବେ ନାହିଁ।

ଆଇପିଏଲ୍ ୨୦୨୫: କେଣସି ଖେଳାଳି କିମ୍ବା ଦଳର ଅନ୍ୟ ସଦସ୍ୟଙ୍କ ପରିବାର ଲୋକେ କିମ୍ବା ସମ୍ପର୍କୀୟ ପଡିଆ ଭିତରକୁ କିମ୍ବା ଖେଳାଳିଙ୍କ ଡ୍ରେସିଂ ରୁମ ଭିତରକୁ ପ୍ରବେଶ କରିବାର ଅନୁମତି ନାହିଁ। କେବଳ ସେତିକି ନୁହେଁ ଅଭ୍ୟାସ କିମ୍ବା ଟ୍ରେନିଂ ବେଳେ ବି ନୋ ଏଣ୍ଟ୍ରି ନିୟମ ଲାଗୁ କରିଛି ବିସିସିଆଇ। ଏପରିକି ମ୍ୟାଚ ଶେଷ ହେବା ପରେ ବି ପରିବାର ଲୋକେ ସେଠାକୁ ଯିବେ ନାହିଁ କିମ୍ବା ଖେଳାଳିଙ୍କ ସହିତ ରହିବେନି।

ଆଇପିଏଲ୍ ୨୦୨୫: ଏହା ବ୍ୟତିତ ଖେଳାଳିମାନେ ନିଜ ହୋମ ଟାଉନରେ ଖେଳିବା ବେଳେ କିମ୍ବା ଅନ୍ୟ କେଣସି ସ୍ଥାନରେ ଖେଳିବା ବେଳେ ବ୍ୟକ୍ତିଗତ ଗାଡି ବ୍ୟବହାର କରିପାରିବେ ନାହିଁ। ସମସ୍ତେ ଟିମ ପାଇଁ ଥିବା ଗାଡିରେ ଯିବାଆସିବା କରିବେ। ଏଥର ଆଇପିଏଲରେ ନିୟମ କଡାକଡି କରିଛି ବିସିସିଆଇ। ଯାହାକୁ କିଛି ଲୋକ ନାପସନ୍ଦ କରୁଥିବା ବେଳେ ଅନେକ ସ୍ୱାଗତ ବି କରିଛନ୍ତି। ସୋସିଆଲ ମିଡିଆରେ ବି ଏହାକୁ ନେଇ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଆରସିବି ବନାମ କେକେଆର। ସୂଚନା ଥାଉକି, ଆଜି ଆଇପିଏଲର ଉଦଘାଟନୀ ମ୍ୟାଚ ଖେଳାଯାଇଛି।

# ଗୁକେଶଙ୍କ ସହ ଚେସ୍ ଖେଳିଲେ ଅଶ୍ୱିନ



ନୂଆଦିଲ୍ଲୀ: ଆଇପିଏଲ୍ ପୂର୍ବରୁ ନୂଆ ବିଶ୍ୱ ଚେସ୍ ବିଜେତା ଡି ଗୁକେଶଙ୍କୁ ଐତିହାସିକ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ଠାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏହି ୧୮ ବର୍ଷୀୟ ଚେସ୍ ତାରକା ସିଏସ୍‌କେ ଖେଳାଳିଙ୍କୁ ଭେଟିଥିଲେ। ସେ ମଧ୍ୟ ଭେଟେରାନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ କିଛି ସ୍ୱତନ୍ତ୍ର ମୁହୂର୍ତ୍ତ ବାଣ୍ଟିଥିଲେ। ଏହି ଦୁଇ ତାରକା ଚେସ୍ ମଧ୍ୟ ଖେଳିଥିଲେ।

ଗୁକେଶ ଗତବର୍ଷ ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ହରାଇ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ବିଜେତା ହୋଇଥିଲେ। କେବଳ ସେ ଗ୍ୟାରି କାସ୍ପାରୋଭଙ୍କ ରେକର୍ଡ ଭାଙ୍ଗି ନଥିଲେ। ସେ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ବିଶ୍ୱ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ଅଶ୍ୱିନଙ୍କ ତାଙ୍କ ସହ ଚେସ୍ ଖେଳ ନେଇ ସୋସିଆଲ୍ ମିଡିଆରେ ଖେଳ ଭାଇରାଲ୍ ହେବାରେ ଲାଗିଛି।

## କେବେ ଅବସର ନେବେ ଧୋନି !

# ହ୍ୱିଲ୍ ଚେୟାର୍‌ରେ ଥିଲେ ବି ସିଏସ୍‌କେ ଟାଣି ନେଇଯିବ



କୋଲକାତା: ପ୍ରତିବର୍ଷ କ୍ରିକେଟ୍ ପ୍ରେମୀମାନେ ଆଇପିଏଲ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି। ଏହାର ସବୁଠାରୁ ବଡ଼ କାରଣ ମଧ୍ୟ ହେଉଛନ୍ତି ଏମ୍‌ଏସ୍ ଧୋନି। ଏମ୍‌ଏସ୍ ଧୋନି ୨୦୨୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏବେ ସେ କେବଳ ଆଇପିଏଲ୍‌ରେ ଖେଳୁଥିବାର ଦେଖାଯାଉଛି। ଏହା ଆଇପିଏଲ୍‌ରେ ତାଙ୍କର ୧୮ତମ ସିଜନ୍। ଧୋନି ରବିବାର ୨୩ ମାର୍ଚ୍ଚରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବେ। ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏହି ମ୍ୟାଚ୍ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବ। ଏହି ସିଜନ୍ ଆରମ୍ଭ ହେବା ପୂର୍ବରୁ, ଧୋନି ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିବା ସହିତ ଅବସର ନେଇ ଏକ ବଡ଼ ଘୋଷଣା କରିଛନ୍ତି।

ଆଇପିଏଲରେ, ଗତ ୨-୩ ବର୍ଷ ଧରି, ପ୍ରତ୍ୟେକ ସିଜିନରେ, ଏପରି ଏକ ପରିବେଶ ରହିଛି ଯେ, ଧୋନିଙ୍କୁ ଶେଷଥର ପାଇଁ ଏହି ଲିଗରେ ଖେଳିବାର ଦେଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଗତ ସିଜିନରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା। କିନ୍ତୁ ସେ ସିଜିନ୍ ଶେଷ ସୁଦ୍ଧା ସେହି ରିପୋର୍ଟଗୁଡ଼ିକୁ ଖାରଜ କରିଦେଇଥିଲେ। ସେ ବର୍ତ୍ତମାନ ୪୩ ବର୍ଷ ବୟସର ଏବଂ ଏହି ସିଜନର ସବୁଠାରୁ ବୟସ୍କ ଖେଳାଳି ମଧ୍ୟ। ଏପରି ପରିସ୍ଥିତିରେ, ପୁଣିଥରେ ପ୍ରଶ୍ନ ଉଠୁଛି ଯେ, ଏହା କ’ଣ ଧୋନିଙ୍କର ଆଇପିଏଲର ଶେଷ ସିଜିନ୍ ତଥାପି, ଏଥର ସିଜିନ୍ ଆରମ୍ଭରେ ଧୋନି ଏ ବିଷୟରେ ନିଜର ନୀରବତା ଭାଙ୍ଗିଛନ୍ତି।

ଜିଓହଟ୍‌ଷ୍ଟାର ସହିତ ଏକ ସାକ୍ଷାତକାରରେ ଏମ୍‌ଏସ୍ ଧୋନି ଅବସର ନେଇ ଏକ ବଡ଼ ଘୋଷଣା କରିଛନ୍ତି। ତାଙ୍କ ମନ୍ତବ୍ୟରୁ, ଏହା ବିଶ୍ୱାସ କରାଯାଉଛି ଯେ, ସେ ଭବିଷ୍ୟତରେ ମଧ୍ୟ ଆଇପିଏଲ୍‌ରେ ଖେଳିବା ଜାରି ରଖିବେ। ପ୍ରକୃତରେ, ଧୋନି କହିଛନ୍ତି ଯେ, ସେ ଯେ ପର୍ଯ୍ୟନ୍ତ ଚାହିଁବେ ସେ ପର୍ଯ୍ୟନ୍ତ ସିଏସକେ ପାଇଁ ଖେଳିପାରିବେ। ସେ କହିଛନ୍ତି ଏହା ତାଙ୍କର ନିଜସ୍ୱ ଦଳ। ଏମ୍‌ଏସ୍ ଧୋନି କହିଥିଲେ, ‘ମୁଁ ଯେ ପର୍ଯ୍ୟନ୍ତ ଚାହିଁବି ସେ ପର୍ଯ୍ୟନ୍ତ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିପାରିବି।’ ଏହା ମୋର ଫ୍ରାଞ୍ଚାଇଜ୍। ଯଦିବି ମୁଁ ହ୍ୱିଲଚେୟାରରେ ଥାଏ, ସିଏସ୍‌କେ ମୋତେ ଟାଣି ନେଇଯିବ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583